ଦସ୍ୟୁ ଦୀପକ

Digitized by PPRACHIN, SOA

ଦୀପକ ସିରଜ ପ୍ରଥମ ଖଣ୍ଡ

ଦସ୍ୟୁ ଦୀପକ

ଅକ୍ଷୟ କୁମାର

Digitized by PPRACHIN, SOA

ସାଥୀ ପ୍ରକାଶନ
ଓଡ଼ିଆ ବଜାର, କଟକ

ପଞ୍ଚମ ସଂସ୍କରଣ—୧୯୮୪

କେତନ ଆର୍ଟ ପ୍ରିଣ୍ଟର୍ସ
କଟକ-୧

ମୂଲ୍ୟ : ଟ. ୫.୦୦
(ପାଞ୍ଚ ଟଙ୍କା ମାତ୍ର)

Digitized by PPRACHIN, SOA

ଏକ

ସୁସଜ୍ଜିତ ବୈଠକଖାନାର ସିଲିଂ ଫ୍ୟାନ୍‌ଟି ଧୀରବୁଲୁଥିଲା ।

ଶେଷ ଗ୍ରୀଷ୍ମର ଏକ ନରମ ସକାଳ । ବେଶ୍ ଭଲଭାବରେ ଗରମ ଲାଗୁଥିଲା ଦେହକୁ ଏଇ ସାଢ଼େ ସାତଟା ବେଳୁ ।

ଟେବୁଲ ଉପରେ ଚା' କପ୍‌ଟା ଶୀତଳ ହୋଇଗଲାଣି । ଡାହାଣ ହାତର ମଝି ଦୁଇ ଅଙ୍ଗୁଳି ଫାଙ୍କରେ ସିଗାରେଟଟା-ପୋଡ଼ି ଚାଲିଛି ଛାଇର ଦୀର୍ଘତା ବୃଦ୍ଧିରେ ସାହାଯ୍ୟ କରି । ତଥାପି ସେସବୁ ପ୍ରତି ଧ୍ୟାନ ନାହିଁ ସୁପ୍ରସିଦ୍ଧ ଡିଟେକଟିଭ ଉମାଶଙ୍କରବାବୁଙ୍କର । ତାଙ୍କ ଆଗରେ ଜଣେ ନିତାନ୍ତ ଗାଉଁଲି ଲୋକ କି ଏକ ରହସ୍ୟମୟ ଘଟଣାର ଆବୃତ୍ତି କରିବାରେ ଲାଗିଛି, ସେଆଡ଼େ ଅବଶ୍ୟ ତାଙ୍କର କାନ ଅଛି । ମାତ୍ର ଦୃଷ୍ଟି ଅଛି—ଖଣ୍ଡେ ଦୂରରେ ଗୋଟାଏ ସ୍ୱତନ୍ତ୍ର ଟେବୁଲରେ କାମ କରୁଥିବା ତାଙ୍କ ସହକାରୀ ନବୀନକିଶୋରଙ୍କ ଉପରେ । ନବୀନକିଶୋର ମଧ୍ୟ ସେତେବେଳକୁ କିଛି ଗୋଟାଏ ଗୁରୁତର କଥା ଭାବିବାରେ ମଗ୍ନ ।

ଗାଉଁଲି ଲୋକଟି ଦୁହିଁଙ୍କର ଏ ପ୍ରକାର ଢଙ୍ଗ ଦେଖି ବଡ଼ ଅପ୍ରସ୍ତୁତ ହୋଇପଡ଼ିଲା । ପ୍ରଥମ କଥା ସେ ଯାହାଙ୍କ ପାଖରେ ଅଭିଯୋଗ କରିବାକୁ ଆସିଥିଲା, ତାଙ୍କର ଅଭିଯୋଗ ଶ୍ରବଣରେ ଅନାସକ୍ତି । ଦ୍ୱିତୀୟ କଥା ହେଲା—ଏ ପର୍ଯ୍ୟନ୍ତ ଅଧଘଣ୍ଟାଏ ଧରି ସେ କେବଳ ଯାହା କହୁଚି, କିନ୍ତୁ ତା ଉପରେ ପଦେ ହେଲେ ପ୍ରଶ୍ନ ଶୁଣିନାହିଁ ବା ଆଉକିଛି ଅଧିକା କହିବାପାଇଁ ଉତ୍ସାହ ପାଇନାହିଁ । ଏଇ ଦୁଇ କାରଣରୁ ସେ କ୍ରମେ କଥା କହିବା ବନ୍ଦ କରିଦେଲା । ମଣ୍ଡଳରେ କପର ଏକ ହତାଶାର ଭାବ ଫୁଟିଉଠିଲା ।

ଉମାଶଙ୍କରବାବୁ ତାଙ୍କର ସହକାରୀ ନବୀନକିଶୋରଙ୍କୁ ଏପରି ଚାହିଁବା ଆଜି କିଛି ନୂଆ ନୁହେଁ ଯଦିଓ ସେ ଗାଉଁଲି ଲୋକଟି ପକ୍ଷେ ଏ ପ୍ରକାର ଦୃଷ୍ଟି ସମ୍ପୂର୍ଣ୍ଣ ନୂତନ ବୋଧ ହେଉଥିଲା ।

Digitized by PPRACHIN, SOA

ଉମାଶଙ୍କରବାବୁ ଅନେକ ସମୟରେ ଲକ୍ଷ୍ୟ କରନ୍ତି—ନବୀନବାବୁ କଣ ଗୋଟାଏ ଚିନ୍ତାରେ କବଡ଼ ଭାବରେ ମଗ୍ନ । ଏପରି କି ଥରେ ଦୁଇଥର ଡାକିଲେ ମଧ୍ୟ ଶୁଣିପାରନ୍ତି ନାହିଁ । ଅଥଚ କାମରେ ଟିକିଏ ହେଲେ ଖିଲାଫ୍ ନ ଥାଏ। ସବୁ କାମ ସବୁବେଳେ ସଫା । କାମବେଳେ ସବୁ ଠିକ୍ । ଦୀର୍ଘ ଦଶ ବର୍ଷ ଧରି ସେ ତାଙ୍କର ଏଇ ସହକାରୀଟିକୁ ଦେଖିଆସିଛନ୍ତି ଏବଂ ଜାଣିବାକୁ ଚେଷ୍ଟା କରିଛନ୍ତି, ମାତ୍ର ସବୁ ବୃଥା । ଆଜି ମଧ୍ୟ ସେ ଲୋକଟିର କଥା ଶୁଣୁଶୁଣୁ ନବୀନକିଶୋରବାବୁଙ୍କୁ ସେଇ ଉଦ୍ଦେଶ୍ୟରେ ଚାହିଁଥିଲେ । କିନ୍ତୁ କାନ ତାଙ୍କର ଥିଲା ଲୋକଟିର କଥା ଆଡ଼େ । ହଠାତ୍ କଥା ବନ୍ଦ ହେବା ଦେଖି ସେ ଲୋକଟି ଆଡ଼କୁ ମୁହଁ ବୁଲାଇ ପଚାରିଲେ—"ହଁ, ବନ୍ଦ କଲ କାହିଁକି ? ତା ପରେ ?"

ବାବୁ ଯେ କଥା ଆଡ଼କୁ କାନ ଦେଇଛନ୍ତି, ଏକଥା ଲୋକଟି ଏତେ-ବେଳେକେ ଜାଣିପାରି ଟିକିଏ ଅପ୍ରସ୍ତୁତ ହୋଇପଡ଼ି ପୁଣି ଆରମ୍ଭ କଲା । ଲୋକଟିର କହିବା ଶେଷ ହେଲା କିଛି ସମୟ ପରେ । ଉମାଶଙ୍କରବାବୁ ସେ ସମୟରେ ତାଙ୍କୁ ଅଧିକ ପଚାରିବା ଠିକ୍ ମନେ ନ କରି କହିଲେ—"ଆଚ୍ଛା, ତୁମର ଠିକଣା ?"

"ଆଜ୍ଞା, ମୋ ନାଁ ରାମଲାଲ ସିଂ । ଘର ଦେବନଗର ।"

"ଦେବନଗର ? ଏଠୁ ଅଠର ଉଣେଇଶ କି: ମି: ଦୂର ରାସ୍ତା ହେବ ।" ବିସ୍ମୟ ପ୍ରକାଶ କରି ପଚାରିଲେ ଉମାଶଙ୍କରବାବୁ ।

"ହଜୁର ।" ସଂକ୍ଷେପରେ ଉତ୍ତର ଦେଲା ରାମଲାଲ ସିଂ ।

ବେଶ୍, ତୁମେ ଯାଅ । ମୁଁ ଏସ୍ପି ଭିତରେ ତୁମ ନିକଟକୁ ଯାଇ ଅବଶିଷ୍ଟ ଯାହା ଦରକାର ବୁଝିଆସିବି । ଆଉ ଯେତେ ଶୀଘ୍ର ସମ୍ଭବ କିଛି ଗୋଟାଏ କିନାରା କରାଯାଇପାରେ କରିବି । ଖୁବ୍ ସରଳ ଭାବରେ ଏତିକି କହି ଉମାଶଙ୍କରବାବୁ ଟେବୁଲ ଉପରେ ଗୋଟାଏ ବୋତାମ ଟିପିଦେଲେ । ନିକଟରେ ଥିବା ଆଲମିରା ଭିତରେ ଟେପ୍ ରେକର୍ଡ଼ଟି ବନ୍ଦ ହୋଇଗଲା । ଲୋକଟି ଯାହା କହୁଥିଲା, ତାହା ଯେ ଟେପ୍ ରେକର୍ଡ଼ର ଦ୍ୱାରା ଆବଦ୍ଧ କରାଯାଉଥିଲା, ତାହା କେବଳ ଉମାଶଙ୍କରବାବୁଙ୍କ ବ୍ୟତୀତ ଆଉ କେହି ଜାଣି ନ ଥିଲେ । ଏପରି କରି ରଖିବାର ଆବଶ୍ୟକତା ଯେ କଣ ଥିଲା, ତାହା ବୋଧହୁଏ କେବଳ ସେ ନିଜେ ହିଁ ଜାଣିଥିଲେ ।

Digitized by PPRACHIN, SOA

ଲୋକଟି ଚୁଲିଗଲା ପରେ ଉମାଶଙ୍କରବାବୁ ତାଙ୍କ ସହକାରୀ ନବୀନବାବୁଙ୍କ ଆଡ଼କୁ ଚାହିଁ କହିଲେ—"ନବୀନ, ହେ ନବୀନ !"

ନବୀନବାବୁ ଚମକିଲା ପରି ହୋଇ କହିଲେ—"ଆଜ୍ଞା ।"

ଏଥର ବୋଧହୁଏ ତାଙ୍କର ଚେତନା ଆସିଥିଲା । ମାତ୍ର ଯେଉଁ ଲୋକଟି ଅଳ୍ପ ସମୟ ପୂର୍ବେ ଏଠାକୁ ଆସି କିଛି କହୁଥିଲା, ତାକୁ ନ ଦେଖି ସେ ବଡ଼ ବିସ୍ମିତ ହେଲେ । ତାଙ୍କର ବିସ୍ମୟଭାବ ଲକ୍ଷ୍ୟକରି ଉମାଶଙ୍କରବାବୁ କହିଲେ— "ସେ ଚୁଲିଗଲାଣି, କ'ଣ କିଛି ଦରକାର ଥିଲା ?"

"ନା, ତେବେ ଆଉ କିଛି ଜାଣିଥିଲେ ଭଲ ହୋଇଥାନ୍ତା ।" ନିର୍ଲିପ୍ତ ଭାବରେ କହିଲେ ନବୀନବାବୁ ।

"ଆମେ ଯାଇ ବୁଝିଆସିବା । ଠିକଣା ରହିଛି । ତେବେ ତୁମର ଧ୍ୟାନ ଟିକିଏ ଆଗରୁ ଭାଙ୍ଗିଥିଲେ ଭଲ ହୋଇଥାନ୍ତା ।"

ଏ ଲଘୁ ପରିହାସରେ ନବୀନବାବୁ ଟିକିଏ ଲଜ୍ଜିତ ହେଲେ ।

ଉମାଶଙ୍କରବାବୁ ଜାଣନ୍ତି, ନବୀନବାବୁ ଜଣେ ଅଦ୍ଭୁତ ଲୋକ । ସେ ଏତେ ଅନ୍ୟମନସ୍କ ଥିଲେ ମଧ୍ୟ ସମସ୍ତଙ୍କ ପାଖର ସବୁ କଥା ଶୁଣିଚନ୍ତି । ଅନେକ ସମୟରେ ଏପରି ଅନ୍ୟମନସ୍କ ଥିଲେ ସୁଦ୍ଧା ସବୁ ଆଡ଼କୁ ତାଙ୍କର ପୂରା ନଜର ଥାଏ । ତେବେ ଅନ୍ୟମନସ୍କତାର କାରଣଟା କଣ, ତାହା ଆଜି ପର୍ଯ୍ୟନ୍ତ ଶତ ଚେଷ୍ଟାସତ୍ତ୍ୱେ ଆବିଷ୍କାର କରିପାରି ନାହାନ୍ତି ସେ ।

ଲୋକଟା ଚୁଲିଗଲା ସତ; କିନ୍ତୁ ଉମାଶଙ୍କରବାବୁଙ୍କୁ ଘୋର ଚିନ୍ତାରେ ପକାଇଦେଇ ଗଲା । ସେ ଭାବୁଥିଲେ—ଲୋକଟାକୁ ଏତେ ଶୀଘ୍ର ଛାଡ଼ିଦେଇ ସେ ଆଦୌ ଠିକ୍ କାମ କରିନାହାନ୍ତି । ପଚାରି ବୁଝିଥିଲେ ଆହୁରି ଅନେକ କଥା ହୁଏତ ଜଣାପଡ଼ିଥାନ୍ତା । ବର୍ତ୍ତମାନ ଆଉ ଉପାୟ କ'ଣ ? ସହରର ଜନଗହଳି ଭିତରେ ସେ ହୁଏତ ଅଦୃଶ୍ୟ ହୋଇଯିବଣି । ତାକୁ ଖୋଜି ପାଇବା କଷ୍ଟ । ତଥାପି ଥରେ ଚେଷ୍ଟା କଲେ ମନ୍ଦ ହୁଅନ୍ତା ନ । ଏଇ କଥା ମନରେ ସ୍ଥିରକରି ସେ ବୈଠକଖାନାରୁ ବାହାରି ଆସିଲେ । ଗ୍ୟାରେଜରୁ ନିଜର ଆମ୍ବାସାଡ଼ାର ଖଣ୍ଡି ବାହାର କରି ମଧ୍ୟମ ଗତିରେ ଛୁଟାଇଦେଲେ ରାଜପଥ ଉପରେ ।

Digitized by PPRACHIN, SOA

ଦୁଇ

ଗତ ନଅଟା ପୂର୍ବରୁ ରମାଶଙ୍କରବାବୁ ନିଜ ବାସଭବନକୁ ଫେରିଆସିଥିଲେ । ସେଦିନ ସେ ଥିଲେ ଅତ୍ୟନ୍ତ କ୍ଳାନ୍ତ, କେବଳ ଶାରୀରିକ ଦୃଷ୍ଟିରୁ ନୁହେଁ, ମାନସିକ ଦୃଷ୍ଟିରୁ ମଧ୍ୟ । ସାରାଦିନ ସେ ରାମଲାଲକୁ ଖୋଜିଚନ୍ତି । ରୂପରେଖ ଜଣାଇ ଦକ୍ଷ ଗୋଏନ୍ଦା ଦ୍ୱାରା ସହରର ଅନ୍ଧି କନ୍ଧି ଖୋଜାଇଚନ୍ତି । ତଥାପି ତାଙ୍କର ଉଦ୍ଦେଶ୍ୟ ସଫଳ ହୋଇନି । ଏତେ ଶୀଘ୍ର ଲୋକଟା କୁଆଡ଼େ ହାତଛଡ଼ା ହୋଇଗଲା, ସେଇଟା ଥିଲା ତାଙ୍କ ଭାବନାର ବସ୍ତୁ । ସେ ଯେଉଁ ଖବରଗୁଡ଼ିକ ଦେଇଗଲା, ତାହା ଯଦି ସତ୍ୟ ହୋଇଥାଏ, ତେବେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏ ଦୃଷ୍ଟିରୁ ରାମଲାଲର ଭୂମିକା ମଧ୍ୟ ଅପରିହାର୍ଯ୍ୟ । ଏପରି ଗୋଟାଏ ଲୋକଠାରୁ ସମ୍ପୂର୍ଣ୍ଣ ବିବରଣୀ ବୁଝି ନ ନେଇ ଛାଡ଼ିଦେଇ ଥିବାରୁ ସେ ବଡ଼ ଅନୁତାପ କରୁଥିଲେ ।

ଇଚ୍ଛା କରିଥିଲେ ସେ ରାମଲାଲର ଦେଇଥିବା ଠିକଣା ଅନୁସାରେ ଦେବନଗର ଯାଇପାରି ଥାନ୍ତେ । ମାତ୍ର ସେ ପ୍ରତି ମୁହୂର୍ତ୍ତରେ ତାର ମିଳିଯିବା ଆଶା କରୁଥିଲେ । ଏ ପର୍ଯ୍ୟନ୍ତ ଦେବନଗର ଯିବାର ପ୍ରଧାନ ରାସ୍ତାମାନଙ୍କରେ ଦକ୍ଷ ସି. ଆଇ. ଡି. ମାନେ ଜଗିଛନ୍ତି । ତାକୁ ପାଇଲେ ଯେପରି ସଙ୍ଗେ ସଙ୍ଗେ ତାଙ୍କ ପାଖକୁ ପଠାଇ ଦିଅନ୍ତି, ସେଥିପାଇଁ କଡ଼ା ତାଗିଦ୍ ମଧ୍ୟ କରିଦେଇଛନ୍ତି ସମସ୍ତଙ୍କୁ । ଏତେ ବ୍ୟବସ୍ଥା ସତ୍ତ୍ୱେ ସେ ଶାନ୍ତିରେ ରହିପାରୁ ନାହାନ୍ତି । ତାଙ୍କର ଯେପରି ମନେ ହେଉଚି—ଏକାବେଳେକେ ଗୁଡ଼ାଏ ତଥ୍ୟ ହାତଛଡ଼ା ହୋଇ ଯାଇଚି ନିଜ ଅସାବଧାନତାରୁ ।

ନଳିନବାବୁ ଏ ପର୍ଯ୍ୟନ୍ତ ଫେରିନାହାନ୍ତି । ସେ କେଉଁଦିନ ଫେରନ୍ତି ତ କେଉଁଦିନ ଫେରନ୍ତି ନାହିଁ । ଫେରିବାର ଥିଲେ ଅବଶ୍ୟ ଆଠଟା ପୂର୍ବରୁ ଫେରିଆନ୍ତେ । ମାତ୍ର ଆସି ନଅଟା ହେଲାଣି । ହୁଏତ ଆଜି ସେ ଫେରିବେନି । ଅଦ୍ଭୁତ ଲୋକ ! ତାଙ୍କ ଉପରେ ମନେ ମନେ ବିରକ୍ତ ହେଲେ ସେ । ସେ ହେଲେ ଟିକଏ ପାଖରେ ଥା'ନ୍ତା । ସେ ବି ଯାଇଚି ଏତିକବେଳକୁ ଯାଃ ! ବିରକ୍ତିରେ କପାଳରେ ହାତଦେଇ ଟେବୁଲ ଉପରେ କହୁଣୀ ଭରାଦେଇ ସେ କଣ ଚିନ୍ତା କରିବାକୁ ଲାଗିଲେ । ଚିନ୍ତାର ମୁଖ୍ୟ ବିଷୟ ହେଲା ରାମଲାଲ । ତାଙ୍କର ମନେପଡ଼ିଲା, ରାମଲାଲର କଥାକୁ ସେ ଟେପ୍ ରେକର୍ଡ଼ କରି ରଖିଛନ୍ତି । କାର୍ଯ୍ୟବ୍ୟସ୍ତତା ଯୋଗୁଁ

Digitized by PPRACHIN, SOA

ସେତକ ଖୋଲି ରଖିପାରିନାହାନ୍ତି । ରାମଲାଲର ବିବୃତ୍ତି ସେତକ । ସେ ମଧ୍ୟ କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ । ମନେ ପଡ଼ିଲାକ୍ଷଣି ସେ ଚଟ୍ କରି ଉଠିଯାଇ ରେକର୍ଡ଼ଟାକୁ ଫି ାଇ ଦେଲେ । ଆଶ୍ଚର୍ଯ୍ୟ ! ଟେପ୍‌ଟା ନାହିଁ । କିଏ ନେଲା ? ତେବେ ନବୀନ କଣ ଫିଟାଇ ରଖିଚି ସେଟା । ଏଇପରି ଚିନ୍ତା କରୁ କରୁ ବଡ଼ ବ୍ୟସ୍ତ ହୋଇ ପଡ଼ିଲେ ସେ । ନବୀନବାବୁ ଯଦି ନେଇଥାନ୍ତି, ତେବେ ନିତାନ୍ତ ଦାୟିତ୍ୱଶୂନ୍ୟ ଲୋକର କାମ କରିଛନ୍ତି । ଅନ୍ତତଃ ତାଙ୍କୁ ଆରେ ଜଣାଇ ଦେବା ଉଚିତ ଥିଲା । ଏତେ ବଡ଼ ଗୁରୁତ୍ୱପୂର୍ଣ୍ଣ ଜିନିଷଟା ନେଇ ଏତେବେଳଯାଏ କୁଆଡ଼େ ଯାଇଛନ୍ତି, ଅଥଚ ଦେଖା ନାହିଁ । ବିରକ୍ତିରେ ତାଙ୍କ ମୁହଁଟା ଲାଲ ହୋଇଉଠିଲା ।

ଠିକ୍ ଏତିକବେଳେ ବାହାରେ ପାଦଶବ୍ଦ ଶୁଭିଲା । ଉମାଶଙ୍କର ବାବୁ ଜାଣିଲେ—ଏ ନବୀନବାବୁଙ୍କ ପାଦର ଶବ୍ଦ । ସେ ଦ୍ୱାର ଆଡ଼କୁ ଲକ୍ଷ୍ୟ କରି ରହିଲେ । ନବୀନବାବୁ ଦ୍ୱାର ଅତିକ୍ରମ କରି ଘର ଭିତରକୁ ପଶିଲାମାତ୍ରେ ଉମାଶଙ୍କରବାବୁ ପ୍ରଶ୍ନ କଲେ—"ଟେପ୍‌ଟା କଣ କଲ ?"

"ଟେପ୍ ! କି ଟେପ୍ ?" ଓଲଟା ପ୍ରଶ୍ନ କରିବା ସଙ୍ଗେ ସଙ୍ଗେ ନବୀନବାବୁଙ୍କ ଗତି ହଠାତ୍ ବନ୍ଦ ହୋଇଗଲା ।

ତେବେ ତୁମେ କଣ ଟେପ୍‌ଟା ନେଇନା ?" ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲେ ଉମାଶଙ୍କରବାବୁ ।

କି ଟେପ୍ କଥା କଣ, ସେ ବିଷୟରେ କିଛି ଗୋଟାଏ ସ୍ପଷ୍ଟ ଧାରଣା କରି ନ ପାରି ବଡ଼ ବିସ୍ମିତ ହୋଇପଡ଼ିଥିଲେ ନବୀନବାବୁ । ସେ ଧୀରେ ଧୀରେ ଟେବୁଲ ପାଖକୁ ଆସି ଠିଆହେଲେ ।

ଉମାଶଙ୍କରବାବୁ ବଡ଼ ଦୁଃଖିତ ହୋଇ କହିଲେ, "ଆଜି ସକାଳେ ରାମଲାଲ ଯାହାସବୁ କହୁଥିଲା, ମୁଁ ତାକୁ ଟେପ୍ କରି ନେଇଥିଲି । ତରତର ହୋଇ ତ ବାହାରିଗଲି, ସେଟା ଆଉ ଫିଟାଇ ରଖି ନ ଥିଲି । ବର୍ତ୍ତମାନ ଆସି ଦେଖେଁ ତ ରିଲ୍‌ଟା ନାହିଁ । ଭାବିଲି, ତୁମେ ରଖିଥିବ, କିନ୍ତୁ......।"

"ଆଶ୍ଚର୍ଯ୍ୟ !" କଥାରେ ବାଧା ଦେଇ କହିଲେ ନବୀନବାବୁ, "ଏଠିକୁ ଆସି ନେଲା ବା କିଏ ? ରାମଲାଲ ବା କାହିଁ ? ରାମଲାଲ ଅବା ଟେପ୍, ଦୁଇଟା ଭିତରୁ ଗୋଟାଏ ନିହାତି ଦରକାର । ରାମଲାଲ ଯଦି ମିଳେ, ତେବେ ଟେପ୍‌ଟା ଯାଉ, ବିଶେଷ କିଛି କ୍ଷତି ନାହିଁ ।"

Digitized by PPRACHIN, SOA

"ଗ୍ରାମଲାଲ ଆଗ ମିଳୁ......" ବିରକ୍ତ ହୋଇ କହିଲେ ଉମାଶଙ୍କରବାବୁ ।

"ହୁଏତ କାଲି ସକାଳୁ ସକାଳୁ ତା ଖବର ମିଳିଯାଇ ପାରେ—" ସରଳ ଭାବରେ ଏତିକି କହି ଆସନ ଗ୍ରହଣ କଲେ ନବୀନବାବୁ ।

ଉମାଶଙ୍କରବାବୁ କହିଲେ, "ସେ ଆଶା ଆଉ ରଖ ନା ନବୀନବାବୁ, ଟେପ୍‌ଟା ଗଲାବେଳରୁ ଗ୍ରାମଲାଲ ମଧ୍ୟ ଯାଇଛି । ଗ୍ରାମଲାଲ ଯଦି ମିଳିଥାନ୍ତା, ତେବେ ଟେପ୍‌ଟା ଯିଏ ଚୋରି କରିନେଲା ସେ ଚୋରି କରି ନଥାନ୍ତା । ଗ୍ରାମଲାଲ ମିଳିବାର ସମ୍ଭାବନା ନାହିଁ; ତେଣୁ ଟେପ୍ ଚୋରି ହୋଇଯାଇଛି । ଯା' ଅର୍ଥ ଗ୍ରାମଲାଲ ତ ଗଲା, ତା ସଙ୍ଗେ ସଙ୍ଗେ ସବୁ ତଥ୍ୟ ମଧ୍ୟ ଗଲା ।"

"ଏଥର ବୁଝିଲି ।" ସାମାନ୍ୟ ମୁଣ୍ଡ ହଲାଇ କହିଲେ ନବୀନବାବୁ ।

"ତୁମର ଏ କଥାଟା ଆଜି ସକାଳେ ବୁଝିବା ଉଚିତ ଥିଲା । ଗ୍ରାମଲାଲ ଯେତେବେଳେ ତାର କଥା କହୁଥିଲା, ତୁମର ସେତେବେଳେ ସେ କଥା ପ୍ରତି ଠିକ୍‌ଏ ଧ୍ୟାନ ରଖିବା ଉଚିତ ଥିଲା । ତା ସଙ୍ଗେ ସଙ୍ଗେ ଟେପ୍ ରିଲ୍‌ଟାର ସୁରକ୍ଷା ମଧ୍ୟ କରିବାର ଥିଲା; କିନ୍ତୁ ତୁମେ ସେତେବେଳେ ଧ୍ୟାନମଗ୍ନ ଥିଲ ।" ବିରକ୍ତ ହୋଇ ଏତିକି କହି ଅନ୍ୟ ଦିଗକୁ ମୁହଁ ବୁଲାଇନେଲେ ଉମାଶଙ୍କରବାବୁ ।

ନବୀନବାବୁ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଆଜି ପ୍ରଥମ ଥର ପାଇଁ ଉମାଶଙ୍କରବାବୁଙ୍କର ଏ ବିରକ୍ତ ବୋଧହୁଏ ଦେଖିଲେ । ପ୍ରକୃତରେ ସବୁ ଦୋଷ ନ ହେଲେ ବି ନିଜକୁ ସେ ଆଂଶିକ ଦୋଷୀ ସ୍ୱୀକାର କରିନେଲେ । ମାତ୍ର ଚିନ୍ତା କଲେ ସୁଦ୍ଧା ଉପାୟ ନାହିଁ । ଯାହା ହେବାର ହୋଇଗଲାଣି । ନବୀନବାବୁ ଉମାଶଙ୍କରବାବୁଙ୍କୁ ଆଉ କିଛି ପଚାରି ବିରକ୍ତ କରିବାକୁ ଉଚିତ ମନେ କଲେ ନାହିଁ । ପାଖ ଟେବୁଲ ଉପରୁ ଫୋନ୍ ଉଠାଇ ଡାକିଲେ ପୋଲିସ୍ ହେଡ୍‌କ୍ୱାଟରକୁ । ଉମାଶଙ୍କରବାବୁଙ୍କ ବୈଠକଖାନାରୁ ଟେପ୍ ରିଲ ଚୋରିଯିବା କଥା ଜଣାଇବା ସଙ୍ଗେ ସଙ୍ଗେ ଗ୍ରାମଲାଲର ସନ୍ଧାନ ଯେପରି ଭଲ ଭାବରେ ନିଆଯାଏ, ସେ ବିଷୟ ଆଉ ଥରେ ସ୍ମରଣ କରାଇ ଦେଲେ ।

× × × ×

ଦୁଶ୍ଚିନ୍ତା ଯୋଗୁଁ ରାତିଟାସାରା ଶୋଇ ପାରୁନାହାନ୍ତି ଉମାଶଙ୍କରବାବୁ । ବୈଠକଖାନାର ପାଖକୁ ଲାଗି ଗୋଟାଏ ରୁମ୍ । ସେଇଟା ତାଙ୍କର ଶୋଇବା ଘର ।

Digitized by PPRACHIN, SOA

ନବୀନବାବୁ ସବୁରେ ସୁନ୍ଦର ଇଚନ୍ତି ପୋଲିସ ବାରକ୍‌କୁ । କେବେ କେବେ ସେ ଉମାଶଙ୍କର ବାବୁଙ୍କ ବୈଠକଖାନାରେ ମଧ୍ୟ ଶୋଇପଡ଼ନ୍ତି । ମାତ୍ର ଗ୍ରାମଗଳର ଖବର ବୁଝିବାରେ ଟିକିଏ ତତ୍ପର ରହିବା ପାଇଁ ସେ ସେଦିନ ଚାଲିଯାଇଚନ୍ତି ପୋଲିସ୍ ବାରକ୍‌କୁ । ସେତେବେଳକୁ ରାତି ଦୁଇଟା । ଉମାଶଙ୍କରବାବୁ ଘୋର ଚିନ୍ତାମଗ୍ନ । ତାଙ୍କୁ ଜଣାଗଲା, ଯେମିତି ବୈଠକଖାନା ଦରଜାଟା ଖୁବ୍ ଆସ୍ତେ ଖୋଲିଗଲା । ଶବ୍ଦଟା ପ୍ରଥମେ ତାଙ୍କୁ ବଡ ଅସ୍ୱାଭାବିକ ବୋଧହେଲା । ମାତ୍ର ପରେ ସେ ଚିନ୍ତାକରି ଦେଖିଲେ—ଯାହା ସେ ଶୁଣିଚନ୍ତି, କିଛି ଭୁଲ ଶୁଣିନାହାନ୍ତି । ବୈଠକଖାନାର କବାଟ ସେ ନିଜେ ବନ୍ଦ୍ କରି ଆସିଚନ୍ତି । ଆଜ୍ଞା ପୁଣି ଟେପ୍ ରିଲ୍‌ଟା ଖୋଲି ଯାଇଚି । ପୁଣି କିଏ କି ଉଦ୍ଦେଶ୍ୟରେ ଏ ରାତି ଅଧରେ କବାଟ ଖୋଲିଚି ? ଅତି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଅବଶ୍ୟ ସେଠାରେ ନାହିଁ । ତଥାପି ଯେତିକି ସେଠି ଅଛି, ତାହା କିଛି କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ ।

କ୍ଲାନ୍ତି, ଦୁଶ୍ଚିନ୍ତା ଆଉ ଅନିଦ୍ରା—ଏଇ ତିନୋଟିର ପ୍ରଭାବରେ ଉମାଶଙ୍କର-ବାବୁ ନିଜକୁ ଅତି ଦୁର୍ବଳ ମନେ କରୁଥିଲେ । ସେ ଭାବୁଥିଲେ, ତାଙ୍କର ବିଛଣାରୁ ଉଠି ବସିବାକୁ ମଧ୍ୟ ଶକ୍ତି ନାହିଁ । ମାତ୍ର କର୍ତ୍ତବ୍ୟର ଅନୁରୋଧକୁ ଏଡ଼ାଇଦେବାର ଶକ୍ତି ତାଙ୍କର ନ ଥିଲା । ସେ ନିଃଶବ୍ଦତାର ସହିତ ଉଠି ବସିଲେ । ତକିଆ ତଳୁ ରିଭଲଭର ଆଉ ଟର୍ଚ୍ଚ ଲାଇଟ୍‌ଟି ନେଇ ସେ ପାଦ ଚିପି ଚିପି ଆଗେଇ ଗଲେ ସେଇଆଡ଼କୁ ।

ବୈଠକଖାନା ଦରଜା ପାଖରେ ପହଞ୍ଚି ସେ ଦେଖିଲେ, ତାଙ୍କ ଆଶଙ୍କା ଓ ଅନୁମାନ୍ ଠିକ୍ । ଘରର ଦରଜାଟା ମେଲା ଅଛି । କାରଣଟା ଟିକେ ଭଲଭାବରେ ଜାଣିବା ପାଇଁ ସେ କାନ ଡେରିଲେ ସେ ପର୍ଯ୍ୟନ୍ତ କେହି ସେ ଘରେ ଗୋଳମାଳ କରୁଥିବାର ଶବ୍ଦ ଶୁଣାଯାଉଚି । ଉମାଶଙ୍କରବାବୁ ଚିନ୍ତିତ ହୋଇ ପଡ଼ିଲେ— ବର୍ତ୍ତମାନ ପରିସ୍ଥିତିରେ କଣ କରାଯାଇପାରେ ? ଭିତରକୁ ଯିବା ନିରାପଦ ନୁହେଁ । କାରଣ, ସାମାନ୍ୟ ସୁବିଧା ପାଇଲେ ଖୋଲା ଝରକା ବାଟେ ଦେଇ ଲୋକଟା ବାହାରକୁ ପଳାଇ ଯାଇପାରେ । ଅନ୍ୟ ଝରକାଗୁଡ଼ାକ ବନ୍ଦ ଥିଲେ ମଧ୍ୟ ଗୋଟାଏ ଝରକ ଖୋଲା ଅଛି ।

ଯାହାହେଉ, ରିଭଲଭରଟାକୁ ବାଁ ହାତରେ ବାଗେଇ ଧରି ଟର୍ଚ୍ଚଟାକୁ ଟିପିଦେଲେ । ଉଜ୍ଜ୍ୱଳ ଆଲୋକ ବିଚ୍ଛୁରିତ ହୋଇପଡ଼ିଲା ଘରସାରା । ସେଇ ଆଲୋକରେ

Digitized by PPRACHIN, SOA

ସେ ସ୍ପଷ୍ଟ ଦେଖି ପାରିଲେ—କେହି ଜଣେ ସର୍ବାଙ୍ଗ କଳା ବୋରଖା ଆବୃତ ହୋଇ ଟେପ୍ ରେକର୍ଡ଼ରଟା ପାଖରେ ନଇଁପଡ଼ିଛି । ଉମାଶଙ୍କରବାବୁଙ୍କ ମୁହଁରେ ହସ ଫୁଟିଉଠିଲା ।

ସେ ବଜ୍ରଗମ୍ଭୀର ସ୍ୱରରେ କହିଲେ—"ଏଥର ହାତ ଦୁଇଟାକୁ ଉପରକୁ ଉଠାଇଦିଅ ବନ୍ଧୁ !"

ବୋରଖା ଆବୃତ ବ୍ୟକ୍ତିଟିଏ ଆକସ୍ମିକ ପରିସ୍ଥିତି ପାଇଁ ଆଦୌ ପ୍ରସ୍ତୁତ ନ ଥିଲା । ଉମାଶଙ୍କରବାବୁଙ୍କ ସ୍ୱରରେ ଆଦେଶ ଶୁଣି ସେ ହଠାତ୍ କର୍ତ୍ତବ୍ୟ ସ୍ଥିର କରି ନ ପାରି ନିର୍ବାକ ହୋଇ ଠିଆ ହୋଇଗଲା । ତା'ପରେ ଆସ୍ତେ ଦୁଇଟିଯାକ ହାତ ଉପରକୁ ଉଠାଇଦେଲା ଉପାୟହୀନ ହୋଇ ।

ଉମାଶଙ୍କରବାବୁ ପିସ୍ତଲଟା ସେଇଆଡ଼େ ବାଡ଼େଇ ଧରି ଘରର ସୁଇଚ୍ ଟିପିଦେଲେ । ଉଜ୍ଜ୍ୱଳ ବିଜୁଳି ଆଲୁଅ ଭରିଗଲା ଘରଟାସାରା । ସେ ଧୀରେ ଧୀରେ ଲୋକଟା ପାଖକୁ ଯାଉଥିଲେ । ହଠାତ୍ ଝରକା ପାଖରେ କାହାର ଶଭଲ୍ ଭରି ଗର୍ଜିଉଠିଲା । ଠିକ୍ ସେଇ ମୁହୂର୍ତ୍ତରେ ବୋରଖାଧାରୀ ଲୋକଟା ଚଟାଣ ଉପରେ ଲେଟିପଡ଼ିଗଲା । ଦୁଇ ତିନ ଥର ହାତଗୋଡ଼ ଟିକିଏ ହଲିଗଲା ପରେ ଦେହଟା ତାର ନିଷ୍ପନ୍ଦ ହୋଇଗଲା ।

ସୁଦକ୍ଷ ଡିଟେକ୍ଟିଭ ଉମାଶଙ୍କରବାବୁ ଆଖିର ପଲକମାତ୍ରେ ଖୋଲା ଝରକା ନିକଟକୁ କୁଦିପଡ଼ି ଆଲୁଅ ପକାଇଲେ । କିନ୍ତୁ କେହି ନାହିଁ । ପାଖରେ ବୈଠକଖାନାସଂଲଗ୍ନ ବଗିଚାଟାରେ ମଧ୍ୟ କେହି ଲୁଚି ରହିଥିଲାପରି ବଡ଼ ଗଛଲତା ନାହିଁ । ଟର୍ଚ୍ଚ ଆଲୋକରେ ସାରା ବଗିଚାଟା ତନ୍ନତନ୍ନ କରି ଦେଖିହେଉଛି ସେଇଠୁ । ଲୋକଟା କଣ ଏଇ ପାଖରେ ଅଛି କେଉଁଠି ? ଠିକ୍ ଏତିକିବେଳେ ତାଙ୍କର ସନ୍ଦେହ ଦୂର କରି ବଗିଚା ଆର ପାଖରେ ଗୋଟାଏ ମୋଟର ସାଇକେଲ ଷ୍ଟାର୍ଟ ହେବାର ଶବ୍ଦ ଶୁଣାଗଲା । ତା' ପରେ ପରେ ଖୁବ୍ ଦ୍ରୁତଗତିରେ ଯାନଟା ପୂର୍ବ ଦିଗରେ ଗତି କରିଗଲା ବୋଲି ନିଶ୍ଚିତ ଭାବରେ ଜାଣିପାରିଲେ ସେ ।

ଗୋଟାଏ ଦୀର୍ଘ ନିଃଶ୍ୱାସ ପକାଇ ସେ ଫେରିଆସିଲେ ପୂର୍ବବର୍ଣ୍ଣିତ ବୋରଖାଧାରୀ ଲୋକଟା ପାଖକୁ । ପୋଲିସ ହେଡ୍‌କ୍ୱାଟରକୁ ଫୋନ୍ କରିଦେଇ ସେ ଟିକିଏ ଅପେକ୍ଷା କଲେ । ଆପାତତଃ ଜଣେ କେହି ସାହାଯ୍ୟକାରୀ ନ ଆସିବା ପର୍ଯ୍ୟନ୍ତ କିଛି କରିବାକୁ ସେ ଉଚିତ ମନେ କଲେ ନାହିଁ । ପ୍ରାୟ ଦଶମିନିଟ୍ ମଧ୍ୟରେ

Digitized by PPRACHIN, SOA

ଗୋଟାଏ ପୋଲିସ ଜିପ୍‌ରେ ନବୀନବାବୁ ଆଉ କେତେଜଣ ପୋଲିସ ସଙ୍ଗରେ ଧରି ଆସି ସେଠି ପହଞ୍ଚିଗଲେ । ଉମାଶଙ୍କରବାବୁ ପୋଲିସଙ୍କ ଆସିବା ଶୁଣୁ ନ ଥିଲେ, କାରଣ ଆତତାୟୀ ଖୁବ୍ ନିରାପଦରେ ତାର ଆଡ୍‌ଡାରେ ପହଞ୍ଚି ବିଶ୍ରାମ ନେବଣି ଏତେବେଳକୁ । ତେଣୁ ସେ ପୋଲିସ ଜିପ୍ ଆଉ ପୋଲିସ କେତେଜଣଙ୍କୁ ଥାନାକୁ ଫେରାଇଦେଲେ । ରହିଲେ କେବଳ ତାଙ୍କର ସହକାରୀ ନବୀନବାବୁ ।

ଉମାଶଙ୍କର ବାବୁଙ୍କ ନିର୍ଦ୍ଦେଶରେ ନବୀନବାବୁ ବୋଉଖାକୁ ବାହାର କରି ନେଲେ ଲୋକଟା ଦେହରୁ । ପରିଷ୍କାର ବିଜୁଳି ଆଲୁଅରେ ଲୋକଟା ମୁହଁକୁ ଚାହିଁ ସେ ଚମକିପଡ଼ିଲେ । ଆରେ ! ଏ ଯେ ଦାଗୀ ହୋସେନ ଅଲ୍ଲୀ । ତାଙ୍କର ବିସ୍ମୟ ବହୁଗୁଣରେ ବଢ଼ିଗଲା । ହୋସେନ୍ ଅଲ୍ଲୀ ସାମାନ୍ୟ ଚୋର ମାତ୍ର । କେଉଁଠୁ ଲୋଟାଟେ କି ଗରାଟେ, କେଉଁ ଦୋକାନରୁ ଶାଢ଼ୀ ଖଣ୍ଡେ କି ଚଦରଟାଏ—ଏଇ ହେଲା ତାର ଚୋରି କରିବାର ଲକ୍ଷ୍ୟ ଜିନିଷ । ସେ ପୁଣି ଆଜି ତାଙ୍କ ବୈଠକ-ଖାନାରେ ଟେପ୍ ରେକର୍ଡ଼ ଚୋରି କରିବାପାଇଁ···ତେଣିକି ଆଉ ସେ ଭାବିପାରିଲେ ନାହିଁ । ହୋସେନ୍ ଅଲ୍ଲୀ ପଛରେ ଯେଉଁ ଅଦୃଶ୍ୟ ହାତ ଥିଲା, ସେ ତାକୁ ହତ୍ୟା କରିଛି । ନ ହେଲେ ଧରାପଡ଼ିବାର ଆଶଙ୍କା ଥିଲା ବହୁତ ବେଶି ବୋଧହୁଏ । ଆଚ୍ଛା ହେଉ, ଦେଖାଯାଉ କେଉଁ ପାଣି କେଉଁ ଆଡ଼କୁ ଗଡ଼ୁ କରୁଚି ।

ଉମାଶଙ୍କରବାବୁଙ୍କର ବିସ୍ମିତ ଭାବ ଦେଖି ନବୀନବାବୁ ପ୍ରଥମେ ନୀରବତା ଭାଙ୍ଗି ପଚାରିଲେ, "ଘଟଣାଟା କଣ ହେଲା ଆଜ୍ଞା ?"

ଉମାଶଙ୍କରବାବୁ ସଂକ୍ଷେପରେ ଘଟଣାଟା ବର୍ଣ୍ଣନା କଲେ ତାଙ୍କ ଆଗରେ ।

ନବୀନବାବୁ ଉତ୍ସାହିତ ହୋଇ କହିଲେ, "ଠିକ୍ ଅଛି । ତେବେ ଘଟଣାଟା ଯେତେ ସୁବିଧାଜନକ ବୋଧହେଉ ନାହିଁ ମୋତେ । ରାମଲାଲ୍ ସକାଳେ ଯେଉଁ କଥା କହିଗଲା, ସେ ରେକର୍ଡ଼ିଂ ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ । କେବଳ ସେଇ ଜିନିଷଟି ପାଇଁ ରାମଲାଲ୍ ଗଲା । ମୋର ଅନୁମାନ, ଆମେ ତାକୁ ଖୋଜି ପାଇବା ନାହିଁ କେବେ । ତାର ରେକର୍ଡ଼ିଂ ଗଲା, ରେକର୍ଡ଼ିଂ ପାଇଁ ଆସିଥିବା ଲୋକ ମଧ୍ୟ ଗଲା । ତେବେ ସେ ଜିନିଷ ତ ସାଧାରଣ ହୋଇ ନ ଥିବ କେବେ !"

"ତୁମେ ତାହା ହେଲେ କହୁଚ ହୋସେନ ଅଲ୍ଲୀ ପ୍ରକୃତ ଆସାମୀ ?" ଉମାଶଙ୍କରବାବୁ ନବୀନବାବୁଙ୍କୁ ଚାହିଁ କହିଲେ ।

Digitized by PPRACHIN, SOA

"ନା ନା, ଆଦୌ ନୁହେଁ ସାର୍ ! ହୋପସନ୍ ଅଲ୍ଲୀ ମାମୁଲି ଲୋକ । ସେ ଏତେ ବଡ଼ କଥା ଧାରଣା କରିବାର ବାହାରେ । ମୁଁ ଭାବୁଚି, ଏଇତକ କାମ କରିବାପାଇଁ ସେ ହୁଏତ କାହାର ଦ୍ୱାରା ନିଯୁକ୍ତ ହୋଇଥିଲା ।"

"ମୁଁ ମଧ୍ୟ ଠିକ୍ ସେଇଆ ଭାବୁଚି ।" ନବୀନବାବୁଙ୍କ କଥାରେ ସମର୍ଥନ ଜଣାଇ କହିଲେ ଉମାଶଙ୍କରବାବୁ ।

"ବର୍ତ୍ତମାନ ସବୁ ପାଇବାକୁ ହୁଏତ ବେଶି ଡେରି ନାହିଁ । ଆମକୁ ବର୍ତ୍ତମାନ ପ୍ରସ୍ତୁତ ହୋଇଯିବାକୁ ପଡ଼ିବ । ଖୁବ୍ ସକାଳୁ ରାମଲାଲ୍ ସିଂ ସନ୍ଧାନରେ ଦେବନଗର ଯିବାକୁ ହେବ । ବର୍ତ୍ତମାନ ପାଇଁ ଲାସ୍‌ଟାକୁ ପୋଲିସ ଜିମାରେ ଦିଆଯାଉ । ଦେବନଗରରୁ ଫେରିଲେ ଯାହା ହେବ ।" ନବୀନବାବୁ ଏତକ କହି ଚୁପ୍ ରହିଲେ ।

ଉମାଶଙ୍କରବାବୁ ନୀରବରେ ସମ୍ମତି ଜଣାଇଲେ । ପୁଣି କିଛିକ୍ଷଣ ପରେ କଣ ଭାବି କହିଲେ, "ନା ନା ଲାସ୍‌ଟା ଆପାତତଃ ଆମେ ଦେବନଗରରୁ ଫେରିବା ପର୍ଯ୍ୟନ୍ତ ଏଇଠି ପୋଲିସ ତତ୍ତ୍ୱାବଧାନରେ ଥାଉ । ମୁଁ ନିଜେ ଲାସ୍‌ଟାକୁ ପରୀକ୍ଷା କରି ଦେଖିବି । ତୁମେ ଥାନାକୁ ଫୋନ୍ କରି ଦୁଇଜଣ ପହରାବାଲା ମଗାଇନିଅ ।"

ନବୀନବାବୁ ଟେଲିଫୋନ୍‌ରେ ଡାଏଲ ଘୁରାଇ ଡାକୁଥିଲେ, "ହାଲୋ, ହାଲୋ ପୋଲିସ ଷ୍ଟେସନ୍......।"

ତିନି

ସହରର ଗ୍ରଣ୍ଡ ଭିତର ଦେଇ ଯେଉଁ ମସୃଣ କଳା ପିଚୁରାସ୍ତାଟି ସର୍ପିଳ ଗତିରେ ପଶ୍ଚିମ ଦିଗକୁ ପଡ଼ିଚି—ସେଇଟି ଯାଇଚି ଦେବନଗର ଆଡ଼େ । ସହର ସୀମା ଅତିକ୍ରମ କରି ଗଲେ ତେଣିକି ରାସ୍ତାର ଦୁଇପଟେ ଦେଶି ଜଙ୍ଗଲିଆ । ନିବିଡ଼ ଜଙ୍ଗଲ ଅବଶ୍ୟ ନୁହେଁ, ତଥାପି ହେଟା, ଗଧିଆ ଏବଂ ବଣାକୁଡ଼ ଓ ଗୋଟେ ବଡ଼ ସାପ ଲୁଚି ରହିବା ପରି ଜଙ୍ଗଲ । ବସ୍ତୁତ ଜନବହନ୍ତି ଅଭାବ ଯୋଗୁଁ ରାସ୍ତା ନିର୍ଜନ ।

ସେଇ ରାସ୍ତାରେ ଦ୍ରୁତଗାମୀ ଜିପ୍‌ରେ ଖୁବ୍ ଭୋରରୁ ଯାଉଥିଲେ ବିଖ୍ୟାତ ଡିଟେକ୍‌ଟିଭ ଉମାଶଙ୍କରବାବୁ ଆଉ ତାଙ୍କ ସହକାରୀ ନବୀନବାବୁ । ଉଭୟେ ପୋଲିସ ପୋଷାକରେ ସଜ୍ଜିତ । ଦୁହେଁ ପରସ୍ପର ମଧ୍ୟରେ କୌଣସି ଆଳାପ କରୁ ନ ଥିଲେ । ଉଭୟେ ଥିଲେ ଚିନ୍ତିତ ।

Digitized by PPRACHIN, SOA

"ଏଇ ଆଗ ମୋଡ଼ଟା ପରେ ଦେବନଗର ହେବ ବୋଧହୁଏ ?" ଜିପ୍‌ର ବେଗ ଟିକିଏ କମାଇ କମାଇ ଉମାଶଙ୍କରବାବୁ କହିଲେ—

"ସମ୍ଭବ ସେୟା ।" ଅ-ଚଳିତ ସ୍ୱରରେ ଉତ୍ତର ଦେଲେ ନବୀନବାବୁ ।

ଆଗରେ ଦେବନଗର; କିନ୍ତୁ ପ୍ରକୃତରେ ସେଟା ନଗର ନୁହେଁ । ଖାଲି ନାଁଟା ସେମିତି । ପ୍ରକୃତ କ୍ଷେତ୍ରରେ ସାମାନ୍ୟ ପଲ୍ଲୀ ଗାଁ ଟିଏ । ପାଖରେ ଗାଁକୁ ଲାଗି ଏଣୁ ତେଣୁ ବ୍ୟବହାର୍ଯ୍ୟ ଜିନିଷର ଦୋକାନ ଦୁଇ ଚାରିଟା ଅଛି । ସାଧାରଣତଃ ବନ୍ୟଜାତ ପଦାର୍ଥ, ଯଥା—ଝୁଣା, କେନ୍ଦୁପତ୍ର, ଲାଖ, ଚମଡ଼ା ପ୍ରଭୃତି ଆମଦାନୀର ଗୋଟିଏ ପ୍ରଧାନ କେନ୍ଦ୍ର ବୋଲି ସ୍ଥାନଟାର ଯାହା ପ୍ରସିଦ୍ଧି । ଏହାଛଡ଼ା ଏଠି ଦର୍ଶନୀୟ ବସ୍ତୁ ସେପରି କିଛି ନାହିଁ କହିଲେ ଚଳେ । ସ୍ଥାନୀୟ ଲୋକଗୁଡ଼ା ମଧ୍ୟ ଶିକ୍ଷିତ ବା ମାର୍ଜିତ ନୁହନ୍ତି । ନପଟ ଗାଉଁଲି କହିଲେ ଯାହା ବୁଝାଯାଏ, ସେମାନେ ସେୟା ଛଡ଼ା ଆଉ ଅଧିକ ନୁହନ୍ତି ।

ଆଗର ଯେଉଁ ମୋଡ଼ଟାକୁ ଉମାଶଙ୍କରବାବୁ ଲକ୍ଷ୍ୟ କରିଥିଲେ, ସେଇ ଜାଗାଟା ଦେବନଗର ଗ୍ରାମର ଆରମ୍ଭ ସ୍ଥାନ । ପ୍ରଥମେ କେତେଟା ଦୋକାନ, ତା' ପରେ ଗ୍ରାମର ଆରମ୍ଭ । ମୋଡ଼ ନିକଟରେ ପହଞ୍ଚି ଜିପ୍ ବ୍ରେକ୍ କଲେ ଉମାଶଙ୍କରବାବୁ । ସ୍ଥାନ ଅଜ୍ଞାତ । ମାତ୍ର ରାସ୍ତାକଡ଼ରେ ଗୋଟି ଦୋକାନୀ ଚୁଲିରେ କୋଇଲା ଦେଇ ନିଆଁ ଧରାଉଥିଲା ସେତେବେଳକୁ । ତା'ର ଦୋକାନ ଆଗରେ ଗୋଟାଏ ଜିପ୍, ପୁଣି ସେଥିରେ ଆରୋହୀ ପୋଲିସ ପୋଷାକଧାରୀ ବ୍ୟକ୍ତି ଦୁଇ ଜଣଙ୍କୁ ଦେଖି ତାର ବିସ୍ମୟର ସୀମା ରହିଲା ନାହିଁ । କାମ କରୁ କରୁ ଆତଙ୍କଭରା ଦୃଷ୍ଟିରେ ସେ ଚାହିଁଲା ସେଇଆଡ଼କୁ ।

—"ଏଇ ଗାଁରେ ରାମଲାଲ ସିଂ ବୋଲି ଜଣେ କିଏ ଅଛି କହିପାରିବେ ?" ଜିପ୍ ଦରଜାବାଟେ ମୁହଁ ଗଳାଇ ପଚାରିଲେ ଉମାଶଙ୍କରବାବୁ ।

ଲୋକଟା ନିରୀପଦ ପ୍ରଶ୍ନଟାଏ ଶୁଣି ଟିକିଏ ଆଶ୍ୱସ୍ତ ହେଲା । ପୁଣି ପରମୁହୂର୍ତ୍ତରେ ମୁହଁଟା ତାର ଶେତା ପଡ଼ିଗଲା । ସେ କାଠ କାଠ ହୋଇ କହିଲା, "ହଁ, ଅଛି ହଜୁର ! କିନ୍ତୁ ବିଚରା କାଲି ରାତିରେ......"

ଲୋକଟିର କଥା ଶୀଘ୍ର ବୁଝିବାକୁ ବ୍ୟସ୍ତ ହୋଇ ଉମାଶଙ୍କରବାବୁ କହିଲେ, "କଣ କାଲି ରାତିରେ ?"

"......ବିଚରା ଖୁନ୍ ହୋଇଯାଇଛି ।"

Digitized by PPRACHIN, SOA

"ଖୁନ୍ ?" ଉମାଶଙ୍କରବାବୁ ଚିତ୍କାର କରିଉଠିଲେ ।

ନବୀନବାବୁ ଜିପ୍‌ର ଦରଜା ଖୋଲି ଆସି ବାହାରେ ଠିଆହୋଇ ପଚାରିଲେ "ଆଚ୍ଛା, ତା'. ଘରଟା କେଉଁଠି କହିଦେଇପାରିବ ?"

"ଏଇ ଆଗରେ, ହଜୁର !" କହିବା ସଙ୍ଗେ ସଙ୍ଗେ ଲୋକଟା ସାମ୍ନା ରାସ୍ତା ଆଡ଼କୁ ହାତ ବଢ଼ାଇଦେଲା ।

ଆଉ ମୁହୂର୍ତ୍ତେ ସୁଦ୍ଧା ବିଳମ୍ବ ନ କରି ନବୀନବାବୁ ପୁଣି ଜିପ୍‌ରେ ଯାଇ ବସିଲେ । ଜିପ୍‌ଟା ଗଡ଼ିଚାଲିଲା ଆଗକୁ ।

ଖୁବ୍ ବେଶି ବାଟ ଯିବାକୁ ହେଲାନାହିଁ ତାଙ୍କୁ । ଖଣ୍ଡେ ବାଟ ଗଲାପରେ ରାସ୍ତା ଉପରେ କେତେଜଣ ଲୋକ ଏପଟ ସେପଟ ହେଉଥିବାର ସେମାନେ ଦେଖି ପାରିଲେ । ସେମାନଙ୍କ ପ୍ରତ୍ୟେକଙ୍କ ମୁହଁରେ ଦୁଃଖ ଓ ଆତଙ୍କର ଚିହ୍ନ ସ୍ପଷ୍ଟ ବାରି ହୋଇଯାଉଥିଲା । ଉମାଶଙ୍କରବାବୁ ଅନୁମାନ କଲେ—ରାମଲାଲର ହତ୍ୟାକାଣ୍ଡ ଜନିତ ପ୍ରତିକ୍ରିୟା ଏହା ହେବ ବୋଧହୁଏ । ଯାହାହେଉ ଆଉ ପଚାଶ ମିଟର ଖଣ୍ଡେ ଗଲାପରେ ସେ ଦେଖିଲେ—ଗୋଟାଏ ଘର ସାମନାରେ ଦଶ ବାରଜଣ ଲୋକ ଘେରି ଠିଆ ହୋଇଛନ୍ତି । ସେଇଟା ରାମଲାଲର ଘର ହେବ ଭାବି ସେଇଠି ଜିପ୍ ବନ୍ଦ କଲେ ସେ । ଘରଭିତରୁ ସ୍ତ୍ରୀ ସ୍ୱରର ବାହୁନା କାନ୍ଦଣା ଆସୁଥିଲା ।

ପୋଲିସ ପୋଷାକଧାରୀ ଲୋକ ଗାଡ଼ିରୁ ଓହ୍ଲାଇବା ଦେଖି ଲୋକମାନେ ଆଡ଼େଇ ହୋଇଗଲେ । ରାସ୍ତା ଉପରୁ ଦରଜା ପର୍ଯ୍ୟନ୍ତ ଦଶ କଦମ ରାସ୍ତାକୁ ପାଞ୍ଚ କଦମରେ ଅତିକ୍ରମ କରି ଉମାଶଙ୍କରବାବୁ ଆଉ ନବୀନବାବୁ ଯାଇ ସେଠି ପହଞ୍ଚିଗଲେ । ଦେଖିଲେ—ରାମଲାଲର ଶବଟା ଚିତ୍ତ ହୋଇ ପଡ଼ିଛି । ତା'ର ଗ୍ରୀବାରେ ଶଭଲଭରର ଫ୍ଳେଟ ବାଜିଛି । ଗୁଡ଼ାଏ ରକ୍ତ ବହି ମାଟି ଚଟାଣରେ ଭେଦି ଶୁଖିଯାଇଛି । ଆଉ ଗୋଟାଏ ବିଶେଷ ଜିନିଷ ଉମାଶଙ୍କରବାବୁଙ୍କ ଦୃଷ୍ଟିକୁ ଆକର୍ଷଣ କଲା । ତା ହେଉଛି ରାମଲାଲର ଆଖି । ଆଖି ଦୁଇଟା ତାହାର ଅସମ୍ଭବ ଭାବରେ ବଡ଼ ହୋଇଯାଇଛି । ଯେ କେହି ଲୋକ ଯାହା ଅନୁମାନ କରିବ ଯେ, ମଲା ପୂର୍ବରୁ ସେ ଖୁବ୍ ଭୟ ପାଇଛି ବୋଧହୁଏ । ଭୟ ବ୍ୟତୀତ ଅନ୍ୟ କୌଣସି ପରିସ୍ଥିତିରେ ଆଖି ଦୁଇଟା ଏତେଦୂର ବିସ୍ଫାରିତ ହେବା ଅସ୍ୱାଭାବିକ ।

ଉମାଶଙ୍କରବାବୁଙ୍କର ମନେପଡ଼ିଲା—ଗଲା କାଲି ଏଇ ରାମଲାଲ ତାଙ୍କ ବୈଠକଖାନାରେ ତାଙ୍କୁ କେତେକ ବିଷୟ କହୁଥିଲା । ସେଥିରେ ଭୟର କାରଣ

Digitized by PPRACHIN, SOA

ଅବଶ୍ୟ ଯଥେଷ୍ଟ ଥିଲା । ତେବେ ରାମଲାଲର ମୃତ୍ୟୁ କଣ ସେଇ କାରଣଜନିତ ? ଏ ସବୁ କଥା ଭାବିବା ସଙ୍ଗେ ସଙ୍ଗେ ତାଙ୍କର କପାଳର ରେଖା କୁଞ୍ଚିତ ହୋଇ ଆସୁଥିଲା । ସେ ଏକଧ୍ୟାନରେ ରାମଲାଲର ଶବଟା ଆଡ଼େ ଚାହିଁ ରହିଥିଲେ ।

ଯେ କେତେଜଣ ଲୋକ ସେଠି ରୁଣ୍ଡ ହୋଇଥିଲେ, ପୋଲିସ ଆଗମନ ଦେଖି ସେମାନେ ଚାଲିଗଲେଣି ସେଠୁ । ସମସ୍ତଙ୍କ ମନରେ ବିସ୍ମୟ—ଖୁନ୍ ହେଲା ପରେ ପରେ ପୋଲିସ ଖବର ପାଇଲା କେମିତି ? ଉମାଶଙ୍କରବାବୁ ଦେଖିଲେ, ଜଣେ ଯୁବକ ବ୍ୟତୀତ ଅନ୍ୟମାନେ ଚାଲିଗଲେଣି । ସେ ଯୁବକଟିକୁ ଚାହିଁଲେ । ମୁହଁରେ ତାର ଦୁଃଖର ଚିହ୍ନ ସୁସ୍ପଷ୍ଟ । ଆଖିରୁ ଲୁହର ଧାର ଗଡ଼ି ପଡ଼ୁନି ଯଦିଓ, ତେବେ ଛଳ ଛଳ ହେଉଛି । ସେ ଅନୁମାନ କଲେ, ଏ ବୋଧହୁଏ ରାମଲାଲର ନିକଟ ଆତ୍ମୀୟ କେହି ହେବ । ନିଜର ସନ୍ଦେହ ଦୂର କରିବାପାଇଁ ସେ ତାକୁ ପଚାରିଲେ, "ତୁମେ ଏଙ୍କର ?"

"ହଜୁର ! ମୋର ବାପା ।"

"ଓଃ ! ଅଚ୍ଛା, ଏ ଘଟଣା ଘଟିଲା କେତେବେଳେ କହିପାରିବ ?" ରାମଲାଲର ଶବଆଡ଼କୁ ହାତ ବଢ଼ାଇ କହିଲେ ଉମାଶଙ୍କରବାବୁ ।

ରାମଲାଲର ପୁଅ କାନ୍ଦ କାନ୍ଦ ହୋଇ କହିଲା, "ସେ କଥା ମୁଁ କଣ ଜାଣେ ହଜୁର ? ବାପା ତ କାଲି ସକାଳୁ ସହରକୁ ଯାଇଥିଲା । ସନ୍ଧ୍ୟାସରିକି ତାର ନ ଫେରିବା ଦେଖି ମୋତେ ଖରାପ ଲାଗିଲା । ମୁଁ ଯାଇ ଲୋକଙ୍କୁ ତା ଖବର ପଚାରିଲି କିନ୍ତୁ ସେମାନେ କେହି କହିପାରିଲେନି । ମୁଁ ସେଇ ଚିନ୍ତାରେ ରାତିସାରା ଶୋଇ ପାରିଲି ନାହିଁ । କାଳେ ବୁଢ଼ା ଆସିବ ! ରାତି ପାହାନ୍ତା ହେବ କି କଣ ଦାଣ୍ଡ ଦରଜାରେ କଣ ଗୋଟାଏ କଚଡ଼ିକି ପଡ଼ିଲା ପରି ଶବ୍ଦ ହେଲା । ମୋ ନିଦଟା ଭାଙ୍ଗିଗଲା । ମୁଁ ଭାବିଲି ବୁଢ଼ା ଆସିଗଲା କି କଣ । କିଛି ସମୟ କାନପାରିଲି । ଆଉ କିଛି ଶୁଭିଲାନି । ମୋର ଭ୍ରମ ହୋଇଥିବ ଭାବି ମୁଁ ବି ଉଠିଆସିନି ବାହାରକୁ । ଆଜି ଖୁବ୍ ସକାଳୁ ଆସି ଦେଖେତ···" ସେ ଆଉ କହିପାରିଲା ନାହିଁ, କଇଁ କଇଁ ହୋଇ କାନ୍ଦିଉଠିଲା ।

ଉମାଶଙ୍କରବାବୁ ଦେଖିଲେ ଏଥିକୁ ବିଶେଷ କିଛି ପଚରାପଚରି କରିବାରେ ଲାଭ ନାହିଁ । ତଥାପି ଦୁଇ ଚାରି କଥା ବୁଝିବା ପାଇଁ କହିଲେ, "ଅଚ୍ଛା, ତାର କଣ କେହି ସେପରି ଶତ୍ରୁ ଥିଲା ?"

Digitized by PPRACHIN, SOA

"ନା ହଜୁର ! ଆମେ ତ କାହାରି ଭଲ ମନ୍ଦରେ ନ ଥାଉ । ଆମେ ବାପପୁଅ ଦୁହେଁ ଜମିଦାର ସାହେବଙ୍କ କୋଠିରେ ମାଳି କାମ କରୁ । ମୁଁ ରହେ ଜମିଦାର ସାହେବଙ୍କ ଖୋଦ ବଗିଚାରେ । ଆଉ ବାପା ରହେ ତାଙ୍କ ଭାଇଙ୍କ ବଗିଚାରେ ତାଙ୍କରି ଦତ୍ତ ଜମିରେ ଆମର ଗୁଜୁରାଣ ଚଳାଇ ନେଉ ।"

"ଜମିଦାର ? କେଉଁଠିକା ଜମିଦାର ?" ବିସ୍ମିତ ହୋଇ ପଚାରିଲେ ରମାଶଙ୍କରବାବୁ । ତାଙ୍କର ଧାରଣା ଉପରେ ଟିକିଏ ବଦଳିଗଲା ପରି ଜଣାଗଲା ।

"ରାଜା ଶୁଭେନ୍ଦ୍ର ନାରାୟଣ ସିଂହଦେଓ ହଜୁର ! ଏଇ ଡାକବଙ୍ଗଳାଠୁ ଗଲେ ତାଙ୍କ କୋଠି ପଡ଼େ ।"

"ଆଚ୍ଛା, ତୁମେ ବୁଢ଼ାର ଭୟର କାରଣ କିଛି ଲକ୍ଷ୍ୟ କରିଥିଲ ? ଧର, ଏଇ ଦୁଇ ଚାରି ଦିନ ଭିତରେ ?"

ରାମଲାଲ ସିଂହର ପୁଅ ଟିକିଏ ଆଶ୍ଚର୍ଯ୍ୟ ହୋଇ କହିଲା, "ନାହିଁ ହଜୁର ! ମୁଁ ଆଗରୁ କିଛି ଲକ୍ଷ୍ୟ କରିପାରି ନ ଥିଲି । କିନ୍ତୁ ବର୍ତ୍ତମାନ ବୁଝିପାରୁଛି, ବାପା ଗଲା ଛଅଁଚାରିଦିନ ହେବ ଖୁବ୍ ଡରୁଥିଲା ।"

"କେମିତି ଜାଣିପାରୁଚ ?"

"ଜମିଦାରଙ୍କ ବଗିଚାରେ କାମ ସାରି ଫେରୁ ଫେରୁ ପ୍ରତିଦିନ ପ୍ରାୟ ରାତି ହୁଏ । କେଉଁଦିନ ବାପା ଆଗେ ଆସେ ତ କେଉଁଦିନ ମୁଁ ଆଗେ ଆସେ । ଏଇ ଚାରିଦିନ ତଳେ ଦିନେ ମୁଁ ଆଗେ ଚାଲିଆସିଥିଲି । ବାପା ସେଦିନ ଟିକେ ଡେରିରେ ଫେରିଥିଲା । ସେ ଘରକୁ ଆସି ଥକ୍କା ହୋଇ ବସିପଡ଼ିଲା କେତେବେଳଯାଏ । ତା ପରେ ମୋତେ ଡାକି କହିଲା, 'ରଘୁ, ତୋର ଯଦି ବେଳୁସୁ କାମ ସରେ, ତେବେ ମୋ ପାଇଁ ଅପେକ୍ଷା କରି ରହିଥିବୁ । ସାଙ୍ଗ ହୋଇ ଆସିବା ।' ସେଇଦିନଠୁ ଆମେ ସାଙ୍ଗ ହୋଇ ଆସୁ । କିନ୍ତୁ ସେଇଦିନଠୁ ବାପାର ଭାବାନ୍ତର ମୁଁ ଲକ୍ଷ୍ୟ କରିଚି । ସଞ୍ଜ ଅନ୍ଧାର ହେଲେ ସେ କାମ ବନ୍ଦ କରି ମୋରି ପାଖେ ପାଖେ ରହେ । ରାତିରେ ବି ଥରେ ହେଲେ ବାହାରକୁ ବାହାରେ ନାହିଁ । ଆଜି ଜାଣୁଚି ସେ ଡରୁଥିଲା ବୋଲି ।"

"ଆଚ୍ଛା, ଏଇ ଦୁଇ ଚାରିଦିନ ଭିତରେ ତୁମ ଘରକୁ ବା ତୁମ ବାପାଙ୍କୁ ଦେଖା କରିବା ପାଇଁ ସେପରି କେହି ଲୋକ ଆସିଥିଲେ, ଯାହାଙ୍କୁ କି ସନ୍ଦେହ କରିବାର କିଛି କାରଣ ଥିଲା ?"

Digitized by PPRACHIN, SOA

ରଘୁ କିଛି ସମୟ ଚିନ୍ତା କରି କହିଲା—"ନା, ହଜୁର ସେପରି କେହି ଲୋକ ଆସିନାହାନ୍ତି ।"

ଉମାଶଙ୍କରବାବୁ ଦେଖିଲେ ରଘୁ ବିଚାରୀ ନିତାନ୍ତ ନିରୀହ ଲୋକ । ତାକୁ ଏଣୁ ତେଣୁ ଗୁଡ଼ାଏ ପଚରାପଚରି କରିବାରେ ଲାଭ କିଛି ନାହିଁ । ବରଂ ଘାବୁରେଇ ଯାଇ ଭୁଲ ଉତ୍ତର ଦେଇପାରେ । ସେ ତାକୁ ଆଉ କିଛି ପ୍ରଶ୍ନ ନ ପଚାରି ରାମଲାଲର ଶବଟାକୁ ପରୀକ୍ଷା କରିବାରେ ଲାଗିଗଲେ । ତାଙ୍କ ନିର୍ଦ୍ଦେଶରେ ନବୀନବାବୁ ବିଭିନ୍ନ ଦିଗରୁ ଶବଟାର ଚାରି ପାଞ୍ଚଟି ଫଟୋ ଉଠାଇନେଲେ । ତା ପରେ ଉମାଶଙ୍କରବାବୁ ଶକ୍ତିଶାଳୀ ମାଗ୍ନିଫାଇଙ୍ଗ୍ ଗ୍ଲାସ୍ ଦ୍ୱାରା ଶବଟାର ବିଭିନ୍ନ ସ୍ଥାନ ପରୀକ୍ଷା କରିବାକୁ ଲାଗିଲେ । ମାତ୍ର ଆଶ୍ଚର୍ଯ୍ୟର କଥା, କେଉଁଠି କିଛି ଚିହ୍ନ ଟିକିଏ ହେଲେ ନାହିଁ । ନବୀନବାବୁଙ୍କ ସହାୟତାରେ ସେ ଶବଟାକୁ ଲେଉଟାଇ ଦେଲେ । ଦେଖିଲେ, ରିଭଲ୍‌ଭରର ଗୁଳି ପୃଷ୍ଠବାଟେ ବାଜି ପିଠିବାଟେ ବାହାରିଯାଇଛି ; ମାତ୍ର ଯଥେଷ୍ଟ ରକ୍ତ ବହିନି । ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ତାଙ୍କର ସନ୍ଦେହ ଆଉ ଗୋଟିଏ କାରଣ ମଧ୍ୟ ଥିଲା । ତାହା ହେଉଛି, ସାଧାରଣତଃ ରିଭଲଭରର ବୁଲେଟରେ ଯଦି ରାମଲାଲ ସେଇଠି ମରିଥାଏ, ତେବେ ଆପାତତଃ ଯେପରି ଭାବରେ ତାର ପଡ଼ିବାର କଥା, ସେ ସେପରି ଭାବରେ ପଡ଼ି ନାହିଁ । ତାଙ୍କ ମନରେ ସ୍ପଷ୍ଟ ଧାରଣା ହେଲା ଯେ, ରାମଲାଲର ମୃତ୍ୟୁ ପରେ ପରେ ସାଧାରଣଙ୍କ ମନରେ ଭ୍ରାନ୍ତ ଧାରଣା ଜନ୍ମାଇବା ପାଇଁ ରିଭଲଭର ଦ୍ୱାରା ତାକୁ ଆଘାତ କରାଯାଇଛି । ଶବର ମୁଖଭଙ୍ଗୀରୁ ଜଣାଯାଉଛି ସେ ମଲାବେଳେ ଖୁବ୍ ଭୟଭୀତ ହୋଇପଡ଼ିଛି । ଏଣୁ ଅତିରିକ୍ତ ଭୟ ହିଁ ମୃତ୍ୟୁର କାରଣ ବୋଲି ସେ ସ୍ଥିର କରିନେଲେ ।

ଗାଁର ଆଉ କେତେଜଣ ଘଟଣାଟା ସମ୍ପର୍କରେ ଟିକିଏ ଜାଣିବାପାଇଁ ଆସି ପହଞ୍ଚି ଯାଇଥିଲେ ସେଠି । ଅଯଥା ଗହଳି ନ ବଢ଼ାଇ ଉମାଶଙ୍କରବାବୁ ରଘୁକୁ ଶବଦାହ କରିବାକୁ କହି ସେଠାରୁ ଚାଲି ଆସିଲେ ।

ସମୁଦାୟ ଘଟଣାଟା ଚକ୍ରପରି ତାଙ୍କ ମଥା ଭିତରେ ଘୂରି ବୁଲୁଥିଲା ।

ଚାରି

ନିଜ ବାସଭବନରେ ପହଞ୍ଚି ଉମାଶଙ୍କରବାବୁ ପ୍ରଥମେ ବୈଠକଖାନାକୁ ଚାଲିଲେ । ପୋଲିସ କେଇଜଣ ଯଥାର୍ଥ ଭାବେ ନିଜ କର୍ତ୍ତବ୍ୟରେ ହାଜର ଅଛନ୍ତି ।

Digitized by PPRACHIN, SOA

ହୋସେନ୍ ଅଲ୍ଲୀର ଶବଟା ଯିମିତ ପଡ଼ିରହିଛି ଚଟାଣ ଉପରେ--କାଲି ଠିକ୍ ଯେମିତ ପଡ଼ିଥିଲା । କିଛି ସମୟ ବିତିଯାଇଚ ସ୍ତ୍ରୀ ଭିତରେ । ସେଥିପାଇଁ ଶବଟା ଅପେକ୍ଷାକୃତ ବିକୃତ ହୋଇଯାଇଚ ବୈଠକଖାନା ଭିତରେ ହବାଲୋକ ସ୍ପଷ୍ଟ ଉମାଶଙ୍କର-ବାବୁ ପୋଷାକ ପତ୍ର ନ ବଦଳାଇ ସିଧା ଗୃଲିଲେ ଶବ ପାଖକୁ ।

ନବୀନବାବୁଙ୍କ ସହଯୋଗରେ ଶବଟାକୁ ଓଲଟପାଲଟ କରି ଘଣ୍ଟାଏ ପର୍ଯ୍ୟନ୍ତ ପରୀକ୍ଷା କରି ଦେଖିଲେ ଉମାଶଙ୍କରବାବୁ । ସେ ଆଗରୁ ଅବଶ୍ୟ ବହୁତ କିଛି ସନ୍ଦେହ କରୁଥିଲେ, ମାତ୍ର ପରୀକ୍ଷା କରି ଯାହା ଦେଖିଲେ, କିଛି ନାହିଁ । ଖାଲି ଶବଟା ଅପେକ୍ଷାକୃତ ଫୁଲିଯାଇଛି । ଶବଟାର ପକେଟ ଇତ୍ୟାଦିରୁ ମଧ୍ୟ କିଛି ହେଲେ ମିଳିଲା ନାହିଁ, ଖାଲି ଟେଙ୍କଡ଼େଟା ବଡ଼ ଆଉ ଗୋଟାଏ ଦିଆସିଲି ଛଡ଼ା । ଗୋଟାଏ ଦୀର୍ଘ ନିଃଶ୍ୱାସ ପକାଇ ସେଠୁ ଉଠିଆସିଲେ ସେ । ତାଙ୍କର ଆଶା ହତାଶାରେ ପରିଣତ ହେଲା । ଆଗରୁ ଶବଟାକୁ ଡାକ୍ତରୀ ମାଇନାକୁ ପଠାଇବା ପାଇଁ ସେ ଭାବୁଥିଲେ, ମାତ୍ର ବର୍ତ୍ତମାନ ଦେଖିଲେ, ତାର ଆବଶ୍ୟକତା ମଧ୍ୟ ନାହିଁ ।

ଆଜି ଫୁରସତ୍ ଦେଖି ହୋସେନ୍ ଅଲ୍ଲୀର ଘରଆଡ଼େ ଥରେ ବୁଲି ଆସିବା ପାଇଁ ମନେ ମନେ ସ୍ଥିର କଲେ ସେ ।

* * *

ଧନ ଛଟା ହେବ । ଉମାଶଙ୍କରବାବୁ ହୋସେନ ଅଲ୍ଲୀର ଘର ପାଖରେ ପହଞ୍ଚିଲବେଳକୁ ଘରର ଦରଜା ତାର ବନ୍ଦ ଥିଲା । ହୋସେନ୍ ଅଲ୍ଲୀର ଘର ସେଇ ସହରର ଗୋଟାଏ କୁଖ୍ୟାତ ଗଳିରେ । ସାଧାରଣତଃ ତାରି ଶ୍ରେଣୀର ଲୋକଙ୍କର ନିବାସ ସେଇଠି । ପୋଲିସ କର୍ମଚାରୀ ହିସାବରେ ଉମାଶଙ୍କରବାବୁଙ୍କର ସେ ସ୍ଥାନଟା ଅପରିଚିତ ନୁହେଁ । କର୍ତ୍ତବ୍ୟ ଅନୁରୋଧରେ ଏକାଧିକ ବାର ସେ ସେଠାକୁ ଯାଇଛନ୍ତି । ସେଠାକାର ବାସିନ୍ଦାମାନେ ଉମାଶଙ୍କରବାବୁଙ୍କୁ ଭଲଭାବରେ ଚିହ୍ନନ୍ତି ଏବଂ ଯମଠାରୁ ବଳି ଭୟ କରନ୍ତି ମଧ୍ୟ ।

ଦୁଆର ସାମନାରେ କିଛି ସମୟ ଠିଆ ହୋଇ ସେ ଦରଜାରେ ନିଜର ହାତବାଡ଼ି ଦ୍ୱାରା ଠକ୍ ଠକ୍ ଶବ୍ଦ କଲେ । ତାର ଠିକ୍ ପରେ ପରେ ଜଣେ ସ୍ତ୍ରୀଲୋକ ଦରଜା ଖୋଲିଦେଲା । ମାତ୍ର ହଠାତ୍ ଉମାଶଙ୍କରବାବୁଙ୍କୁ ଦେଖିପକେଇ ଚମକିଲା ପରି ହୋଇ ଫେରିଗଲା । ଖୁବ୍ ସମ୍ଭବ ଉମାଶଙ୍କରବାବୁଙ୍କୁ ଦେଖିବ ବୋଲି ସେ ଆଶା କରୁ ନ ଥିଲା କି କଣ !

Digitized by PPRACHIN, SOA

ଉମାଶଙ୍କରବାବୁ ଯେଉଁ କେଇଟି ମୁହୂର୍ତ୍ତ ପାଇଁ ସ୍ତ୍ରୀଲୋକଟିକୁ ନିଜ ଦୃଷ୍ଟି ଭିତରେ ରଖିଥିଲେ, ସେତିକରୁ ତାଙ୍କର ଧାରଣା ହୋଇଥିଲା ଯେ, ଏ ହୋସେନ ଅଲ୍ଲୀର ସ୍ତ୍ରୀ । ରୂପସୀ, ଷୋଡ଼ଶୀ ନ ହେଲେ ବି ନିତାନ୍ତ କୁତ୍ସିତା ବା ବୃଦ୍ଧା ନୁହେଁ । ହୋସେନ୍ ଅଲ୍ଲୀ ନିଜର ଅଭିରୁଚି ନେଇ ସ୍ତ୍ରୀ ନିର୍ବାଚନ କରିଛି । ସେଥିରେ ଅସ୍ୱାଭାବିକତା କିଛି ନାହିଁ ।

"ମୁଁ ଗୋଟାଏ ଖବର ଦେବାକୁ ଆସିଥିଲି ।"—କହିବା ସଙ୍ଗେ ସଙ୍ଗେ ଉମାଶଙ୍କରବାବୁ ଦରଜା ଭିତରକୁ ଗୋଟାଏ ପାଦ ବଢ଼ାଇଲେ । ଗୃହ ଯାଉ ଯାଉ ସ୍ତ୍ରୀଲୋକଟି ମଧ୍ୟ ଖଣ୍ଡେ ଦୂରରେ ଅଟକିଗଲା ଉମାଶଙ୍କରବାବୁଙ୍କ ଆଡ଼କୁ ପଛ କରି ।

"ହୋସେନ୍ ଅଲ୍ଲୀ ବର୍ତ୍ତମାନ ବହୁତ ଅସୁବିଧାରେ ପଡ଼ିଯାଇଛି । ତୁମେ ଯଦି ମୋ କଥାର ଠିକ୍ ଠିକ୍ ଜବାବ ଦେବ ତ ସେ ଉଦ୍ଧାର ପାଇପାରେ । ନ ହେଲେ ପୁଣି କେଇ ବରଷ ଜେଲଖାନାରେ କଟାଇବାକୁ ପଡ଼ିବ ତାକୁ ।"

ଜେଲଖାନା ନାଁ ଶୁଣି ସ୍ତ୍ରୀ ଲୋକଟି ଚମକିପଡ଼ିଲା । ସେ ଏକାବେଳକେ ଉମାଶଙ୍କରବାବୁଙ୍କ ଆଡ଼କୁ ବୁଲିପଡ଼ି ଆତୁର ହୋଇ କହିଲା, "ହଜୁର, ମା ବାପ ! ସେ କଥା କୁହନ୍ତୁ ନାହିଁ । ଏଇତ ବର୍ଷେ ହେଲା ଜେଲ୍ ଖଟି ଖଟି ଆଠଦିନ ହେବ ଖଲାସ ହୋଇ ଆସିଛି । ଯେତେ ତାକୁ ବୁଝାଇଲି ଏ ହାରାମ କାମ ନ କରିବାକୁ, ସେ କଣ ମାନୁଛି ମାସେ, ଦୁ'ମାସ ଭଲରେ ରହୁଛି, ପୁଣି ଯୋଉ କଥାକୁ ସେହି କଥା । ହଜୁର ଟିକିଏ ଦୟା କରନ୍ତୁ, ଯେମିତି ସେ ଜେଲ ନ ଯାଏ ଏଥର ।"

ସ୍ତ୍ରୀଲୋକଟିର ଆତୁରତାରୁ ଉମାଶଙ୍କରବାବୁ ଅନୁମାନ କଲେ, ଔଷଧଟା ଠିକ୍ କାମ କରିଛି । ସେ ଆଶା ଦେଇ କହିଲେ, 'ସେ ଜବାବ୍ ମୁଁ ତୁମକୁ ଦେଉଛି । କିନ୍ତୁ ତୁମକୁ ମୋ କଥାର ଯଥାର୍ଥ ଉତ୍ତର ଦେବାକୁ ହେବ ।"

ସ୍ତ୍ରୀଲୋକଟି ଆଉ ଟିକିଏ ଆଗେଇ ଆସି କହିଲା, "ପଚାରନ୍ତୁ ହଜୁର ।"

ଉମାଶଙ୍କରବାବୁ ପଚାରିଲେ, "ଭଲକରି ମନେ ପକାଇ କୁହ, ହୋସେନ୍ ଅଲ୍ଲୀକୁ ଗତ ଦୁଇ ତିନି ଦିନ ଭିତରେ କିଏ କିଏ ଦେଖା କରିବାକୁ ଆସିଥିଲେ ?"

ସ୍ତ୍ରୀଲୋକଟି ଅଳ୍ପ ସମୟ ଭାବି କହିଲା, 'ଏଇ ଚାରି ଛଅଦିନ ଭିତରେ ମୁଁ ତାକୁ ବାହାରକୁ ମୋଟେ ଛାଡ଼ି ନାହିଁ । କେତେ ଆମ ବସ୍ତିବାଲା ରମଜାନ୍, ସାଧୁଆ, ରାମଚରଣିଆ—ଏଇମାନେ ଆସିଥିଲେ ଦେଖା କରିବାକୁ । ଆଉ ପଅରଦିନ କିଏ ଜଣେ ସାହେବୀ ପୋଷାକ ପିନ୍ଧା ବାବୁଲୋକ ଆସିଥିଲେ ତାଙ୍କୁ ମୁଁ ଜାଣେନି ।"

Digitized by PPRACHIN, SOA

"ସେ ପଅରଦିନ କେତେବେଳେ ଆସିଥିଲେ ?" ଗମ୍ଭୀର ହୋଇ ପ୍ରଶ୍ନ କଲେ ଉମାଶଙ୍କରବାବୁ ।

—'ହଜୁର, ସେ ସେଦିନ ଦୁଇଥର ଆସିଥିଲେ । ଥରେ ଆସିଥିଲେ ଖୁବ୍ ସକାଳୁ ସ୍ୟରଙ୍କ ସଙ୍ଗରେ ଦେଖା କରି ଗଲେ କଣ କଥାବାର୍ତ୍ତା ସାରି । ପୁଣି ଆସିଥିଲେ ରାତିକୁ ଟଙ୍କା ନେଇ ।

—"କି ଟଙ୍କା ?" କଥା ମଝିରେ ବାଧାଦେଇ ପଚାରିଲେ ଉମାଶଙ୍କରବାବୁ ।

—''ଶହେ ଟଙ୍କା ସେ ବାବୁଙ୍କଠାରୁ ଫେରି ମୋତେ ତ ଶହେ ଟଙ୍କା ଦେଲେ । ମୁଁ ପଚାରିଲି, କି ଟଙ୍କା ଏସ୍ତ ? ମୋତେ କହିଲେ—ବାବୁର ଗୋଟେ ବଡ଼ କାମ କରିଦେଇଥିଲି ଅନେକ ଦିନ ଆଗେ । ଏସ୍ତ ତା'ରି ଦକ୍ଷିଣ ।"

—"ଆଚ୍ଛା, ତା ପରେ

—ତା ପରେ ସେଇ ବାବୁ ସାଙ୍ଗରେ କୁଆଡ଼େ ଗଲେ; ଆଉ ଫେରିନାହାନ୍ତି ।"

ଉମାଶଙ୍କରବାବୁଙ୍କର ଇଚ୍ଛା ହେଉଥିଲା କହିଦେବେ, "ସେ ଆଉ ଏ ଜନ୍ମ ପାଇଁ ଫେରିବ ନାହିଁ ମଧ୍ୟ ।" କିନ୍ତୁ କଥାଟା ତାଙ୍କର ଗଳା ପାଖରେ ଅଟକିଗଲା । କହିଦେବା ଦ୍ୱାରା ଆବଶ୍ୟକୀୟ ତଥ୍ୟ ହୁଏତ ପାଇ ନ ଆନ୍ତେ । ଆଉମଧ୍ୟ ସ୍ତ୍ରୀଲୋକଟି ସାଙ୍ଘାତିକ ଭାବରେ ହତାଶ ହୋଇପଡ଼ନ୍ତା । ସେ କଥା ମନରେ ରଖି ଉପରକୁ ପ୍ରସନ୍ନତା ଦେଖାଇ ସେ କହିଲେ—"ତୁମେ ଯାହା ସବୁ କହିଲ, ସେ ସବୁଗୁଡ଼ିକ ଯେ ସତ କଥା, ସେଥିରେ ମୁଁ ବିଶ୍ୱାସ କରୁଛି । ଆଚ୍ଛା ସେ ଟଙ୍କା ଆଣିଲ ମୁଁ ଦେଖେଁ ।"

ସ୍ତ୍ରୀଲୋକଟି ପାଖର ଗୋଟାଏ ଗ୍ରେଟ କୋଠରି ଭିତରେ ପଶିଲା । ବାହାରେ ଥାଇ ଶବ୍ଦରୁ ଉମାଶଙ୍କରବାବୁ ଅନୁମାନ କଲେ,ସେ ଗୋଟିଏ ଟିଣ ବାକ୍ସ ଖୋଲିଲା ଏବଂ ବନ୍ଦକଲା । ତା ପରେ ପରେ ଦଶଟଙ୍କିଆ ନୋଟ ଦଶ ଖଣ୍ଡି ଆଣି ଉମାଶଙ୍କରବାବୁଙ୍କ ହାତକୁ ବଢ଼ାଇଦେଲା ।

ଉମାଶଙ୍କରବାବୁ ଦେଖିଲେ—ସବୁଗୁଡ଼ିକ ନୂଆ ନୋଟ । ଏପରିକି ନମ୍ବରର କ୍ରମ ପର୍ଯ୍ୟନ୍ତ ଠିକ୍ ରହିଚି । ସେଗୁଡ଼ିକ ଦରକାରରେ ଆସିପାରେ ଭାବି ସେ କଜର

Digitized by PPRACHIN, SOA

ମନିବ୍ୟାଗରୁ ଅନ୍ୟ ଟଙ୍କା ବାହାର କରି ହୋସେନ୍ ଅଲ୍ଲୀର ସ୍ତ୍ରୀ ହାତରେ ଶହେ ଟଙ୍କା ଗଣିଦେଲେ । ନୂଆନୋଟ କେତେଖଣ୍ଡ ଖୁବ୍ ଯତ୍ନରେ ନିଜ ମନିବ୍ୟାଗରେ ସାଇତି ରଖିଲେ ।

ବିନା ଆପତ୍ତିରେ ସ୍ତ୍ରୀଲୋକଟି ଟଙ୍କାଗୁଡ଼ିକ ସଜାଡ଼ି ରଖିଲା । ଉମାଶଙ୍କରବାବୁ କହିଲେ—"ଆଚ୍ଛା, ସେ ସାହେବୀ ପୋଷାକ ପିନ୍ଧା ବାବୁକୁ ତୁମେ ଦେଖିଲେ ଚିହ୍ନିପାରିବ ?"

ସ୍ତ୍ରୀଲୋକଟି ଉତ୍ଫୁଲ୍ଲ ହୋଇ କହିଲା, "ହଁ, ମୁଁ ତାକୁ ଚିହ୍ନିପାରିବି ନିର୍ଭୁଲ ଭାବରେ । ତାକୁ ଯେ କେହି ଚିହ୍ନି ଦେବେ । ତା ବାଁପାଖ କାନରୁ ଅଧେ ନାହିଁ । ସେଇ ତ ତାକୁ ଚିହ୍ନିବାରେ ଭୁଲ କରାଇଦେବ ନାହିଁ ।"

ଉମାଶଙ୍କରବାବୁ କଥାଟାକୁ ଧରିନେଲେ ମନେ ମନେ । "ବାଁପାଖ କାନରୁ ଅଧେ ନାହିଁ" କଥାଟାକୁ ମନେ ମନେ ଦୁଇ ଚାରି ଥର ଗୁଣି ହୋଇ ହୋସେନ୍ ଅଲ୍ଲୀକୁ ନିରାପଦରେ ରଖିବାର ଆଶା ଦେଇ ସେଠାରୁ ଚାଲିଆସିଲେ । ନିତାନ୍ତ ଭଙ୍ଗା ମନ ନେଇ ।

ତଥ୍ୟ ସେ ଅବଶ୍ୟ ସଂଗ୍ରହ କରିଥିଲେ । କିନ୍ତୁ ମନରେ ଦୁଃଖ ଥିଲା—ସେ ଗୋଟାଏ ସ୍ତ୍ରୀଲୋକକୁ ସାଂଘାତିକ ଭାବରେ ଠକିଦେଇଚନ୍ତି ।

ପାଞ୍ଚ

ଦୁଇଟି ହତ୍ୟାକାଣ୍ଡ ସମ୍ବାଦ ସାଧାରଣ ମହଲରେ ପ୍ରକାଶ ପାଇଯାଇଥିଲା । ଖାଲି ଯେ ପ୍ରକାଶ ପାଇଥିଲା ତାହା ନୁହେଁ, ତାର ତୀବ୍ର ପ୍ରତିକ୍ରିୟା ମଧ୍ୟ ଦେଖା-ଯାଇଥିଲା । ବିଭିନ୍ନ ମହଲରେ ଉତ୍କଟ ସମାଲୋଚନା କରାଯାଉଥିଲା ପୋଲିସ ବିଭାଗକୁ । ହେବାର କଥା ମଧ୍ୟ । କାରଣ ହତ୍ୟାକାଣ୍ଡ ହେଲା—ବିଚକ୍ଷଣ ଗୋଇନ୍ଦା ଉମାଶଙ୍କରବାବୁଙ୍କ ଘରେ ଏବଂ ତାଙ୍କର ଉପସ୍ଥିତି କଥା କିଏ ବୁଝିବ ! ସମସ୍ତେ ପୋଲିସ ବିଭାଗର ଚରମ ଅପାରଗତା ଦେଖାଇବାରେ ବ୍ୟସ୍ତ ।

ଏ କଥାଟା ଏତିକରେ ମଧ୍ୟ ମେଣ୍ଟିନି । ପ୍ରକୃତ ଘଟଣା କଣ, ଉପଯୁକ୍ତ ତଥ୍ୟାତଥ୍ୟ କଣ, କେତେଦୂର ଏବଂ କପରି ଭାବରେ ସଂଗ୍ରହ କରାଯାଉଛି, ସେ ବିଷୟ ବିଶଦ ଭାବରେ ଜଣାଇବା ପାଇଁ ଉପର ମହଲରୁ କଡ଼ା ତଲବ ମଧ୍ୟ

Digitized by PPRACHIN, SOA

ଆସିଗଲାଣି ଉମାଶଙ୍କରବାବୁଙ୍କ ନିକଟକୁ । ଏଇଟିକୁ କାରଣରୁ ଉମାଶଙ୍କରବାବୁ ଖାଲି ଚିନ୍ତିତ ନୁହନ୍ତି, ବିବ୍ରତ ମଧ୍ୟ । ସମସ୍ତଙ୍କୁ ସନ୍ତୁଷ୍ଟ କରିପାରିଲା ଭଳି କୌଣସି ତଥ୍ୟ ସେ ପର୍ଯ୍ୟନ୍ତ ପାଇନାହାନ୍ତି କି ପାଇବାକୁ ସକ୍ଷମ ହୋଇନାହାନ୍ତି । ବହୁତ ଚିନ୍ତା କରିଚନ୍ତି; କିନ୍ତୁ ଘଟଣା ଯୋଉ ଅନ୍ଧକାରକୁ ସେଇ ଅନ୍ଧକାର । ତାଙ୍କ ସହକାରୀ ନବୀନବାବୁ ମଧ୍ୟ ଠିକ୍ ତାଙ୍କର ଅବସ୍ଥାରେ । ତାଙ୍କର ପୂର୍ବର ଖାମ୍‌ଖେୟାଲୀଗିରି ବହୁ ପରିମାଣରେ ସଂକ୍ରାନ୍ତ ହୋଇଯାଇଚି ଏ ଘଟଣାରେ; ବରଂ ଅଧିକ ଚିନ୍ତାଗ୍ରସ୍ତ ହୋଇ ଉମାଶଙ୍କରବାବୁ ଖିଆଲୀ ହୋଇପଡ଼ିଚନ୍ତି । ସବୁବେଳେ ଗୁରୁତର ଚିନ୍ତିତ ହୋଇ ବୋକାଙ୍କ ଭଳି ବସୁଚନ୍ତି ।

ସେଦିନ ବି ସେ ବସିଥିଲେ ସେହିଭଳି । ଦିନ ବାରଟା ହେଲାଣି । ମଧ୍ୟାହ୍ନ ଭୋଜନର ସମୟ ଗଡ଼ିଗଲାଣି । କିନ୍ତୁ ସେଥିକୁ ନଜର ନାହିଁ । ବିଚରା ପୁଅଟା, ଦୁଇ ତିନିଥର ଦରଜା ପାଖରେ ଉଙ୍କିମାରି ଗଲାଣି । କିନ୍ତୁ ବାବୁଙ୍କର ଗମ୍ଭୀର ଚେହେରାକୁ ଚାହିଁ ଫେରିଯାଉଛି । ଭୟରେ ଡାକିପାରୁ ନାହିଁ । ଉମାଶଙ୍କରବାବୁ ଟେବୁଲକୁ ଚାହିଁ ବସିଚନ୍ତି । ତାଙ୍କ ଆଗରେ ହୋସେନ୍ ଅଲ୍ଲୀର ଷ୍ଟୋରୁ ଆଣିଥିବା ଦଶଟଙ୍କିଆ ନୋଟ ଦଶଖଣ୍ଡ ସଜାହୋଇ ରହିଚି । ସେଇଆକୁ କେନ୍ଦ୍ର କରି ସେ ପ୍ରାୟ ଦୁଇଘଣ୍ଟା ହେବ ଚିନ୍ତାମଗ୍ନ । ନବୀନବାବୁ ଅନେକବେଳୁ ବ୍ୟାଙ୍କକୁ ଯାଇଛନ୍ତି ଯେ ଏ ପର୍ଯ୍ୟନ୍ତ ଦେଖାନାହିଁ । ସେ ମନେ ମନେ ବିରକ୍ତ ହୋଇ ଭାବୁଥିଲେ—"କଣ ବ୍ୟାଙ୍କଟା ଆଜି ଉଡ଼ିଗଲା ନା କଣ ?"

ଠିକ ଏତିକିବେଳେ ପାଦଶବ୍ଦ ଶୁଣାଗଲା ବାହାର ପଟରେ । ଉମାଶଙ୍କରବାବୁ ଅନୁମାନ କଲେ—ନବୀନବାବୁ ଆସିଗଲେ ବୋଧହୁଏ । ଯଥାର୍ଥରେ ନବୀନବାବୁ ଆସିଥିଲେ । ସେ କୋଠରୀ ଭିତରକୁ ପଶିବାକ୍ଷଣି ତାଙ୍କୁ ଚାହିଁ ଉମାଶଙ୍କରବାବୁ ପଚାରିଲେ—"କଣ, ଆଣିଲ ?"

—"ହଁ, ଆଣିଲି, କିନ୍ତୁ ସବୁଗୁଡ଼ା ମିଳିଲା ନାହିଁ । ଏଇ ଦେଖନ୍ତୁ ।" ଏହା କହି ପକେଟରୁ କେତେଖଣ୍ଡ କାଗଜ ବାହାର କରି ଥୋଇଦେଲେ ଟେବୁଲ ଉପରେ ।

ଉମାଶଙ୍କରବାବୁ ଖୁବ୍ ବ୍ୟଗ୍ରତା ଏବଂ ଆଗ୍ରହ ସହିତ ସେହି କାଗଜଗୁଡ଼ାକୁ ଦେଖିବାରେ ଲାଗିଲେ । ନବୀନବାବୁ ପାଖ ଚୌକିରେ ବସି ସେଦିନର ଖବର କାଗଜଟା ଉପରେ ଆଖି ବୁଲାଇ ନେଲେ ! ତା'ପରେ ଉମାଶଙ୍କରବାବୁ ନୋଟ-

Digitized by PPRACHIN, SOA

ଗୁଡ଼ାକର ନମ୍ବର ସହିତ କାଗଜରେ ଥିବା ନମ୍ବର ମିଳାଇ ଦେଖିଲେ । ଦେଖି ଦେଖି ଖୁବ୍ ଖୁସିଟାଏ ହୋଇ ଚତ୍କାର କରି ଉଠିଲେ—'ଏଇ ଦେଖିବ ଆସ ନବୀନ ! ମିଳିଗଲା ।''

ନବୀନବାବୁ ଗୋଟାଏ ହୋସ୍‌ରେ ଚୌକିଟାକୁ ପଛକୁ ଠେଲିଦେଇ ଆସି ତାଙ୍କ ପାଖରେ ହାଜର ହୋଇଗଲେ । ଉମାଶଙ୍କରବାବୁ ଖୁବ୍ ଆନନ୍ଦ ଆଉ ଆଗ୍ରହର ସହିତ ଦେଖାଇଦେଲେ—"ଏଇ ଦେଖ । ଏଇ ନମ୍ବର ଟଙ୍କା ଡ୍ର ହୋଇଛି ସାତ ଦିନ ତଳେ ।''

—"ହଁ ସାର୍ ଠିକ୍ ! ଆଚ୍ଛା, କଏ.ଓ କରିଚି ଦେଖନ୍ତୁ ତ !" ଉତ୍ସୁକ ହୋଇ କହିଲେ ନବୀନବାବୁ ।

"ଦେଖୁଚି"—କହି ଉମାଶଙ୍କରବାବୁ ପୁଣି କାଗଜଗୁଡ଼ାକୁ ଲେଉଟାଇଲେ । ଅଳ୍ପ ସମୟ ପରେ କାଗଜରେ ଆଙ୍ଗୁଳି ମାରି କହିଲେ—"ଦେଖିଲ, ତୁମେ ସ୍ୱା'କୁ ଲେଖିଚ, ଠିକ୍ ଲେଖିଚ ତ ?"

ନବୀନବାବୁ ଆଉ ଟିକଏ ମୁଣ୍ଡକୁ ନୁଆଁଇ ଆଣି ଦେଖିଲେ । ତାଙ୍କ ମୁହଁରେ ବିସ୍ମୟର ରେଖା ଫୁଟିଉଠିଲା । ସେ ଖୁବ୍ ନିମ୍ନ ସ୍ୱରରେ କହିଲେ, "ଏତ ବଡ଼ ଆଶ୍ଚର୍ଯ୍ୟ କଥା ସାର୍ ଟଙ୍କା ଡ୍ର କରିଚନ୍ତି ଖୋଦ୍ ଜିଲା ମାଜିଷ୍ଟ୍ରେଟ୍ ।''

ଉମାଶଙ୍କରବାବୁ ଆଶ୍ଚର୍ଯ୍ୟ ହୋଇ କହିଲେ, "ତୁମ ଲେଖାରେ ହୁଏତ ଭୁଲ ଥାଇପାରେ ।''

—"ମୋଟେ ନୁହେଁ ଆଜ୍ଞା ! ମୁଁ ଖୁବ୍ ସାବଧାନରେ ଲେଖିଆଣିଚି । ସେଥିରେ ଭୁଲର ସମ୍ଭାବନା କମ୍ ।''

—"ତେବେ ତୁମେ ବର୍ତ୍ତମାନ ଡ଼ିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟଙ୍କ ଅଫିସକୁ ଯାଇ ବିଷୟଟା ସ୍ପଷ୍ଟ ବୁଝିଆସ । ଆଉ ଦେଖିବ, ଟଙ୍କା ଯଦି ପେମେଣ୍ଟ ହୋଇଥାଏ, ତେବେ କାହାକୁ କାହାକୁ ହୋଇଚି, ସେଟା ଭଲ ଭାବରେ ବୁଝିଆସିବ ।''

ନବୀନବାବୁ ଯିବାକୁ ବସିଥିଲେ, ଉମାଶଙ୍କରବାବୁ ତାଙ୍କ ଯିବାରେ ବାଧା ଦେଇ କହିଲେ—"ଆଚ୍ଛା, ଆଉ, ଯିବା ଦରକାର ନାହିଁ । ସେତିକ ତୁମେ ଫୋନରେ କଥାବାର୍ତ୍ତା କରିନିଅ । ଆଜି ଆମକୁ ହୁଏତ ଟିକଏ ଦୂରକୁ ଯିବାକୁ ପଡ଼ିପାରେ ।''

Digitized by PPRACHIN, SOA

ଉମାଶଙ୍କରବାବୁ ପୁଣି କାମରେ ମନୋନିବେଶ କଲେ । ନବୀନବାବୁ ଅନ୍ୟ ଟେବୁଲ ନିକଟକୁ ଯାଇ ଫୋନ୍ ଧରଲେ । କିଛି ସମୟ କଥାବାର୍ତ୍ତା କଲାପରେ ସେ ଉମାଶଙ୍କରବାବୁଙ୍କ ନିକଟକୁ ଆସି ଆସନ ଗ୍ରହଣ କଲେ । ତାଙ୍କର ଭାବଭଙ୍ଗୀ ଦେଖି ଉମାଶଙ୍କରବାବୁ ଘଟଣାଟା କଣ ହେଇଥିବ, ବେଶ୍ ଅନୁମାନ କରିନେଇ-ଥିଲେ ସୁଦ୍ଧା ଜାଣିବାପାଇଁ ପଚାରିଦେଲେ ।

ନବୀନବାବୁ କହିଲେ, "ଯେଉଁ ନମ୍ବର ଟଙ୍କା ଆମ ପାଖରେ ଅଛି, ସେଇ ନମ୍ବର ଟଙ୍କା ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍ ଡ଼ି କଣଚନ୍ଦ୍ର । କିନ୍ତୁ ତାହା ଏପର୍ଯ୍ୟନ୍ତ ପେମେଣ୍ଟ ହୋଇନି, ତାଙ୍କରି ପାଖରେ ଅଛି । ଏ ତ ବଡ଼ ଆଶ୍ଚର୍ଯ୍ୟ କଥା !"

—"ମୁଁ ଆଗରୁ ସେଇଭଳି ଅନୁମାନ କରିଥିଲି ।" ଟିକିଏ ହସି କହିଲେ ଉମାଶଙ୍କରବାବୁ ।

—"ଆଗରୁ ଜାଣିଥିଲେ, ଅଥଚ···"।।

—"ଖାଲି ଅନୁମାନ ଉପରେ ନିର୍ଭର କରି ତ କିଛି କରି ହୁଏନି । ତାଛଡ଼ା ଆମ ପାଖରେ ସିମିତ କିଛି ତଥ୍ୟ ନ ଥିଲା, କିମ୍ବା ବର୍ତ୍ତମାନ ମଧ୍ୟ ନାହିଁ । ମୁଁ କେବଳ ଏତିକି ଅନୁମାନ କରିଥିଲି ଯେ, ଏ ଘଟଣା ପଛରେ ଗୋଟାଏ ଗୁରୁତର ଭୂମିକା ଅଛି । ଯାହାଠାରୁ ବଳି ଆହୁରି କିଛି ଆଇପାରେ ମଧ୍ୟ ।" ନବୀନବାବୁଙ୍କ କଥାରେ ବାଧାଦେଇ କହିଲେ ଉମାଶଙ୍କରବାବୁ ।

—"ମୋତେ ସବୁ ଟିକିଏ ଗୋଳମାଳିଆ ଜଣାପଡୁଛି ଆଜ୍ଞା !" ସାମାନ୍ୟ ଲଜ୍ଜିତ ହୋଇ କହିଲେ ନବୀନବାବୁ ।

ଉମାଶଙ୍କରବାବୁ ଟେବୁଲ ଉପରେ ସଶବ୍ଦେ କରାଘାତ କରି କହିଲେ, "ଏଥିରେ ଗୋଳମାଳିଆ କିଛି ନାହିଁ । ତୁମର ହୁଏତ ମନେଥିବ, ଯେଉଁ ଦିନ ରାମଲାଲ ଏଠି ଆସି କହୁଥିଲା—ଦେବନଗର ଜମିଦାରଙ୍କ ବଗିଚା ଘର କଥା ଆଉ ତାଙ୍କ ଭୂତ କଥା । ମୁଁ ସେ କଥାକୁ ପୁରାପୁରି ଧ୍ୟାନ ଦେଇ ନ ପାରି ଟେପ୍ କରାଇନେଇଥିଲି । ମାତ୍ର ଦୁର୍ଭାଗ୍ୟ, ସେତକ ମଧ୍ୟ ଆମ ହାତରୁ ଗଲା । ହାତରୁ ଗଲା ବୋଲି ମୁଁ କହିପାରୁନାହିଁ—କାରଣ, ଗୋଟାଏ ସୁପରିକଳ୍ପିତ ଯୋଜନାନୁଯାୟୀ ତାହାକୁ ଆମ ହାତରୁ ବାହାର କରି ନିଆଗଲା । କାଲେ ରାମଲାଲ ପୁଣି ଘଟଣା ପରିସ୍ଥାନ କଲେ, ସେଇ ଭୟରେ ତାକୁ ମଧ୍ୟ ସବୁ ଦିନ ପାଇଁ ଶେଷ କରି ଦିଆଗଲା

Digitized by PPRACHIN, SOA

ଦ୍ୱିତୀୟ ଅରି ହତ୍ୟା—ହୋସେନ୍ ଅଲ୍ଲୀର । କିନ୍ତୁ ସେଇଠି ମୋର ସନ୍ଦେହ ରହିଲା । ମୁଁ ନିଜେ ଦେଖିଛି—ହୋସେନ୍ ଅଲ୍ଲୀ ଟେପ୍ ରେକର୍ଡ଼ର ଖୋଲୁଥିଲା । ମାତ୍ର ତା ପୂର୍ବରୁ ସେଇଟି ଚୋରି ହୋଇଥିଲା । ଟେପ୍‌ଟିକୁ କେହି ତୃତୀୟ ବ୍ୟକ୍ତି ଚୋରି କରିଛି ଯାହାର କି ଏ ଘଟଣା ପଛରେ କିଛି ସ୍ୱାର୍ଥ ଅଛି । ହୋସେନ ଅଲ୍ଲୀ ଧରାପଡ଼ିଗଲେ କାଳେ କଥାଟା ପ୍ରକାଶ କରିଦେବ, ଏଥିପାଇଁ ଠିକ୍ ଧରାପଡ଼ିବା ଆଗରୁ ତାକୁ ମୋର ଆଗରେ ହତ୍ୟା କରାଗଲା । ଏଥିରୁ ଯାହା ଜଣାଯାଉଛି, ହୋସେନ୍ ଅଲ୍ଲୀର ହତ୍ୟାକାରୀ, ଟେପ୍ ରେକର୍ଡ଼ର ଚୋରି ହେବା ବିଷୟ ଏପର୍ଯ୍ୟନ୍ତ ଜାଣିନି । ତାର ଧାରଣା ଯେ, ସେଇଟା ଆମ ପାଖରେ ଅଛି; କିନ୍ତୁ ତୃତୀୟ ବ୍ୟକ୍ତିର ଉଦ୍ଦେଶ୍ୟ ଆମ ପାଖରେ ଅଜ୍ଞାତ । ତାକୁ ସବୁ ସେଇ ଅନ୍ଧକାରରୁ ଉଦ୍ଧାର କରିବାକୁ ପଡ଼ିବ । ମୋର ଦୁର୍ଭାଗ୍ୟ ଯେ, ରାମଲାଲର କଥା ପ୍ରତି ମୁଁ ଆଦୌ ଧ୍ୟାନ ଦେଇନି । ତେବେ ଯେତିକି ମୋର ମନେପଡ଼ୁଛି, ସେତିକିକୁ ଅବଲମ୍ବନ କରି ଆମକୁ ଆଗେଇବାକୁ ପଡ଼ିବ, ଫଳାଫଳ ଯାହାହେଉ ।”

ନବୀନବାବୁ କେବଳ ନୀରବରେ ଶୁଣୁଥିଲେ । କିଛି ସମୟ ଧରି ଉଭୟେ ନୀରବ ରହିବା ପରେ ନବୀନବାବୁ କହିଲେ—“ହୋସେନ୍ ଅଲ୍ଲୀର ହତ୍ୟାକାରୀ ଆଉ ଟେପ୍ ରେକର୍ଡିଂର ପ୍ରକୃତ ଅପହରଣକାରୀ ଏ ଦୁହେଁ ପ୍ରତ୍ୟେକେ ପରସ୍ପର ମଧ୍ୟରେ ଅଜ୍ଞାତ ବୋଧହୁଏ ।”

“ମୋଟେ ନୁହେଁ !”—କଥାରେ ଖୁବ୍ ଜୋର ଦେଇ କହିଲେ ଉମାଶଙ୍କରବାବୁ । ହୋସେନ୍ ଅଲ୍ଲୀର ହତ୍ୟାକାରୀ ପ୍ରକୃତ ଟେପ୍ ରେକର୍ଡିଂ ଅପହରଣକାରୀକୁ ଜାଣେନି; କିନ୍ତୁ ରେକର୍ଡ଼ ଅପହରଣକାରୀ ହୋସେନ୍ ଅଲ୍ଲୀକୁ ଭଲ ଭାବରେ ଜାଣେ । ତୁମେ ବୁଝୁନା—ରାମଲାଲ୍ ଆମକୁ ଯେଉଁ କଥା କହିବାକୁ ଆସିଥିଲା, ସେ କଥା ଆଉ ଜଣେ ଜାଣିବାକୁ ଚାହୁଁଥିଲା ଏବଂ ସେ ଆଖିଏ ଆଖିଏ ରଖିଥିଲା ତାକୁ । ରାମଲାଲ ଉପରେ ହତ୍ୟାକାରୀର, ଯଥା—ସେ ଯାହା ସମ୍ବନ୍ଧରେ କହିବାକୁ ଆସିଥିଲା ତାର ଆଖି ବି ଥିଲା । ରାମଲାଲକୁ ଚିରଦିନ ପାଇଁ ବିଦାୟ ଦେଲାପରେ ସେ ଟେପ୍‌ଟାକୁ ନେବାପାଇଁ ହୋସେନ୍ ଅଲ୍ଲୀକୁ ନିଯୁକ୍ତ କଲା ଏବଂ ତାକୁ ହତ୍ୟା କଲା ଧରାପଡ଼ିବା ଭୟରେ, ମାତ୍ର ଅନ୍ୟ ଜଣକ ପୂର୍ବରୁ ସେଇଟି ହରଣଚାଲ କରିନେଇଥିଲା । ତୃତୀୟ ବ୍ୟକ୍ତି ଯେ ରାମଲାଲର କଥାକୁ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ଭାବୁଥିଲା, ଏକଥା କଣ ତୁମେ ଅସ୍ୱୀକାର କରିପାରିବ ।”

Digitized by PPRACHIN, SOA

ନବୀନବାବୁ ନୀରବ ରହି ନିଜର ସ୍ୱୀକୃତି ଜଣାଇଲେ ।

"ଆଶା କରୁଛି, ଆଜି ତୁମକୁ କିଛି ବିଶେଷ ଘଟଣା ଦେଖେଇପାରିବି । ତୁମେ ପ୍ରସ୍ତୁତ ହୁଅ । ଠିକ୍ ସନ୍ଧ୍ୟାବେଳକୁ ଯିବାକୁ ହେବ ।" ଉମାଶଙ୍କରବାବୁ ଆସନ ତ୍ୟାଗ କଲେ । ତାଙ୍କ ପଛେ ନବୀନବାବୁ ମଧ୍ୟ ।

ଛଅ

ରାତି ସାଢ଼େ ଆଠଟା ହେବ ।

ସନ୍ଧ୍ୟାବେଳରୁ ଖୁବ୍ ଝଡ଼ବର୍ଷା ହୋଇଯାଇଛି । ବର୍ତ୍ତମାନ ପ୍ରକୃତି ନୀରବ । କିନ୍ତୁ ଆକାଶରେ ମେଘର ଘନଘଟା ରହିଛି ଆଗଭଳି – ଦୁଇ ତିନି ଘଣ୍ଟା ତଳେ ଯେପରି ଥିଲା । ବେଳେ ବେଳେ ବିଜୁଳିର ଝଲକ ଆଉ ଘଡ଼ଘଡ଼ିର ଗର୍ଜନ ପୁଣି ସେ ତୋଫାନର ସୂଚନା ଦେଉଛି ।

ଗୋଟାଏ ଶକ୍ତିଶାଳୀ ମଟର ସାଇକେଲରେ ଉମାଶଙ୍କରବାବୁ ଆଉ ତାଙ୍କର ସହକାରୀ ନବୀନବାବୁ ପୂରା ବେଗରେ ଛୁଟି ଚାଲିଚନ୍ତି ଦେବନଗର ଆଡ଼େ । ରାସ୍ତା ପୂରାପୂରି ନିର୍ଜନ । ରାସ୍ତା ପରିଚିତ ହେଲେ ସୁଦ୍ଧା ଉମାଶଙ୍କରବାବୁ ମୋଟର ସାଇକେଲକୁ ନିଜ ଅକ୍ତିଆର ଭିତରେ ରଖିଥାନ୍ତି । ସ୍ପଷ୍ଟ ଆଲୋକ ବିଚ୍ଛୁରି ହୋଇପଡ଼ୁଥାଏ ମସୃଣ ପିଚ୍ ସଡ଼କ ଉପରେ । ଉମାଶଙ୍କରବାବୁଙ୍କ ମନରେ ଆଶଙ୍କା—ଝଡ଼ତୋଫାନରେ ରାସ୍ତା ଉପରେ ହୁଏତ କୌଣସି ଗଛ ବା ଡାଳ ଭାଙ୍ଗି ପଡ଼ିଥିବ । ମାତ୍ର ସେପରି କିଛି ବିଶେଷ ଧରଣର ବାଧା ସୃଷ୍ଟି ହୋଇ ନ ଥିଲା ତାଙ୍କ ଯାତ୍ରାରେ ।

ଦେବନଗର ସୀମା ନିକଟରେ ପହଞ୍ଚି ଉମାଶଙ୍କରବାବୁ ମୋଟର ସାଇକେଲ ବ୍ରେକ କଲେ । ସେ ପର୍ଯ୍ୟନ୍ତ ସେ କୁଆଡ଼େ ଯାଉଛନ୍ତି, କଣ କରିବାକୁ ଯାଉଛନ୍ତି, ସେସବୁ କଥା କିଛି କହି ନଥାନ୍ତି ନବୀନବାବୁଙ୍କୁ । ବର୍ତ୍ତମାନ ସେ ଖୁବ୍ ନମ୍ର ସ୍ୱରରେ ନବୀନବାବୁଙ୍କୁ କହିଲେ, "ଆମେ ଆଜି ଜମିଦାର ସାହେବଙ୍କ ଘରଆଡ଼େ ଥରେ ବୁଲିଆସିବା ନବୀନ ।"

Digitized by PPRACHIN, SOA

ଉମାଶଙ୍କରବାବୁଙ୍କ ଉଦ୍ଦେଶ୍ୟ ଭଲ ଭାବରେ ବୁଝି ନ ପାରି ନବୀନବାବୁ ତାଙ୍କ ଆଡ଼େ ଚାହିଁ ରହିଲେ ନୀରବରେ । ନୀରବତାରୁ ତାଙ୍କର ମନୋଭାବ ବୁଝିପାରି ଉମାଶଙ୍କରବାବୁ କହିଲେ—"କିଛି ତଥ୍ୟ ଅବଶ୍ୟ ମିଳିନି, ତଥାପି ଥରେ ବୁଲି ଆସିବାପାଇଁ ଇଚ୍ଛା ହେଲା । ଆଶା, କିଛି ମିଳିଯାଇପାରେ ।"

ଉମାଶଙ୍କରବାବୁ ନିଜର ଆବଶ୍ୟକୀୟ ଜିନିଷସବୁ ଆଉଥରେ ଭଲ ଭାବରେ ଦେଖିନେଲେ ଅଛି କି ନାହିଁ । ଆଉ ଗୋଟିଏ ଅସରା ମେଘ ବରଷିବାର ଉପକ୍ରମ ହେଉଥାଏ । ଆକାଶକୁ ଚାହିଁ ଗୋଟାଏ ଦୀର୍ଘ ନିଃଶ୍ୱାସ ପକାଇ ଉମାଶଙ୍କରବାବୁ ନିମ୍ନ ସ୍ୱରରେ କହିଲେ, "ମେଘଟା ବି ଅସଲ ବେଳକୁ ଦାଉ ସାଧୁଚି ନବୀନ । ହଉ, ବେଳେବେଳେ ମନୁଷ୍ୟ ଯାହାକୁ ଖରାପ ବୋଲି ଭାବେ, ତାହା ତାର ଖୁବ୍ ସହାୟକ ହୋଇଥାଏ ।"

ନିବିଡ଼ ଅନ୍ଧାର ହୋଇଗଲାଣି ଘରଆଡ଼ ସେତେବେଳକୁ । ମେଘର ଘୁ ଘୁ ଗର୍ଜନ ଆଉ ବିଜୁଳି ଆଖିଝଲସା ଝଲକ ମନରେ ବର୍ଷାର ଆଗମନ ବାର୍ତ୍ତା ଚେତାଇ ଦେଉଥାଏ । ରାସ୍ତାରେ ଲୋକ ଗତାଗତ ନାହିଁ । ଦେବନଗର ବଜାର ମଧ୍ୟ ଶୂନ୍‌ଶାନ୍ । ଝଡ଼ବର୍ଷା ହେତୁ ଲୋକେ ଆଗରୁ କାମଧନ୍ଦା ସାରି ଚାଲିଯାଇଚନ୍ତି । ଦୋକାନୀମାନେ ମଧ୍ୟ ଦୋକାନ ବନ୍ଦ କରିଦେଲେଣି ସେହି କାରଣରୁ । ଏଇଟାକୁ ଗୋଟାଏ ସୁବର୍ଣ୍ଣ ସୁଯୋଗ ବୋଲି ମନେ ମନେ ସ୍ଥିର କରିନେଲେ ଉମାଶଙ୍କରବାବୁ ।

ତାଙ୍କର ଇଚ୍ଛା ହେଉଥିଲା ଥରେ ଗଡ଼ ପାଖକୁ ଯାଇ ଖବର ସଂଗ୍ରହ କରିବାପାଇଁ । ମାତ୍ର କଣ ଭାବି ପୁଣି ନିଜ ଇଚ୍ଛାରୁ ନିଜେ ବିରତ ହୋଇ ଆଗେଇ ଚାଲିଲେ ସେଇ ଅନ୍ଧାର ଭିତରେ । ତାଙ୍କ ପଛେ ନୀରବରେ ଅନୁସରଣ କଲେ ନବୀନବାବୁ ।

ଦେବନଗର ସ୍ଥାନଟା ଅବଶ୍ୟ ଗଡ଼ଜାତ ନୁହେଁ । କିନ୍ତୁ ଉମାଶଙ୍କରବାବୁ ଯାହା ଦେଖିଲେ ସେଇଟା ଗଡ଼ଜାତଠୁ ବଳି ଅଧିକ ବୋଧ ହେଲା ତାଙ୍କୁ । ଜଙ୍ଗଲ ନିବିଡ଼ ନ ହେଲେ ବି ଯାହା ଅଛି, ଜନ୍ତୁଙ୍କ ମନ୍ଦ ନୁହେଁ । ବାଘ, ଭାଲୁ ସଂଖ୍ୟାରେ ଯଥେଷ୍ଟ ନ ହେଲେ ବି ଅଳ୍ପ ସଂଖ୍ୟାରେ ନିଶ୍ଚୟ ଅଛନ୍ତି ଏବଂ ବିଷଧର ସାପଙ୍କର ଭୟ ପ୍ରତି ପଦେ ପଦେ ଅଛି । ସେ ପ୍ରକାର ରାସ୍ତା ଅତିକ୍ରମ କରିବା,

Digitized by PPRACHIN, SOA

ବିଶେଷତଃ ଯିବା ସମୟରେ ଅତି ଦୁଃସାଧ୍ୟ ହେଲେ ମଧ୍ୟ ଉମାଶଙ୍କରବାବୁ ତାକୁ କଷ୍ଟ ବୋଲି ଭାବୁ ନ ଥିଲେ ; କାରଣ ଉଭୟେ ଥିଲେ କର୍ତ୍ତବ୍ୟପାଳନ ଏବଂ ଉଦ୍ଦେଶ୍ୟ ସାଧନରେ ଦୃଢ଼ପ୍ରତିଜ୍ଞ ।

ଉମାଶଙ୍କରବାବୁ ଦେଖିଲେ—ରଘୁ ତାଙ୍କେ ବାଟ ବୋଲି ଯାହା କହିଥିଲା, ତାହା ମାଇଲଏରୁ ବେଶି ହେବ ପଛେ; କମ୍ ହେବନି । ଯାହାହେଉ, ବହୁ କଷ୍ଟରେ ଠିକ୍ ରାସ୍ତା ଅନୁମାନ କରି ସେ ଜମିଦାର ନୃପେନ୍ଦ୍ରନାରାୟଣଙ୍କ କୋଠି ପାଖା-ପାଖିରେ ପହଞ୍ଚି ଯାଇଥିଲେ । ଏ ଘୋର ଅନ୍ଧାର ଭିତରେ ତାଙ୍କ ପାଖରେ ଶକ୍ତିଶାଳୀ ଟର୍ଚ୍ଚ ଥିଲେ ସୁଦ୍ଧା ସେ ଦରେ ହେଲେ ଆଲୁଅ ବ୍ୟବହାର କରିନାହାନ୍ତି । ତାଙ୍କର ଆଲୋକର ଆବଶ୍ୟକତା ପୂରଣ କରିଚ ବିଜୁଳି ।

"ଏଣିକି ସାବଧାନ ହେବାକୁ ପଡ଼ିବ"—ଖୁବ୍ ନିମ୍ନସ୍ୱରରେ ନବୀନବାବୁଙ୍କ କାନପାଖରେ କହିଲେ ଉମାଶଙ୍କରବାବୁ । ସେ ଦୁହେଁ ଯେଉଁବାଟ ଦେଇ ଯାଉଥିଲେ, ସେଇ ପାଖରେ କୋଠିର ସଦର ଫାଟକ । ଫାଟକ ପାଖରେ ପହଞ୍ଚି ଉମାଶଙ୍କରବାବୁ ଦେଖିଲେ—ବନ୍ଦ ଅଛି ବିଶାଳ ଫାଟକ । ଗୋଟାଏ ଦୁର୍ଗର ଫାଟକ ପରି ବିରାଟ ଆଉ ଦୃଢ଼ । କୋଠି ଚତୁର୍ଦ୍ଦିଗରେ ପାଚେରି ଘେରା । ତା ବି ଖୁବ୍ ଉଚା । ପାଖରେ ଠିଆ ହୋଇ ହାତ ବଢ଼ାଇଲେ ହାତ ପାଇବ କି ନାହିଁ ସନ୍ଦେହ । ଖୁବ୍ ସାବଧାନରେ ପାଦ ଚପି ଚପି ଯାଇ ଉମାଶଙ୍କରବାବୁ ଫାଟକଟାକୁ ଠେଲିଦେଲେ । କିନ୍ତୁ ସେଟା ଖୁବ୍ ଦୃଢ଼ଭାବରେ ବନ୍ଦ ଥିଲା ଭିତରୁ ।

ସେ ସେଠାରୁ ହଟି ଆସିଲେ ପାଚେରିର ଗୋଟାଏ ପଟକୁ । ନବୀନବାବୁଙ୍କୁ ଡାକି ଖୁବ୍ ଆସ୍ତେ ଆସ୍ତେ କହିଲେ—"ଆମକୁ ଯେକୌଣସି ପ୍ରକାରେ ସ୍ୱା ଭିତରେ ପଶିବାକୁ ହେବ ଅରେ । ଗ୍ଲଲ ଏଇ ପାଚେରି କଡ଼େ କଡ଼େ ଦେଖିବା କେଉଁଠି କିଛି ସୁବିଧା ଅଛି କି ନାହିଁ ।"

ଉମାଶଙ୍କରବାବୁଙ୍କୁ ଅନୁସରଣ କଲେ ନବୀନବାବୁ । ପାଚେରି କଡ଼ ନିତାନ୍ତ ଆବର୍ଜନା ଓ କଣ୍ଟାଝଣ୍ଟା ଗଛ ପୂର୍ଣ୍ଣ । ନିତାନ୍ତ ଅନିଚ୍ଛାସତ୍ତ୍ୱେ ବି ବାଧ୍ୟ ହୋଇ ବେଳେବେଳେ ଉମାଶଙ୍କରବାବୁ ଖୁବ୍ ସାବଧାନରେ ଆଲୁଅ ଜଳାଇ ଦେଉଥାନ୍ତି । ସମୁଦାୟ ପାଚେରି ଘେରଟା କିଛି କମ୍ ନୁହେଁ । ଘେର ଭିତରେ କୋଠି ଆଉ ଫଳବଗିଚା । ଗଛର ଅଗ ଅଂଶଗୁଡ଼ିକ ଖାଲି ପାଚେରି ବାହାରକୁ ଦିଶୁଥାଏ ।

Digitized by PPRACHIN, SOA

ସେଥିରୁ ସେ ବୁଝିହେଁ ଅନୁମାନ କରୁଥାନ୍ତି ଯେ, ଭିତରେ ଖୁବ୍ ବେଶି ସଂଖ୍ୟାରେ ଫଳ ଗଛ ରହିଛି । ସମ୍ଭବତଃ ତା'ର ସୁରକ୍ଷା ପାଇଁ ଏପରି ଉଚ୍ଚ ପାଚେରି ଆଉ ସୁଦୃଢ଼ ଫାଟକର ବ୍ୟବସ୍ଥା କରାଯାଇଛି ।

ଗୋଏନ୍ଦା ବୁଢ଼େ ପ୍ରାୟ ଅଧାଅଧି ବାଟ ଅତିକ୍ରମ କରି କୋଠିର ଠିକ୍ ପଛପାଖରେ ପହଞ୍ଚିଛନ୍ତି, ଗୋଟିଏ ଭୁଲ ଚିତ୍କାର ସେଇ ଗମ୍ଭୀର ରାତିର ନୀରବତାକୁ ଭାଙ୍ଗି ଥରାଇଦେଲା । ଶବ୍ଦଟା ଅତି କର୍କଶ ଓ କଦର୍ଯ୍ୟ ଜଣାଯାଉଥିଲେ, ସୁଦ୍ଧା ଉମାଶଙ୍କରବାବୁ ପ୍ରଥମେ ସେଟା ବିଷୟରେ କିଛି ଧାରଣା କରିପାରିଲେ ନାହିଁ । ଶୁଣିବା ସଙ୍ଗେ ସଙ୍ଗେ ତାଙ୍କର ଗତି ବନ୍ଦ ହୋଇଗଲା ଏବଂ ପୁଣି ଥରେ ଶୁଣିବା ପାଇଁ ସେ କାନ ଡେରିଲେ । କିନ୍ତୁ କେତେ ସମୟ ପର୍ଯ୍ୟନ୍ତ ଆଉ କିଛି ଶୁଣାଗଲା ନାହିଁ । ପୁଣି ଟିକିଏ ପରେ ପାଚେରି ଭିତର ପଟେ କିଏ ଜଣେ ଧାଇଁ ପଳାଇବାର ଶବ୍ଦ, ତା ସଙ୍ଗେ ସଙ୍ଗେ ପୁଣି ଥରେ ପୂର୍ବ ପରି ଚିତ୍କାର । ଏଥର ଶବ୍ଦଟା ଥିଲା ଆଗ ଅପେକ୍ଷା ଆହୁରି ଆତୁର ଓ ଭୟମିଶ୍ରିତ ଏବଂ ଶକ୍ତିଶାଳୀ । ଉମାଶଙ୍କରବାବୁ ମନେକଲେ, କେହି ଯେପରି ଅତିଶକ୍ତ ଭୟ ପାଇ ଆତୁର ଚିତ୍କାର କରୁଛି । ଉମାଶଙ୍କରବାବୁଙ୍କ ଇଚ୍ଛା ହେଉଥିଲା—ସେହି ମୁହୂର୍ତ୍ତରେ ପାଚେରିଟାକୁ ଡେଇଁପଡ଼ି ଘଟଣାସ୍ଥଳରେ ପହଞ୍ଚି ଯାଆନ୍ତେ । ମାତ୍ର ତା ଅସମ୍ଭବ ଥିଲା । ଘୋର ଅନ୍ଧାର ବର୍ଷା ରାତି ସାଙ୍ଗକୁ ଉଚ୍ଚ ପାଚେରି । ତାକୁ ଅତିକ୍ରମ କରିବା ଏତେ ସହଜସାଧ୍ୟ ନ ଥିଲା । ତଥାପି ଉମାଶଙ୍କରବାବୁ ପୁଣି ସଦର ଫାଟକ ନିକଟକୁ ଚାଲିଆସିବା ପାଇଁ ଇଚ୍ଛା କଲେ । ଯେଉଁବାଟେ ଯାଇଥିଲେ, ସେଇବାଟେ ଫେରିଆସିଲେ । ହୃତ୍ପିଣ୍ଡ ସ୍ପନ୍ଦନ ତାଙ୍କର ବଢ଼ି ଯାଇଥିଲା ବହୁତ ।

ବିପଦର ସମ୍ଭାବନା ଏତେ ବେଶି ଥିଲା ଯେ, ଆଲୁଅ ଜଳାଇବାର ଉପାୟ ନ ଥିଲା । ସେଇ ଅନ୍ଧକାରରେ ଅଣ୍ଡାଳି ଅଣ୍ଡାଳି ସଦର ଫାଟକ ନିକଟରେ ପହଞ୍ଚି ସେ ଦେଖିଲେ—ଫାଟକଟା ଠିଆ ମେଲା । ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଏଇ ମାତ୍ର ଅଳ୍ପ ସମୟ ପୂର୍ବରୁ ସେ ଦେଖିଯାଇଛନ୍ତି, ଫାଟକଟା ଭିତର ପଟରୁ ଖୁବ୍ ଶକ୍ତ ଭାବରେ ବନ୍ଦ ଥିଲା । ଅଥଚ ବର୍ତ୍ତମାନ ଖୋଲା । ତାଙ୍କ ମନରେ ନାନାପ୍ରକାର ସନ୍ଦେହ ଉଙ୍କିମାରିଲା । କିଛି ନା କିଛି ଗୋଟାଏ ଭିତରେ ଘଟିଛି । ବିପଦ ଯେତେ ଆସୁ ନା କାହିଁକି ତାଙ୍କୁ ଭିତରେ ପଶିବାକୁ ହେବ ନିଶ୍ଚୟ । ନିଜର ଏଇ ଭାବନା ଉପରେ ସେ ଏତେ ତନ୍ମୟ ହୋଇଯାଇଥିଲେ ଯେ, ନବୀନବାବୁଙ୍କ ବିଷୟରେ ଚିନ୍ତା

Digitized by PPRACHIN, SOA

କରିବାକୁ ସୁଦ୍ଧା ଭୁଲିଯାଇଥିଲେ । କିନ୍ତୁ ବର୍ତ୍ତମାନ ଫାଟକ ଅତିକ୍ରମ କରିବାପାଇଁ ତାଙ୍କର ସହଯୋଗ ଲୋଡ଼ା ପଡ଼ିବାରୁ ସେ ପଛକୁ ବୁଲିଁ ଦେଖିଲାବେଳକୁ ନବୀନବାବୁ ନାହାନ୍ତି । ମନେ ମନେ ଖୁବ୍ ଚମକିପଡ଼ିଲେ ସେ -"ଆଶ୍ଚର୍ଯ୍ୟ ତାଙ୍କର ଖୁବ୍ ଭଲଭାବରେ ମନେ ଅଛି, ନବୀନ ଶେଷ ପର୍ଯ୍ୟନ୍ତ ତାଙ୍କର ପାଖେ ପାଖେ ଥିଲା । ଆଉ କଣ ସେ ଟିକେ ପଛେଇ ରହିଯାଇଛି ନା କଣ ? ଏଇଆ ଭାବି ସେ କିଛି ସମୟ ଅପେକ୍ଷା କଲେ, ମାତ୍ର ବୃଥା । ନବୀନବାବୁ ଆସୁଚନ୍ତି ନା ଆସିବାର କିଛି ଶବ୍ଦ ଜଣାଯାଉଚି ଆଖ ପାଖରେ ! ନାନା ପ୍ରକାର ଆଶଙ୍କାରେ ସେ ଏତେ ବିଚଳିତ ହୋଇ ପଡ଼ିଥିଲେ ଯେ, ତାଙ୍କର ଦେହ ଗୋଟାପାଯାକ ଝାଳ ସର ସର ହୋଇ-ଯାଇଥିଲା । ତାଙ୍କର ଅଳ୍ପ ଅଳ୍ପ ମନେ ପଡ଼ିଲା —ରାମଲାଲ ସେଦିନ ଏକ କୋଠିରେ ଭୂତ ଥିବା କଥା ତାଙ୍କୁ କହୁଥିଲା । ତା କଥାକୁ ସେ ଅତି ମାମୁଲି ଭାବିଥିଲେ; କିନ୍ତୁ ଆଜି ସେହି କଥାହିଁ ତାଙ୍କ ମନରେ ଅଗ୍ରାଧିକାର ନେଇ ଆସନ ମାଡ଼ି ବସିଲା । ତାଙ୍କ ମନରେ ଭୟ ହେଲା—ନବୀନ ଭୂତ କବଳରେ ପଡ଼ିଯାଇଚି ବୋଧହୁଏ; ହୁଏତ ତାଙ୍କୁ ବି ସେଇ ଦଶା ଭୋଗିବାକୁ ପଡ଼ିପାରେ ଏଇସବୁ କଥା ଭାବୁ ଭାବୁ ସେ ଏତେଦୂର ଭୟଭୀତ ହୋଇପଡ଼ିଥିଲେ ଯେ, କଳ୍ପନାରେ ହିଁ ସେ ନିଜ ଆଖି ଆଗରେ ଭୂତ ଦେଖିବାକୁ ପାଇଲେ । ତାଙ୍କର କାନରେ ଅଳ୍ପ ସମୟ ତଳର ସେଇ ବିକଟ, ବିକଳ ଚିତ୍କାର ବାଜିବାକୁ ଲାଗିଲା । ନିଜ ମନରେ ସେ ଏତେ ଦୁର୍ବଳତା ଅନୁଭବ କଲେ ଯେ, ଫାଟକ ଡେଇଁ ଗୋଟାଏ ପାଦୁଣ୍ଡ ସୁଦ୍ଧା ଆଗକୁ ଆଗେଇବାର ସାହସ ହେଲା ନାହିଁ ତାଙ୍କର । କାହାର ଦୃଢ଼ ହାତମୁଠା ଭିତରେ ତାଙ୍କର ଗଳା ଯେପରି ଚିପି ହୋଇଯାଇଚି ସେ ଏପରି ଅନୁଭବ କଲେ । ଅଗତ୍ୟା ସେ ସେଠାରୁ ଫେରିଗଲେ । ନବୀନବାବୁଙ୍କ ପାଇଁ ଦୁଃଖରେ ତାଙ୍କର ଅନ୍ତର ଭରି ଉଠିଲା । ସେଇ ରାତାରାତି ସେ ପୋଲିସ ଷ୍ଟେସନକୁ ଯାଇ ନବୀନବାବୁଙ୍କୁ ଏଠାରେ ଖୋଜାଇବାର ବ୍ୟବସ୍ଥା କରାଇବାକୁ ସ୍ଥିର କରି ସେଠାରୁ ଖୁବ୍ ଦ୍ରୁତପଦରେ ଫେରିଲେ—ଯେଉଁଠି ମୋଟର ସାଇକେଲ ରଖିଯାଇଥିଲେ, ସେଇ ଆଡ଼େ ।

ରାତି ସାଢ଼େ ଦୁଇଟା । ମେଘ ଫାଙ୍କରେ ଜହ୍ନ ଅଳ୍ପ ଅଳ୍ପ ଦିଶୁଚି ! ସେଇ ଆଲୁଅରେ ଉମାଶଙ୍କରବାବୁ ଘୋର ଜଙ୍ଗଲ ଭିତରୁ ବାହାରିଗଲେ । ଭାବିଲେ, ଏଣିକି ଆଲୁଅ ଜଳାଇଲେ ବିପଦ ନାହିଁ ବୋଧହୁଏ । କିନ୍ତୁ ଆଲୁଅ ଜଳାଇଲା ମାତ୍ରେ ହଠାତ୍ ଯେଉଁ ଦୃଶ୍ୟ ତାଙ୍କ ଆଖିରେ ପଡ଼ିଲା, ତାକୁ ସେ ସହଜରେ ବିଶ୍ୱାସ

Digitized by PPRACHIN, SOA

କରିପାରିଲେ ନାହିଁ । ସେ ଦେଖିଲେ, ତାଙ୍କ ଆଗଦେଇ ଗୋଟାଏ ଛାୟା ସେଇ ଅନ୍ଧକାର ଭିତରେ ଅପସରି ଯାଉଛି । ଅନ୍ୟ ସମୟ ହୋଇଥିଲେ ସେ ସମ୍ଭବତଃ ରିଭଲଭର ଚଲାଇ ଦେଇଥାନ୍ତେ; କିନ୍ତୁ ବର୍ତ୍ତମାନର ପରିସ୍ଥିତି ତାଙ୍କୁ ଏତେ ଭୟଗ୍ରସ୍ତ କରାଇ ଦେଇଥିଲା ଯେ, ସେ ରିଭଲଭରଟାଙ୍କୁ ଧରିବା କଥା ମଧ୍ୟ ଭୁଲିଗଲେ । ଛାୟାମୂର୍ତ୍ତିଟା ଯେ ପ୍ରକୃତରେ ଛାୟା କି ମନୁଷ୍ୟ, ସେ ବିଶ୍ୱାସ କରି-ପାରିଲେ ନାହିଁ । ସେଟା ମଧ୍ୟ ଏତେ କମ୍ ସମୟ ମଧ୍ୟରେ କୁଆଡ଼େ ଚାଲିଗଲା ଯେ ତାକୁ ପାଖରେ ପାଇବା ଖୁବ୍ ସହଜ ବୋଲି ମଧ୍ୟ ସେ ଭାବିପାରିଲେ ନାହିଁ । ଅଗତ୍ୟା ଆଲୁଅ ଲିଭାଇ ଦେବାପାଇଁ ସେ ବାଧ୍ୟ ହେଲେ । ସେଇ ଅନ୍ଧାର ଭିତରେ ବାଟ ଚାଲିବା ବରଂ ତାଙ୍କୁ ନିରାପଦ ବୋଧ ହେଲା । ଖାଲି ସେତିକି ନୁହେଁ, ନିଜର ଏ ଅସମ୍ଭବ ଦୁର୍ବଳତା ପାଇଁ ସେ ବଡ଼ ଲଜ୍ଜିତ ହେଲେ ମଧ୍ୟ ମନେ ମନେ ।

ଯାହାହେଉ ସେଠୁପରି ଆସି ସେ ମୋଟର ସାଇକେଲ ରଖିଥିବା ସ୍ଥାନ ନିକଟରେ ପହଞ୍ଚିଗଲେ । ଜଙ୍ଗଲ ରହିଲାଣି କେତେ ପଛରେ । ଆଲୁଅ ପକାଇ ଦେଖିଲେ ମୋଟର ସାଇକେଲଟା ଯଥାସ୍ଥାନରେ ରହିଛି । ଆଲୁଅ ଟିକିଏ ଉପରକୁ ପକାଇଲେ । ଦେଖିଲେ, ମୋଟର ସାଇକେଲ ସିଟ ଉପରେ ଖଣ୍ଡିଏ କାଗଜ ଚାରିଭାଙ୍ଗି ହୋଇ ଥୁଆ ହୋଇଛି । କାଗଜଟା କ'ଣ ହୋଇପାରେ ଭାବି ସେ ଖୋଲିପକାଇଲେ । ଖଣ୍ଡିଏ ଚିଠି । ମାତ୍ର କେତୋଟି ଧାଡ଼ି ଲେଖାଯାଇଛି, ତାହା ପୁଣି ତାଙ୍କୁହିଁ ସମ୍ବୋଧନ କରି । ଏକା ନିଃଶ୍ୱାସରେ ସେ ପଢ଼ିଗଲେ—

ମାନନୀୟ ଉମାଶଙ୍କରବାବୁ !

ଭଲ ଭାବରେ ପ୍ରସ୍ତୁତ ନ ହୋଇ ଏ ଅଞ୍ଚଳରେ ରାତିଯାତ୍ରା ବିପଜ୍ଜନକ । ନବୀନବାବୁ ଜୀବିତ । ତାଙ୍କୁ ଆପଣ ହସ୍ପିଟାଲରେ ପାଇବେ । ତାଙ୍କଠାରୁ ସମସ୍ତ ବିବରଣୀ ପାଇବେ ।' ଇତି ।

—ଦସ୍ୟୁ ଦୀପକ—

ଉମାଶଙ୍କରବାବୁ ଚମକି ପଡ଼ିଲେ, 'ଦସ୍ୟୁ ଦୀପକ' ! ସେ ତ ଦୁଇ ବର୍ଷ ହେବ ପାକିସ୍ଥାନ ଚାଲିଯାଇଛି । ସି. ଆଇ. ଡ଼ି. ରିପୋର୍ଟରୁ ଯାହା ଜଣାଯାଏ, ସେଠାରେ ସେ ସ୍ଥାୟୀ ବାସିନ୍ଦା ଭାବରେ ରହୁଛି । ପୁଣି ସେ ଏଠି କାହିଁକି ? ଦସ୍ୟୁ ଦୀପକର ଚିନ୍ତା ତାଙ୍କ ମନରେ ଗୁରୁତର ଝଞ୍ଜା ସୃଷ୍ଟି କଲାବେଳେ ନବୀନବାବୁଙ୍କ ଖବର ପାଇ ତାଙ୍କ ମନ ସାମାନ୍ୟ ଆଶ୍ୱସ୍ତ ହେଉଥିଲା । ପୁଣି ସେ ସନ୍ଦେହରେ

Digitized by PPRACHIN, SOA

ପଡ଼ୁଥିଲେ—ଦସ୍ୟୁ ଦୀପକ ଭୁଲ ସମ୍ବାଦ ଦେଇ ନିଜର ଅଭୀଷ୍ଟ ସାଧନ ପାଇଁ ତାଙ୍କୁ ପ୍ରତାରିତ କରୁନାହିଁ ତ ? କାରଣ ଏପରି ପ୍ରତାରଣାର ଶିକାର ସେ ହୋଇଚନ୍ତି ଅନେକ ଥର ତାଙ୍କ ଗୋଇନ୍ଦା ଜୀବନରେ । ଯାହାହେଉ, ତାଙ୍କୁ ସର୍ବପ୍ରଥମେ ନବୀନବାବୁଙ୍କ ଖବର ନେବାକୁ ହେବ । ପରେ ଆଉ ସବୁ କଥା ।

କିଛି ଆଗପଛ ନ ଭାବି ମୋଟର ସାଇକେଲରେ ଷ୍ଟାର୍ଟ ଦେଲେ ସେ । ମୋଟର ସାଇକେଲଟା ଗର୍ଜି ଉଠିବା ସଙ୍ଗେ ସଙ୍ଗେ ଛୁଟି ଚାଲିଲା ଆଗକୁ—ଷାଠିଏ ମାଇଲ ସ୍ପୀଡ୍‌ରେ ।

ସାତ

ହସ୍‌ପିଟାଲରେ ନବୀନବାବୁଙ୍କୁ ଅକ୍ଷତ ଅବସ୍ଥାରେ ଦେଖି ଉମାଶଙ୍କରବାବୁ କିଞ୍ଚିତ ଆଶ୍ୱସ୍ତ ହେଲେ । ଦେହ ତାଙ୍କର ଅକ୍ଷତ ଥିଲା ଯଦିଓ ଚେତନା ହରାଇଥିଲେ ସେ । ରାତି ଡିଉଟିରେ ଥିବା ଡାକ୍ତରଙ୍କ ଯତ୍ନ ଫଳରେ ଅବସ୍ଥାର ଯଥେଷ୍ଟ ଉନ୍ନତି ଦେଖାଯାଉଥିଲା । ମାତ୍ର ତାଙ୍କ କହିବା ଅନୁସାରେ ମାନସିକ ସ୍ୱାଭାବିକତା ଫେରି ଆସିବାକୁ ଆହୁରି ତିନି ଚାରି ଘଣ୍ଟା ଲାଗିପାରେ ।

ଉମାଶଙ୍କରବାବୁ ହିସାବ କରି ଦେଖିଲେ, ହୁଏତ ଆଠଟା ସୁଦ୍ଧା ସେ ନବୀନବାବୁଙ୍କଠାରୁ ସମସ୍ତ ବିବରଣୀ ବୁଝିନେଇପାରିବେ । ସବୁ କିଛି ବୁଝି ନ ନେଲା ପର୍ଯ୍ୟନ୍ତ କିଛି ଗୋଟାଏ କରି ବସିବା ବୁଦ୍ଧିମାନର କାମ ହେବନାହିଁ ଭାବି ରାତିର ଅବଶିଷ୍ଟ ସମୟତକ ବିଶ୍ରାମ କରିବାପାଇଁ ସ୍ଥିରକରି ବିଛଣାରେ ନିଜକୁ ଲୋଟାଇ-ଦେଲେ ।

ଦେହ ଓ ମନ କ୍ଳାନ୍ତ, ପୁଣି ଦୁଶ୍ଚିନ୍ତା । ଏଥିରେ କି କେବେ ନିଦ ହୁଏ ? ଗୋଟିଏ ପ୍ରଶ୍ନ ଘୁରାଇ ଘୁରାଇ ତାଙ୍କ ମନରେ ଉଙ୍କିମାରୁଥିଲା—'ଦସ୍ୟୁ ଦୀପକ ଏଠି କାହିଁକି ? ଦୀପକ ଆଉ ତାର ସହକାରୀ ଦୁହେଁ ଦୁର୍ଦ୍ଦାନ୍ତ ଦସ୍ୟୁ । ଏପର୍ଯ୍ୟନ୍ତ ପୋଲିସ ଏମାନଙ୍କୁ ଧରିପାରିନି । କେତେବେଳେ କେଉଁଠି କି ବେଶରେ ଯେ ସେ ରହନ୍ତି, ତାହା ଜାଣିବା ସାଧ୍ୟାତୀତ । ତଥାପି ସେ ଦସ୍ୟୁ । ଉମାଶଙ୍କରବାବୁ କେତେକ କେସରେ ତା ସମ୍ପର୍କରେ ଆସିଚନ୍ତି । ତାହାର ବୁଦ୍ଧି, ବଳ ପରୀକ୍ଷା କରିଚନ୍ତି । ସାଧାରଣତଃ ଯେଉଁଠି ଅନ୍ୟାୟ ବଢ଼ିଚାଲେ, ଦୁର୍ନୀତି, ଶୋଷଣ, ଅତ୍ୟାଚାର, ଭଦ୍ର ଆବରଣ ତଳେ ଥାଇ ଦେଶର ସମାଜର ସର୍ବନାଶର ସୂତ୍ରପାତ

Digitized by PPRACHIN, SOA

କରେ, ସେଇଠି ଦେଖାହବ ଦସ୍ୟୁ ଦୀପକ ତା'ର ସନ୍ଧକାଂଶୀ ରୂପକକୁ ନେଇ । ସେଇ ଦସ୍ୟୁ ଦୀପକ ହିଁ ତାଙ୍କୁ ଅଯାଚିତ ଭାବରେ କେତେ ସାହାଯ୍ୟ କରିଚି । ଯେଉଁଠି ଗୋଇନ୍ଦା ବୁଦ୍ଧି ହାର ମାନିଯାଏ, ସେଠି ଦୀପକ କିଛି ନା କିଛି କ୍ଳୁ ବାହାର କରି ପୁଣି ଗୋଏନ୍ଦାଙ୍କୁ ବାଟ ଦେଖାଇଦିଏ । ଏଠି ସେ କାହିଁକି ? କ'ଣ ସେପକ୍ଷ କିଛି ଗୁରୁତର ଘଟଣା ଭିତରେ ଭିତରେ ଘଟିବାକୁ ଯାଉଚି ନା କଣ ? ଆଜି ଏଠିକୁ ଯାହା ଜଣାଯାଉଚି—ତାଙ୍କର ଆସିବା ଖବର ଦୀପକ ପାଇଥିଲା ଏବଂ ନବୀନର ଖବର ମଧ୍ୟ ତାକୁ ଜଣାଗଲା ସେଇଥିପାଇଁ । ଆଚ୍ଛା ହେଉ; ସକାଳ ହେଲେ ସବୁ କଥା ଜଣାପଡ଼ିବ ନବୀନଠାରୁ । ତଥାପି ସକାଳ ହେବାକୁ ଯଥେଷ୍ଟ ଡେରି ଅଛି । ନିଦ ହେଉ ନ ଥିବାରୁ ରାତିଟା ବହୁତ ଲମ୍ବ ବୋଧ ହେଉଥିଲା ତାଙ୍କୁ । ବିଛଣାରେ ପଡ଼ି ଖାଲି ଏକଡ଼ ସେକଡ଼ ହେଉଥିଲେ ସେ । ପାହାନ୍ତି ପହରର ଥଣ୍ଡା ହାଓ୍ୱା ଲାଗୁଥିଲା ତାଙ୍କ ଦେହରେ ।

ଦୂରରୁ କୁଆ କୋଇଲିଙ୍କର ରବ ଶୁଣାଗଲା । ରାତି ପାହିବାର ସୂଚନା ଉମାଶଙ୍କରବାବୁ ଅନୁଭବ କଲେ, ତାଙ୍କୁ କ୍ରମେ କ୍ରମେ ନିଦ ଲାଗିଆସୁଛି । କିନ୍ତୁ ଆଗରେ କର୍ତ୍ତବ୍ୟ । ସେ ବିଛଣାରୁ ଧଡ଼ପଡ଼ ହୋଇ ଉଠିଲେ 'ନା କାମ ଶେଷ ନ କଲା ପର୍ଯ୍ୟନ୍ତ ନିଶ୍ଚିନ୍ତରେ କଦାପି ଶୋଇହେବ ନାହିଁ ।' ତଉଲିଆଟା କାନ୍ଧରେ ପକାଇ ବାହାରକୁ ଚାଲିଆସିଲେ । ଯଥାର୍ଥରେ ଫରଚ୍ ଫିଟିଆସିଲାଣି ସେତେବେଳକୁ । ଚା' ତିଆରି କରିବାପାଇଁ ପୂଝାରୀକୁ ଡାକଦେଇ ସେ ଚାଲିଗଲେ ବାଥ୍‌ରୁମ୍‌କୁ । ନିତ୍ୟକର୍ମ ଶେଷ କରି ଆସି ଚା' ଖାଉଚନ୍ତି, ଏତିକବେଳେ ଟେଲିଫୋନଟା ରିଂ କରି ଉଠିଲା ।

ଖୁବ୍ ସକାଳୁ ଯେ ଏକାଧିକ ବାର ଟେଲିଫୋନ୍ ରିଂ କରିବ, ଏକଥା ବେଶ୍ ଅନୁମାନ କରିନେଇଥିଲେ ଉମାଶଙ୍କରବାବୁ । ଗତ ରାତିର ଘଟଣା ଏପରି ଅନୁମାନ କରିବାପାଇଁ ତାଙ୍କ ପକ୍ଷରେ ଯଥେଷ୍ଟ କାରଣ ହୋଇଥିଲା । ତେଣୁ ଚା' କପ୍‌ଟା ଟେବୁଲ ଉପରେ ଥୋଇଦେଇ ସେ ଉଠିଗଲେ ଘର ଭିତରକୁ ।

ପୋଲିସ ହେଡ୍‌କ୍ୱାଟରରୁ ଫୋନ୍ ଧରିଥିଲେ ସ୍ୱୟଂ ଏସ୍. ପି. ସାହେବ । କିଛି ସମୟ କଥାବାର୍ତ୍ତା କଲାପରେ ସେ ଉଠିଆସି ଚା' କପ୍‌ଟି ଶୀଘ୍ର ଶେଷ କରିଦେଇ ବାହାରିଗଲେ ବାହାରକୁ । ଦ୍ରୁତଗାମୀ ଜିପ୍‌ଖଣ୍ଡିକ ତାଙ୍କର ଛୁଟି ଚାଲିଲା ରାଜପଥ ଉପରେ ।

* * * *

ଡାକ୍ତର ପଟ୍ଟନାୟକବାବୁ ରାତ୍ର ଡିଉଟି ସାରି ସେଇମାନ ନିଜ କ୍ୱାଟରକୁ ଫେରିବାପାଇଁ ପ୍ରସ୍ତୁତ ହେଉଥିଲେ । ଉମାଶଙ୍କରବାବୁଙ୍କ ଜିପ୍ ଅଟକିବା ଦେଖି ସେ ମଧ୍ୟ ଟିକିଏ ଠିଆ ହୋଇଗଲେ । ନବୀନବାବୁଙ୍କ ଖବରଟା ଜାଣିବା ପାଇଁ ଉମାଶଙ୍କର ବାବୁ ଅତ୍ୟନ୍ତ ବ୍ୟଗ୍ର ଥିଲେ । ତେଣୁ ଡାକ୍ତରଙ୍କୁ ଦେଖିଲା ମାତ୍ରେ ପଚାରିଦେଲେ, "ନବୀନ ?"

"ସମ୍ପୂର୍ଣ୍ଣ ସୁସ୍ଥ !"—କହି ଜିପ୍ ନିକଟକୁ ଆସି କରମର୍ଦ୍ଦନ କଲେ. ଉମାଶଙ୍କରବାବୁଙ୍କ ସହିତ ।

"ତୁମକୁ ଆଉ ଟିକିଏ କଷ୍ଟ କରିବାକୁ ପଡ଼ିବ ଡାକ୍ତର୍, ଅନ୍ତତଃ ଗଲା ରାତ୍ରରେ ନବୀନ ବିଷୟରେ ସବୁ କଥା ଶୁଣି ନ ସାରିବା ଯାଏ ମୁଁ ତୁମକୁ ଛାଡ଼ିବି ନାହିଁ"--ହସି ହସି କହିଲେ ଉମାଶଙ୍କରବାବୁ ।

"ଠିକ୍ ଅଛି, ଠିକ୍ ଅଛି, ବରଂ ମୁଁ ଖୁସି ହେବି ସେଥିରେ"—କହି ଡାକ୍ତରବାବୁ ଉମାଶଙ୍କରବାବୁଙ୍କ ହାତ ଧରି ନେଇଗଲେ ଭିତରକୁ ।

ଉଭୟେ ଆସନ ଗ୍ରହଣ କଲାପରେ ଉମାଶଙ୍କରବାବୁ କହିଲେ, "ଏଥର କହନ୍ତୁ ।"

"ଶୁଣନ୍ତୁ, କାଲି ରାତ୍ର ପ୍ରାୟ ସାଢ଼େ ଗୋଟାଏ ହେବ, ଗୋଟାଏ କଳା-ରଙ୍ଗର ଆମ୍ବାସାଡ଼ର ଗାଡ଼ି ଖୁବ୍ ବେଗରେ ଆସି ବ୍ରେକ୍ କଲା ଫାଟକ ପାଖରେ । ତା ଭିତରୁ ଦୁଇ ଜଣ ସାହେବ ପୋଷାକଧାରୀ ଯୁବକ ନବୀନବାବୁଙ୍କୁ ଟେକି ଟେକି ଆଣି ଶୁଆଇଦେଲେ ଏଇ ବାରଣ୍ଡାରେ । ତା'ପରେ ବେହେରାକୁ ଡାକି ସ୍ୟାଙ୍କର ଚିକିତ୍ସା କରାଇବାକୁ ବରାଦ ଦେଲେ । ତା ସାଙ୍ଗେ ସାଙ୍ଗେ ତାକୁ ଖଣ୍ଡିଏ ଦଶଟଙ୍କିଆ ନୋଟ ବକ୍‌ସିସ୍ ମଧ୍ୟ । ଆଉମଧ୍ୟ ତାକୁ କହିଲେ—"ଡାକ୍ତରବାବୁଙ୍କୁ କହିବ, ବିଷାକ୍ତ ଗ୍ୟାସ୍ ପ୍ରୟୋଗରେ ଏ ଭଦ୍ରଲୋକ ଅଜ୍ଞାନ ହୋଇଯାଇଚନ୍ତି ।" ବେହେରା ମୋତେ ଡାକିବାପାଇଁ ଓ୍ୱାର୍ଡ଼କୁ ଚାଲିଗଲା । ସେ ଯୁବକ ଦୁଇ ଜଣ ଇତିମଧ୍ୟରେ କାର୍ ଛୁଟାଇ ଅନ୍ତର୍ଦ୍ଧାନ । ମୁଁ ଆସି ଦେଖେ ତ ସ୍ୱୟଂ ନବୀନବାବୁ ପୀଡ଼ିତ । ଆପଣଙ୍କ ଘରକୁ ଫୋନ୍ କଲି । କିନ୍ତୁ ଜବାବ ପାଇଲି ନାହିଁ । ବର୍ତ୍ତମାନ ସେ ଭଲ ଅଛନ୍ତି । ତାଙ୍କର ସ୍ୱାଭାବିକ ଅବସ୍ଥା ଫେରିଆସିଚି । ସେ ଯାଇପାରନ୍ତି ।"

ଉମାଶଙ୍କରବାବୁ କୃତଜ୍ଞତା ଦେଖାଇ କହିଲେ—"ମୋତେ ଆପଣ ଋଣୀ କଲେ ଡାକ୍ତରବାବୁ ।"

Digitized by PPRACHIN, SOA

ଡାକ୍ତର ପଟ୍ଟନାୟକ ହସି ହସି ବିଦାୟ ନେଇଗଲେ ଉମାଶଙ୍କର-ବାବୁଙ୍କ ଠାରୁ ।

ଡାକ୍ତରଙ୍କଠାରୁ ଶୁଣିସାରିଲା ପରେ ବହୁ ପରିମାଣରେ ଆଶ୍ୱସ୍ତ ହେଲେ ଉମାଶଙ୍କରବାବୁ । ଯେଉଁ ସାହେବ ପୋଷାକଧାରୀ ଯୁବକ ଦୁଇଜଣ ନବୀନବାବୁଙ୍କୁ ଆଣି ଡାକ୍ତରଖାନାରେ ରଖାଇ ଦେଇଗଲେ, ସେ ଦୁହେଁ ଯେ ଦସ୍ୟୁ ଦୀପକ ଏବଂ ତାର ସହକାରୀ ରୂପକ, ଏଥିରେ ତାଙ୍କର ତିଳେ ହେଲେ ସନ୍ଦେହ ରହିଲା ନାହିଁ । ସେ ଭାବିଲେ —ନବୀନର ଏ ଅବସ୍ଥା ପାଇଁ ଦୀପକ ତାହାହେଲେ ଦାୟୀ ନୁହେଁ; ବରଂ ସେ ତାକୁ ସାହାଯ୍ୟ କରିଛି । ହୁଏତ ସେ ସାହାଯ୍ୟ ନ କରିଥିଲେ ନବୀନର ଅବସ୍ଥା ଆହୁରି କିଛି ଗୁରୁତର ହୋଇଥାନ୍ତା । ପ୍ରକୃତ ଅପରାଧୀ କିଏ, ସେ ବିଷୟ କେବଳ ତାଙ୍କର ଚିନ୍ତାର ବିଷୟ ହୋଇପଡ଼ିଲା । ସମସ୍ତ ଘଟଣାର ଅବଶିଷ୍ଟାଂଶ ଜାଣିବାପାଇଁ କୌତୂହଳୀ ହୋଇ ଲମ୍ବ ଲମ୍ବ ପାଦ ପକାଇ ସେ ଚାଲିଲେ ଆଗକୁ ଯେଉଁଠି ନବୀନବାବୁ ଥିଲେ ।

ପ୍ରକୃତପକ୍ଷେ ନବୀନବାବୁ ସୁସ୍ଥ ଥିଲେ ଏବଂ ବାରଣ୍ଡାରେ ଗୋଟିଏ ଚେୟାର ଉପରେ ବସି ଜଣେ ବେହେରା ସହିତ କଥାବାର୍ତ୍ତା କରୁଥିଲେ । ଉମାଶଙ୍କରବାବୁଙ୍କୁ ଦେଖିଲାମାତ୍ରେ ସେ ଆସନ ଛାଡ଼ି ତାଙ୍କ ପାଖକୁ ଚାଲିଆସିଲେ । ଉମାଶଙ୍କରବାବୁ ମଧ୍ୟ ନବୀନବାବୁଙ୍କୁ ସୁସ୍ଥ ଦେଖି ମନରେ ଖୁବ୍ ଆନନ୍ଦ ଅନୁଭବ କଲେ ।

"ତୁମର କଣ ଏମିତି ହେଲା ହଠାତ୍"—ଉମାଶଙ୍କରବାବୁ ମୁହଁରେ ବସି ଚିନ୍ତା ଦେଖାଇ କହିଲେ ।

"ସେଇ କଥା ମୋତେ ମଧ୍ୟ ଖୁବ୍ ଆଶ୍ଚର୍ଯ୍ୟ ଲାଗୁଛି ସାର୍ ଜମିଦାର ଧୀରେନ୍ଦ୍ର ନାରାୟଣଙ୍କ ପ୍ରାସାଦ ଉଦ୍ୟାନର ପଛପଟେ ଥାଇ ଆମେ ଯେତେବେଳେ ଧସ୍ତାଧସ୍ତିର ଶବ୍ଦ ଆଉ ଚିତ୍କାର ଶୁଣିଥିଲେ, ସେତିକବେଳେ ମୁଁ ମୋର ଖୁବ୍ ନିକଟରେ କାହାର ଉପସ୍ଥିତି ଅନୁଭବ କରିଥିଲି । ପ୍ରଥମେ ସେଇଟାକୁ ମୁଁ ଭ୍ରମ ବା ମୋର ମନର ଦୁର୍ବଳତା ବୋଲି ଭାବି ନେଇଥିଲି । କିନ୍ତୁ ଯେତେବେଳେ ଚିତ୍କାର ଶୁଭିଲା, ଆଉ ଆପଣ ସଦର ଫାଟକ ଉଦ୍ଦେଶ୍ୟରେ ଧାଇଁଲେ, ମୁଁ ମଧ୍ୟ ଆପଣଙ୍କୁ ଅନୁସରଣ କରୁଥିଲି; ମାତ୍ର ଗୋଟିଏ ପାହୁଣ୍ଡ ଉଠାଇଲାମାତ୍ରେ ମୋର ଗଳା ଆଉ ପାଟିକୁ ଗୋଟାଏ ଖୁବ୍ ଶକ୍ତ ହାତରେ ଏପରି ଭାବରେ କିଏ ଚିପିଧରିଲା ଯେ, ମୁଁ ଇଚ୍ଛା ହେଲେ ଆଗକୁ ଯାଇପାରିଲି ନାହିଁ କି ପାଟି ମଧ୍ୟ କରିପାରିଲି ନାହିଁ । ଆପଣ ଷ୍ଟ୍ରୀ

Digitized by PPRACHIN, SOA

ଚାଲିଗଲେ । ସେହି ମୁହୂର୍ତ୍ତରେ ମୁଁ ଅନୁଭବ କଲି, ଯେପରି ମୋ ସାରା ଦେହଟାରେ ତରଳ ଲୁହାଗୁଡ଼ାକ କିଏ ଢାଳି ଦେଇଛି । ମୁଁ ସମ୍ପୂର୍ଣ୍ଣ ଭାବରେ ଜ୍ଞାନ ହରାଇ ପଡ଼ିଲି । ଏଇ ସବୁ ଘଟଣା ଅଧମିନିଟରୁ କମ୍ ସମୟ ଭିତରେ ଘଟିଗଲା । ମୋର ଚେତା ହେଲାବେଳକୁ ଦେଖୁଛି—ଅଛି ଏଇଠି । ମୁଁ ଆସିଲି କିପରି ?''

ଉମାଶଙ୍କରବାବୁ ଟିକିଏ ହସି କହିଲେ ''ଦସ୍ୟୁ କରୁଣାରୁ । ଦୁର୍ଦ୍ଧର୍ଷ ଦସ୍ୟୁ ଦୀପକ ଆଉ ରୂପକ ତୁମକୁ ଉଦ୍ଧାର କରି ଆଣି ଏଇଠି ଛାଡ଼ିଦେଇଗଲେ । ତୁମେ ସେମାନଙ୍କ ବିଷୟରେ ଭଲ ଭାବରେ ଜାଣିଥିବ । ଅଧିକ ନିଷ୍ପ୍ରୟୋଜନ । କାଲି ରାତିରେ ଯେଉଁ ଧସ୍ତାଧସ୍ତି ଆଉ ଚିତ୍କାର ଆମେ ଶୁଣିଥିଲେ—ସେ କାହାର ଶବ୍ଦ ସେଥିରେ ମୁଁ ସନ୍ଦିହାନ । ମାତ୍ର ରାମଲାଲ ପୁଅ ରଘୁର ଗତକାଲି ମୃତ୍ୟୁ ହୋଇଛି—ଠିକ୍ ତା ବାପ ଯେମିତି ମରିଥିଲା । ଆଜି ସକାଳୁ ଏସ୍: ପି: ସାହେବ ମୋତେ ସେ କଥା କହୁଥିଲେ ।''

''ଆପଣ ତା'ହେଲେ ବର୍ତ୍ତମାନ ଦେବନଗର ଯାଉଛନ୍ତି ! ମୁଁ ଯିବି ?''

''ନା, ତୁମର ଅନ୍ତତଃ ସେଠିକୁ ଏତେ ଶୀଘ୍ର ଯିବା ଉଚିତ ନୁହେଁ । ତୁମେ ଆଜିପାଇଁ ବିଶ୍ରାମ କର । ରାତିକୁ ଆମକୁ କୁଆଡ଼େ ଯିବାକୁ ପଡ଼ିପାରେ ।''

''ପୁଣି ?'' କପାଳର ରେଖା କୁଞ୍ଚିତ ହୋଇଉଠିଲା ନବୀନବାବୁଙ୍କର ।

''ଆହୁରି ଅନେକଥର ମଧ୍ୟ ! ଭୟ କରୁଛ ?''—ହସି ହସି ପଚାରିଲେ ଉମାଶଙ୍କରବାବୁ ।

ନବୀନବାବୁ ଟିକିଏ ଲଜ୍ଜିତ ହୋଇପଡ଼ିଲେ ।

ଖବର ବିସ୍ତୃତ ହୋଇ ପଡ଼ିଲାଣି । ଦିନ ଡ୍ୟୁଟିରେ ଥିବା ଡାକ୍ତର, ନର୍ସ, ବେହେରା ପ୍ରଭୃତି ଗୋଟି ଗୋଟି ହୋଇ ଆସିଗଲେଣି । ଅନେକ ରୋଗୀ ମଧ୍ୟ ଉଠି ବାରଣ୍ଡାରେ ଟହଲୁଛନ୍ତି । ଉମାଶଙ୍କରବାବୁ ସେଠାରେ ଅଧିକ ସମୟ ରହିବା ଉଚିତ ମନେ ନ କରି ଫେରିଆସିଲେ ନବୀନବାବୁଙ୍କୁ ସାଙ୍ଗରେ ଧରି ।

ଆଠ

ଶେଠ୍ ଗୋବିନ୍ଦ ଦାସ ଏସ୍: ପି: ସାହେବଙ୍କ କୋଠରୀ ଭିତରକୁ ପଶିଯାଇ ଚିତ୍କାର କରି ଉଠିଲେ, ''ମୋତେ ଏ ସର୍ବନାଶରୁ ବଞ୍ଚାନ୍ତୁ ଏସ୍: ପି: ସାହେବ ! ନ ହେଲେ ମୁଁ ସର୍ବସ୍ୱାନ୍ତ ହୋଇଯିବ ।''

Digitized by PPRACHIN, SOA

ଏ ଆକସ୍ମିକ ପରସ୍ଥିତି ପାଇଁ ଆଦୌ ପ୍ରସ୍ତୁତ ନ ଥିଲେ ଏସ୍: ପି: ସାହେବ । ସେ ଆବାକାବା ହୋଇ ଗୁହିଁ ରହିଲେ ସେଠ୍‌ଜୀଙ୍କ ଆଡ଼େ । ଘଟଣାଟା କଣ ଜାଣିବା ପାଇଁ ବିଶେଷ ଉତ୍ସୁକ ଥିଲେ ସୁଦ୍ଧା ତାଙ୍କୁ ପଚାରିବାକୁ ଅବସର ମିଳୁ ନ ଥିଲା । ସେଠ୍‌ଜୀଙ୍କ ବ୍ୟସ୍ତତାରୁ କିଛି ଗୋଟାଏ ବିଶେଷ ଧରଣର ଦୁର୍ଘଟଣା ଘଟିବାକୁ ଯାଉଛି ବୋଲି ସେ ଭଲ ଭାବରେ ଜାଣି ପାରୁଥିଲେ ।

ସେଠ୍ ଗୋବିନ୍ଦ ଦାସ ଏକ ପ୍ରକାର ଉସ୍ତରେ ଜର୍ମି ଜର୍ମି ଗୋଟାଏ ସୋଫା ଉପରେ ନିଜକୁ କଣ୍ଡିଡ଼ଦେଲେ । ଏଇ ଅବସରରେ ଏସ୍: ପି: ସାହେବ ସୁଯୋଗ ପାଇ କହିଲେ "ଘଟଣାଟା କଣ ଫିଟାଇ କହନ୍ତୁ ସେଠ୍‌ଜୀ ! ଏପରି ବ୍ୟସ୍ତ ହେଲେ କଣ ହେବ ।"

—"ଅଉ ବ୍ୟସ୍ତ ହେବ କଣ ଆଜ୍ଞା, ମୁଁ ତ ଏ ସଂସାରରୁ ସରିଗଲି ଏଥର । ଏଇ ଦେଖନ୍ତୁ ଆଜି ସକାଳୁ ଏ କାଣ୍ଡ !"—କହୁ କହୁ ଆପଣାର ଜାକେଟ ପକେଟରୁ ଖଣ୍ଡିଏ ଲଫାପା କାଢ଼ି ଏସ୍: ପି: ସାହେବଙ୍କ ସାମନା ଟେବୁଲ ଉପରେ ଥୋଇଦେଲେ ସେଠ୍ ।

ଏସ୍: ପି: ସାହେବ ଆଗ୍ରହର ସହିତ ଲଫାଫା ଖଣ୍ଡିକ ନେଇ ଦେଖିଲେ—ଉପରେ ସେଠ୍‌ଜୀଙ୍କ ଠିକଣା ଲେଖାଅଛି । ଲଫାଫାଟି ଖୋଲି । ତା ଭିତରୁ ଖଣ୍ଡିଏ ଫ୍ଲେଟ କାଗଜ ବାହାର କରି ସେ ଖୋଲି ଦେଖିଲେ. ଖଣ୍ଡିଏ ଚିଠି । ଲେଖାଅଛି—

ସେଠ୍ ଗୋବିନ୍ଦ ଦାସ !

ଆସନ୍ତାକାଲି ରାତି ଗୋଟାଏବେଳେ ତୁମେ ଏକ ଲକ୍ଷ ଟଙ୍କା ତୁମ ବଗିଚା ପୂର୍ବପଟ ପାଚେରୀ ଉପରେ ରଖିଦେଇ ଆସିବ । ନଚେତ୍ ଚାରି ଘଣ୍ଟାକ ମଧ୍ୟରେ ତୁମର ଟ୍ରେଜେରୀରେ ଥିବା ପାଞ୍ଚଲକ୍ଷ ଟଙ୍କା ହରଣଚାଲ କରି ନିଆଯିବ । ସାବଧାନ ! ପୋଲିସରେ ଖବର ଦେଲେ ବିପଦ ବେଶୀ ।

—ଦସ୍ୟୁ ପ୍ରାପକ

ଏସ୍: ପି: ଚିଠିଟା ଉପରେ ଭଲ ଭାବରେ ଦୁଇ ତିନି ଥର ଆଖି ବୁଲାଇ-ନେଇ କହିଲେ—"ପାଇଲେ କେମିତି ?"

Digitized by PPRACHIN, SOA

—"ଜଣେ ଲୋକ୍‌ଠାରୁ । ଦରଓ୍ୱାନ୍ ହାତରେ ଦେଇଯାଇଥିଲା । ଏଥର କଣ କରାଯିବ କୁହନ୍ତୁ । ଆପଣମାନେ ସାହା ନ ହେଲେ ମୁଁ ... ସପାଇରୁ ଉଠଲି ।"

ଏସ୍: ପି: ସାହେବ ଚନ୍ତିତ ହୋଇ କହିଲେ, "ଠିକ୍ ଅଛି । ଆଜି ରାତି ତ ? ହଉ, ମୁଁ ତାର ବ୍ୟବସ୍ଥା କରିବ । ଆପଣ ଆସନ୍ତୁ ଏ ଚିଠିଟା ମୋ ପାଖରେ ଥାଉ, କଣ କିଛି ଆପତ୍ତି ଅଛି ?

"କିଛି ନାହିଁ, କିଛି ନାହିଁ । ମୋ ପାଖରେ ଥିଲେ ଯାହା, ଆପଣଙ୍କ ପାଖରେ ଥିଲେ ସେଯା । ଆପଣ ଟିକେ ଲାଗନ୍ତୁ । ନ ହେଲେ ମୁଁ କଣ କରିବ ବତାଇ ଦିଅନ୍ତୁ ।" କହୁ କହୁ ସେଠ୍‌ଜୀ ଉଠିଲେ । ତାଙ୍କ ସଙ୍ଗେ ସଙ୍ଗେ ଏସ୍: ପି: ସାହେବ ମଧ୍ୟ ଉଠିଲେ ତାଙ୍କୁ ବଳେଇ ଦେବାପାଇଁ । ସେଠ୍‌ଜୀ ଫାଟକ ଅତିକ୍ରମ କଲାପରେ ସେ ପୁଣି ନିଜ କୋଠରୀକୁ ଫେରିଆସି ଫୋନ୍ ଉଠାଇଲେ—

"ହ୍ୟାଲୋ ।"

"...କଣ ହେଲା ? ନାହାନ୍ତି ?"

..."ଦେବନଗର ! ଆଚ୍ଛା, ଆଚ୍ଛା, ଫେରିଲେ ଯେମିତି ଏଠିକୁ ଆସନ୍ତି ।"

..."ଠିକ୍ ଅଛି ।"

ରିସିଭର ଥୋଇଦେଇ ସେ ପୁଣି ଚିଠିଖଣ୍ଡିକ ଦେଖିବାରେ ମନୋନିବେଶ କଲେ ।

ହିମାଂଶୁଙ୍କରବାବୁ ଦେଖିଲେ ରାମଲାଲର ମୃତ୍ୟୁ ଯେପରି ଭାବରେ ହୋଇଥିଲା, ତା ପୁଅ ରଘୁର ଠିକ୍ ସେଇପରି ହୋଇଛି । ଟିକଏ ହେଲେ ବ୍ୟତିକ୍ରମ ସେ ଲକ୍ଷ୍ୟ କରିପାରିଲେ ନାହିଁ । ରଘୁ ଥିଲା ଅଳ୍ପ ବୟସ୍କ ବଳବାନ ଯୁବକ । ସ୍ୱାସ୍ଥ୍ୟ ମଧ୍ୟ ତାର ଖୁବ ଭଲ ଥିଲା । ତାର ଏପରି ଆକସ୍ମିକ ଭାବରେ ମୃତ୍ୟୁ ହେବାଟା ଗଭୀର ଦୁଃଖ ଆଣି ଦେଇଥିଲା ହିମାଂଶୁଙ୍କରବାବୁଙ୍କ ମନରେ । ସେ ବୁଝୁଥିଲେ—ଗତ ରାତିରେ ଯଦି ରଘୁ ଏପରି ଶୋଚନୀୟ ଅବସ୍ଥାରେ ପଡ଼ିଛି ବୋଲି ଜାଣିଥାନ୍ତେ ତେବେ ସେ ତାକୁ ବଞ୍ଚାଇବାକୁ ନିଶ୍ଚୟ ଚେଷ୍ଟା କରିଥାନ୍ତେ । ତାଙ୍କର ଏପରି ଭାବିବାର କାରଣ ମଧ୍ୟ ଥିଲା । ସେ ଦୃଢ଼ ଭାବରେ ଜାଣି ନେଇଥିଲେ ଯେ, ଜମିଦାର ଧୀରେନ୍ଦ୍ରନାରାୟଣଙ୍କ ବଗିଚା ଭିତରେ ଯେଉଁ ଚିତ୍କାର ସେ ଶୁଣିବାକୁ ପାଇଥିଲେ, ସେ ଚିତ୍କାର ସମ୍ଭବତଃ ରଘୁର ଥିଲା ।

Digitized by PPRACHIN, SOA

ପାଖରେ କେଇଜଣ ପୋଲିସ ଜଗିଥାଏ । ଦୁଇ, ତିନି ଜଣ ଗ୍ରାମବାସୀ ଛଡ଼ା ଆଉ କେହି ନଥିଲେ । ରଘୁର ନବବିବାହିତା ସ୍ତ୍ରୀ ଘରଭିତରେ ବାହୁନି କାନ୍ଦୁଥିଲା ! ଉମାଶଙ୍କରବାବୁ ସେମାନଙ୍କ ସାହାଯ୍ୟରେ ଲାସର କେତୋଟା ଫଟୋ ଉଠାଇନେଇ ଶବ ସତ୍କାର କରିବାକୁ ଅନୁମତି ଦେଇ ଚାଲିଆସିଲେ । ଘରକୁ ଯିବା ପୂର୍ବରୁ ଅନ୍ତତଃ ଏସ୍: ପି: ସାହେବଙ୍କୁ ସମସ୍ତ ବୃତ୍ତାନ୍ତ ଥରେ ଜଣାଇ ଦେଇଯିବା ଉଚିତ ଭାବି ତାଙ୍କର କୋଠି ଆଡ଼େ ଜିପ୍ ଛୁଟାଇଦେଲେ ।

ଏସ୍: ପି: ସାହେବ ମଧ୍ୟ ବ୍ୟଗ୍ରଭାବରେ ଉମାଶଙ୍କରବାବୁଙ୍କୁ ପ୍ରତୀକ୍ଷା କରୁଥିଲେ । ସେ ତାଙ୍କୁ ଦେଖିଲାମାତ୍ରେ ଆସନରେ ବସିବାକୁ ନିର୍ଦ୍ଦେଶ ଦେଇ ଚିଠିଖଣ୍ଡିକ ବଢ଼ାଇଦେଲେ ତାଙ୍କ ହାତକୁ—ଯେଉଁ ଚିଠି ଖଣ୍ଡିକ ଅଳ୍ପ ସମୟ ପୂର୍ବରୁ ସେଠ୍ ଗୋବିନ୍ଦ ଦାସଙ୍କଠାରୁ ସେ ରଖିଥିଲେ ।

ଉମାଶଙ୍କରବାବୁ ଚିଠିଖଣ୍ଡିକ ପଢ଼ି ନେଇସାରି ନିଜ ପକେଟରୁ ଖଣ୍ଡିଏ ଚିଠି କାଢ଼ି ଟେବୁଲ ଉପରେ ଖୋଲି ରଖିଲେ । ଦୁଇଖଣ୍ଡିଯାକ ଚିଠିକୁ ମିଳାଇ ଦେଖୁ ଦେଖୁ କପାଳରେ ଚିନ୍ତାର ରେଖା ଫୁଟିଉଠିଲା ତାଙ୍କର । ସେ ଚିଠି ଦୁଇ-ଖଣ୍ଡି ଏସ୍: ପି: ସାହେବଙ୍କ ଆଡ଼କୁ ବଢ଼ାଇଦେଇ କହିଲେ—"ଦେଖନ୍ତୁ ଆଜ୍ଞା, ଏ ଚିଠି ଦୁଇ ଖଣ୍ଡିର ଜଣେ ପ୍ରେରକ, ମାତ୍ର ଲେଖକ ନୁହେଁ ।"

—"ଅର୍ଥାତ୍ ?" ପ୍ରଶ୍ନବାଚକ ଦୃଷ୍ଟିରେ ଏସ୍: ପି: ସାହେବ ଚାହିଁଲେ ତାଙ୍କ ଆଡ଼େ ।

"ଦୁଇଟା ଯାକ ଚିଠିର ହସ୍ତାକ୍ଷରରେ ଡିଫରେନ୍ସ ଅନେକ ରହିଛି, ଯେଉଁଟା କି ଖୁବ୍ ସହଜରେ ଧରାପଡ଼ିଯାଉଛି; ଏଇଥିରୁ କଣ ଜଣାଯାଉନି ?"

ଏସ୍: ପି: ସାହେବ ମୁଣ୍ଡ ହଲାଇ ହଲାଇ କହିଲେ—"ଆଇ. ସି., ଆପଣ ତେଣେ କଣ ଦେଖିଲେ ?"

ଉମାଶଙ୍କରବାବୁ ଅଳ୍ପ ହସି କହିଲେ—"ଯାହା ଦେଖିଲି ସବୁ ଗୋଳ-ମାଳିଆ ଭିତରେ । ତେବେ ହତ୍ୟାକାରୀ ଯେ ଅସୀମ ବୁଦ୍ଧିମାନ, ଏଥିରେ ସନ୍ଦେହ ନାହିଁ । ତା'ର ହତ୍ୟା କରିବାର କାରଣ ଏ ପର୍ଯ୍ୟନ୍ତ ଆମର ଅବୋଧ, ବିଶେଷତଃ ଏଇ ନିରୀହ ପ୍ରାଣୀ—ରାମଲାଲ, ରଘୁ ହୋସେନ୍ ଅଲ୍ଲୀ । ଏପରି ଲୋକଙ୍କୁ ହତ୍ୟା କରିବା ପଛରେ କି ଉଦ୍ଦେଶ୍ୟ ଥାଇପାରେ ? ଆଉ ଗୋଟିଏ ପ୍ରଧାନ ଚିନ୍ତାର ବିଷୟ

Digitized by PPRACHIN, SOA

ହେଲ—ଦୁର୍ଦ୍ଦାନ୍ତ ଦସ୍ୟୁ ଘାସକ ଆଉ ତାର ସହକାରୀ ରୂପକଙ୍କୁ ନେଇ । ସେ ଦୁହେଁ ଯେ ସ୍ଥା ଭିତରେ କି ଭାବରେ ଜଡ଼ିତ ଅଛନ୍ତି, ତାହା ବି ଗୋଟାଏ ଭୁଗୁତର ବିଷୟ ।”

—“ସେମାନେ ହତ୍ୟାକାଣ୍ଡ ଭିଆଇ ପାରିଥାନ୍ତି—” କଥା ମଝିରେ ବାଧା ଦେଇ କହିଲେ ଏସ୍: ପି: ସାହେବ ।

“ଅସମ୍ଭବ ! ଦସ୍ୟୁ ଘାସକ ଆଉ ରୂପକଙ୍କୁ ମୁଁ ଭଲ ଭାବରେ ଜାଣେ । ସେମାନେ ନରହତ୍ୟା, ବିଶେଷତଃ ଏପରି ନିରୀହ ଜୀବଙ୍କୁ ଆଦୌ ହତ୍ୟା କରନ୍ତି ନାହିଁ । କାଲି ନବୀନକୁ ଡାକ୍ତରଖାନାରେ ସେଇ ଦୁହେଁ ହିଁ ଛାଡ଼ିଦେଇ ଯାଇଥିଲେ । ତାଙ୍କର କୌଣସି ମନ୍ଦ ଉଦ୍ଦେଶ୍ୟ ଥିଲା ପରି ମୋର ହୃଦ୍‌ବୋଧ ହେଉନାହିଁ ।”

ଉମାଶଙ୍କରବାବୁଙ୍କ ପରି ବିଚକ୍ଷଣ ଗୋଇନ୍ଦାଙ୍କ ମତାମତ ଉପରେ ପ୍ରତିବାଦ କରିବାର ସାହସ ନ ଥିଲା ଏସ୍: ପି: ସାହେବଙ୍କର । ସେ କହିଲେ —“ଭଲ କଥା; ଆପଣ ଯାହା ଭାବୁଚନ୍ତି କରନ୍ତୁ, ଏଣେ ସେଠ୍‌ଙ୍କ ଅବସ୍ଥା କଣ କରାଯିବ ?”

—“ଖୁବ୍ କଡ଼ା ଜଗୁଆଳି ବ୍ୟବସ୍ଥା କରି ତାର ଚେଷ୍ଟାକୁ ନିଷ୍ଫଳ ଭାବରେ ପଣ୍ଡ କରି ଦିଆଯିବ । ତା ଛଡ଼ା ସେଇ ସୁଯୋଗରେ ତାକୁ ଯଦି ହାତକଡ଼ି ପକାଇ ଦିଆଯାଇପାରେ ତ ଅତି ଉତ୍ତମ କଥା । ମୁଁ ସେ ଦିଗରେ ମୋର ପ୍ରାଣପଣ ଚେଷ୍ଟା କରିବି ।”— ଉମାଶଙ୍କରବାବୁ କହିଲେ ।

—“ମୁଁ ଭାବୁଛି, ଗୋବିନ୍ଦ ଦାସଙ୍କ ଘରକୁ ଯାଇ ବ୍ୟବସ୍ଥା କି ଭାବରେ କରିବାକୁ ହେବ ଦେଖିଲେ ଭଲ ହୁଅନ୍ତା । କଣ କହୁଛନ୍ତି ? ଏସ୍: ପି: ସାହେବ ଗ୍ରହିଲେ ଉମାଶଙ୍କରବାବୁଙ୍କ ମୁହଁକୁ ।

—“ମୁଁ ବି ସେୟା ଭାବୁଥିଲି । ବର୍ତ୍ତମାନ ଗଲେ ମଧ୍ୟ କିଛି ଅସୁବିଧା ନାହିଁ ।”

ଉମାଶଙ୍କରବାବୁ ଉଠିଲେ । ତାଙ୍କ ସଙ୍ଗେ ସଙ୍ଗେ ଏସ୍: ପି: ସାହେବ ମଧ୍ୟ । ବାହାରେ ଠିଆ ହୋଇଥିଲା ଉମାଶଙ୍କରବାବୁଙ୍କ ଜିପ୍ ଖଣ୍ଡିକ ।

କାନ୍ଥ ଘଣ୍ଟାରେ ବାରଟା ବାଜିବାର ସୂଚନା ଦେଇ ଘଣ୍ଟାଟା ଚିତ୍କାର କରିଉଠିଲା—ଠନ୍ ଠନ୍

Digitized by PPRACHIN, SOA

ନଅ

ଜିପ୍ ସଦର ଫାଟକ ନିକଟରେ ପହଞ୍ଚିଲାବେଳକୁ ସେଠ୍‌ଜୀ ଉପର ମହଲାର ବାହାରପଟ ବାରଣ୍ଡାରେ ଟହଲ ମାରୁଥିଲେ । ଫାଟକ ପାଖରେ ଦୁଇ ଜଣ ଦରଓ୍ୱାନ୍ ସଶସ୍ତ୍ର ପହରା । ଘରଟା ଘର ତ ନୁହେଁ, ଗୋଟାଏ ପ୍ରାସାଦ କହିଲେ ଚଳେ । ସେଠ୍‌ଜୀଙ୍କ ଆଦିମ ଆବାସ ଗୁଜୁରାଟରେ । ଏଇ ତିନି ଚାରି ବର୍ଷ ହେବ ଆସି ଏଠି ବ୍ୟବସାୟ ଖୋଲିଛନ୍ତି । ପିଲାପିଲି ସବୁ ଦେଶରେ । ଏଡ଼େ ବଡ଼ ଘରଟାରେ ରହନ୍ତି ସେ ନିଜେ ଆଉ ତାଙ୍କର କର୍ମଚାରୀ, ଚାକରବାକରମାନେ ଯେଉଁମାନଙ୍କର ସଂଖ୍ୟା ମୋଟ ତିରିଶ ପଇଁତିରିଶ ଜଣ ହେବ ।

ସେଠ୍‌ଜୀ ଖୁବ୍ ବଦାନ୍ୟ ଲୋକ । ଏଇ କେତେବର୍ଷ ମଧ୍ୟରେ ସେ ବହୁ ଅନୁଷ୍ଠାନକୁ ଅମାପ ଆର୍ଥିକ ସାହାଯ୍ୟ ଦେଇ ଆସିଚନ୍ତି । ସେହି ଦୃଷ୍ଟିରୁ ସେ ଜନସାଧାରଣଙ୍କ ନିକଟରେ ସମ୍ମାନିତ ଏବଂ ବଡ଼ ବଡ ସରକାରୀ କର୍ମଚାରୀଙ୍କ ନିକଟରେ ସୁପରିଚିତ । ସହରର ମାନ୍ୟଗଣ୍ୟ ଓ ପ୍ରଧାନ ଲୋକମାନଙ୍କ ମଧ୍ୟରେ ସେ ବର୍ତ୍ତମାନ ଜଣେ । ତାଙ୍କ ଉପରେ ଦସ୍ୟୁର ଏ ଅଚାନକ ଚଢ଼ାଉରେ ସ୍ୱୟଂ ଏସ୍. ପି. ସାହେବ ବିଚଳିତ ହୋଇ ଧାଇଁ ଆସିବା ଏହି ସବୁ କାରଣରୁ ଅସ୍ୱାଭାବିକ ନୁହେଁ ।

ଉମାଶଙ୍କରବାବୁ ପ୍ରଥମେ ସେଠ୍‌ଜୀଙ୍କୁ ଦେଖି ନ ଥିଲେ; ମାତ୍ର ସେଠ୍‌ଜୀ ସେ ଦୁହିଙ୍କୁ ଉପରୁ ଦେଖି ଡାକ ପକାଇଲେ । ଦରଓ୍ୱାନ୍ ଦୁହେଁ ଖୁବ୍ ସମ୍ଭ୍ରମର ସହିତ ସଲାମ ବଜାଇ ଫାଟକ ଖୋଲିଦେଲେ । ଫାଟକ ଅତିକ୍ରମ କରି ଉମାଶଙ୍କରବାବୁ ଦେଖିଲେ, ସୁନ୍ଦର ବଗିଚା । ଦେଶୀ ବିଦେଶୀ ଉଭୟ ପ୍ରକାର ଫୁଲଗଛର ଅପୂର୍ବ ସମ୍ମିଶ୍ରଣ । ଚାରିପଟେ ଖୁବ୍ ଉଚ୍ଚ ପାଚେରୀ ଘେରା । ତଳୁ ଠିଆହୋଇ ହାତ ବଢ଼ାଇଲେ ବି ପାଇବ ନାହିଁ । ଫାଟକ ପାଖରୁ ଘରର ସଦର ଦରଜା ପର୍ଯ୍ୟନ୍ତ ସିମେଣ୍ଟକରା ରାସ୍ତା । ସେଇ ରାସ୍ତାରେ ଯାଇ ଏ ଦୁହେଁ ସଦର ଦରଜା ନିକଟରେ ପହଞ୍ଚିଲାବେଳକୁ ସେଠ୍‌ଜୀ ତଳମହଲାକୁ ଆସିସାରିଥିଲେ ।

ଉମାଶଙ୍କରବାବୁ ଆଉ ଏସ୍. ପି. ସାହେବଙ୍କୁ ଦେଖି ସେ ବିନୟରେ କୃତ୍ୟକୃତ୍ୟ ହୋଇପଡ଼ିଲେ । ଖୁବ୍ ସମ୍ମାନ ଆଉ ଆଦରର ସହିତ ସେ ଦୁହିଙ୍କୁ ଉପରମହଲାକୁ ନେଇ ନିଜର ସୁସଜ୍ଜିତ ବୈଠକଖାନାରେ ବସାଇଲେ ।

Digitized by PPRACHIN, SOA

ଏସ୍: ପି. ସାହେବ ଆଉ ଉମାଶଙ୍କରବାବୁ ବୈଠକଖାନାର ଆଭିଜାତ୍ୟ ଓ ଆଡ଼ମ୍ବରପୂର୍ଣ୍ଣ ଆସବାବପତ୍ରକୁ ଚାହିଁ ଆଶ୍ଚର୍ଯ୍ୟ ହୋଇ ଯାଉଥାନ୍ତି । ପ୍ରତ୍ୟେକ ଜିନିଷ ମୂଲ୍ୟବାନ୍ । ସେଥିରୁ ଅନେକ ପୁଣି ଭାରତରେ ଦୁଷ୍ପ୍ରାପ୍ୟ ମଧ୍ୟ । ସେଠ୍‌ଜୀ ଖୁବ୍ ବିଳାସୀ ଓ ଉଚ୍ଚକୋଟୀର ରୁଚିସମ୍ପନ୍ନ ଲୋକ ବୋଲି ସେ ସବୁକୁ ବିଦେଶର ବିଭିନ୍ନ ସ୍ଥଳରୁ ଅଣାଇ ଘର ସଜାଇଚନ୍ତି ।

କିଛି ସମୟ ନୀରବତା ପରେ ଉମାଶଙ୍କରବାବୁ କହିଲେ—"ଆପଣଙ୍କ ଘରେ କି ପ୍ରକାର ବ୍ୟବସ୍ଥା କରାଯାଇପାରେ ସେଇଥି ଦେଖିବାକୁ ଆମେ ଚାଲିଆସିଲୁ ଏଥର ଟିକେ......"

—"ଆପଣଙ୍କ ଦୟା । ଆସନ୍ତୁ ! ଆସନ୍ତୁ !" କହୁ କହୁ ସେଠ୍‌ଜୀ ଉଠିଲେ । ତାଙ୍କ ପଛେ ପଛେ ଉମାଶଙ୍କରବାବୁ ଆଉ ଏସ୍: ପି: ସାହେବ ମଧ୍ୟ ।

ସେଠ୍‌ଜୀଙ୍କ ପ୍ରାସାଦ, ଗୋଟାଏ ପ୍ରାସାଦ ତ ନୁହେଁ—ଦୁର୍ଗ । ଅସଂଖ୍ୟ କୋଠରି । ଜଣେ ଖୁବ୍ ବୁଦ୍ଧିମାନ୍ ଲୋକ ମଧ୍ୟ ସହଜରେ ଶୀଘ୍ର ତା ଭିତରେ ପ୍ରବେଶ କରିପାରିବ ନାହିଁ କି ବାହାରିପାରିବ ନାହିଁ । ସେଠ୍‌ଜୀ ଜଣିକଥା ଲୋକ । ଏତେ ଗୁଡ଼ାଏ କୋଠରି ଏବଂ ଏପରି କୌଶଳପୂର୍ଣ୍ଣ ନିର୍ମାଣ ବିଷୟ ଅସମ୍ଭବ ପ୍ରକାର କୌତୂହଳ ସୃଷ୍ଟି କରିଥିଲା ଉମାଶଙ୍କରବାବୁଙ୍କ ମନରେ । "ହୋଇପାରେ—ଏସବୁ ବଡ଼ ବଡ଼ ଲୋକଙ୍କର ଖିଆଲ !" ଶେଷକୁ ଏଇଥି ଭାବି ସେ ନିଜର କୌତୂହଳକୁ ନିବୃତ୍ତ ହେଲେ ।

ସେଠ୍‌ଜୀଙ୍କ ବୈଠକଖାନାରେ ଆଉ ଶୋଇବା ଘର ମଝିରେ ଟ୍ରେଜେରୀ ଘର । ସେ ଘରଟା ସ୍ୱତନ୍ତ୍ର ଭାବରେ ମଜଭୂତ ତିଆରି । ତାର କବାଟ ମଧ୍ୟ ବିଦ୍ୟୁତ୍‌ଶକ୍ତି ଚାଳିତ । ଅଜଣା ଲୋକ ସେଥିରେ ହାତ ଦେଲେ ନିଶ୍ଚିତ ମୃତ୍ୟୁ ଛଡ଼ା ଆଉ କିଛି ନୁହେଁ । ଘର ଭିତରେ ଝରକା ନାହିଁ । ସାତଟି ବଡ଼ ବଡ଼ ଆଇରନ୍ ଚେଷ୍ଟ ଧାଡ଼ି ହୋଇ ଥୁଆ ହୋଇଛି । ଏତେ ଧନ ! ତାକୁ ଚାହିଁ ବିସ୍ମିତ ହୋଇ-ଗଲେ ଉମାଶଙ୍କରବାବୁ ।

ଘର ଦେଖା ସରିଗଲା । ମନେ ମନେ ଗୋଟାଏ ପ୍ଲାନ୍ କରିନେଲେ ଉମାଶଙ୍କରବାବୁ । କେଉଁଠି କେତେଜଣ ପୋଲିସ ଜଗୁଆଳି ରଖିଲେ ଭଲ ହେବ, ତାହା ସ୍ଥିର କରୁଥିଲେ ସେ ମନେ ମନେ । ସେଠ୍‌ଜୀଙ୍କ ବିନମ୍ର ଅନୁରୋଧକ୍ରମେ ଖାଲି ଗ୍ଲାସେ ଲେଖାଏଁ ସରବତ ଖାଇ ଦୁହେଁ ବିଦାୟ ନେଇ ଉଠିଲେ । ଆସିଲାବେଳକୁ

Digitized by PPRACHIN, SOA

ସେଠ୍‌ଜୀ ବଳେଇ ଦେଇଗଲେ ଫାଟକ ପର୍ଯ୍ୟନ୍ତ । ଫାଟକ ପାଖରେ ଖୁବ୍ ବିନମ୍ର ସମ୍ବର୍ଦ୍ଧନା ଜଣାଇ ଫେରିଲେ ସେଠ୍‌ଜୀ । ଗ୍ରାଲକ ଆସନରେ ବସି କ୍ଲଚ୍ ଷ୍ଟାର୍ଟ କଲେ ଉମାଶଙ୍କରବାବୁ ।

ଏସ୍: ପି: ସାହେବଙ୍କ କୋଠି ପାଖରେ ପହଞ୍ଚି ତାଙ୍କୁ ସେଠାରେ ଛାଡ଼ିବାର କଥା ଉମାଶଙ୍କରବାବୁଙ୍କର । ଠିକ୍ ଗାଡ଼ି ଷ୍ଟାର୍ଟ ବନ୍ଦ କରିବା ସଙ୍ଗେ ସଙ୍ଗେ ତାଙ୍କର ମନେପଡ଼ିଲା—ହାତବାଡ଼ିଟିକୁ ସେ ଛାଡ଼ିଦେଇ ଆସିଚନ୍ତି ସେଠ୍ ଗୋବିନ୍ଦ ଦାସଙ୍କ ବୈଠକଖାନା ଟେବୁଲ ଉପରେ । ଭାବିଲେ, ବର୍ତ୍ତମାନ ଯାଇ ନେଇ ଆସିଲେ ହେବ । ଆଉ ପରେ ହୁଏତ ସମୟ ହୋଇ ନ ପାରେ ସେତକ କାମ କରିବାକୁ ।

ଏସ୍: ପି: ସାହେବଙ୍କୁ ତାଙ୍କ କୋଠିରେ ଛାଡ଼ିଦେଇ ସେ ପୁଣି ଗାଡ଼ି ଫେରାଇଲେ ସେଠ୍‌ଜୀଙ୍କ ଘରଆଡ଼େ । ଦୂରତ୍ୱ ତ ଆଦୌ ବେଶି ନୁହେଁ; ଯାଇ ପୁଣି ଫେରିବାକୁ ଅଧଘଣ୍ଟାଏରୁ କମ୍ ସମୟ ଲାଗିବାର କଥା । ଉମାଶଙ୍କରବାବୁ ଖୁବ୍ ସମୟ ମଧ୍ୟରେ ଫେରିଲେ ମଧ୍ୟ । ସେ ସେଠ୍‌ଜୀଙ୍କ ସଦର ଫାଟକ ନିକଟରେ ଗାଡ଼ି ଅଟକାଇଲାମାତ୍ରେ ଦାରଓ୍ୱାନ୍ ଆଶ୍ଚର୍ଯ୍ୟ ହୋଇ ଚାହିଁରହିଲା ତାଙ୍କୁ । ତାର ଏପରି ଚାହିଁବାର ଅର୍ଥ—ଏଇମାତ୍ର ଗଲେ ଏବଂ ପୁଣି ଫେରିଲେ ! କିନ୍ତୁ ପଚାରିବାକୁ ବୋଧହୁଏ ସାହସ ଖାଟିଲା ନାହିଁ ତାର । ପୂର୍ବପରି ସଲାମ ବଜାଇ ସେ ଫାଟକ ଖୋଲିଦେଲା ।

ଉମାଶଙ୍କରବାବୁ ବଗିଚା ପାରହୋଇ ବାରଣ୍ଡାକୁ ଉଠିଲେ; ମାତ୍ର ବାହାରେ କାହାରିକୁ ଦେଖିବାକୁ ପାଇଲେ ନାହିଁ । ସେଠ୍‌ଜୀଙ୍କ ଘରେ ସ୍ତ୍ରୀଲୋକ କେହି ନ ଥିଲେ ବୋଲି ସେ ପୂର୍ବରୁ ଶୁଣିଥିଲେ । ତେଣୁ ଅପେକ୍ଷା ନ କରି ସେ ସିଧା ଭିତରକୁ ଯାଇ ଉପର ମହଲାକୁ ଉଠିଗଲେ । ଉପର ମହଲାରେ ହିଁ ଥିଲା ସେଠ୍‌ଜୀଙ୍କ ବୈଠକଖାନା ।

ଉପର ମହଲାରେ ସେ ଭେଟିଲେ ଜଣେ ଚାକରକୁ । ସେ ଅଳ୍ପ ସମୟ ପୂର୍ବେ ସେମାନଙ୍କୁ ସର୍ବତ ପରିବେଷଣ କରିଥିଲା । ସେ ମଧ୍ୟ ଉମାଶଙ୍କରବାବୁଙ୍କୁ ଏତେ ଅଳ୍ପ ସମୟ ଭିତରେ ଫେରିବାର ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ଉମା-ଶଙ୍କରବାବୁ ତାର ମନୋଭାବ ଉପରେ ବିଶେଷ ଲକ୍ଷ୍ୟ ନ ଦେଇ ତାକୁ ପଚାରିଲେ—"ସେଠ୍‌ଜୀ କାହାନ୍ତି ?"

Digitized by PPRACHIN, SOA

ହଠାତ୍ ଯୋଟିଏ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ସେ ଆଶା କରୁ ନ ଥିଲା କି କଣ ! ଟିକିଏ ଇତସ୍ତତଃ ହୋଇ କହିଲା—"ଏଇ ତ, ଏଇମାତ୍ର ବାହାରକୁ ଗଲେ କଣ ଜରୁରୀ କାମରେ ।"

—"ଆଚ୍ଛା, ଆଚ୍ଛା ବୈଠକଖାନା ଖୋଲା ଅଛି ? ମୋ ବାଡ଼ିଟା ଛାଡ଼ିଗଲି ।"

—"ଦେଖନ୍ତୁ ଆଜ୍ଞା, ଖୋଲା ଅଛି !" କହି ଚାକରଟି ଅନ୍ୟ କାମରେ ଚାଲିଗଲା ।

ଉମାଶଙ୍କରବାବୁ ଆଗେଇଗଲେ । ଆଉ ଗୋଟାଏ କୋଠରି ପରେ ବୈଠକଖାନା । ଖୋଲା ମଧ୍ୟ ଥିଲା । ସେ ଭିତରକୁ ଯାଇ ଦେଖିଲେ, ତାଙ୍କର ହାତବାଡ଼ିଖଣ୍ଡି ଯଥା ସ୍ଥାନରେ ରହିଛି । ସେ ଖଣ୍ଡିକୁ ସେ ଉଠାଇନେଲେ । ହଠାତ୍ ତାଙ୍କ ଦୃଷ୍ଟି ଆକର୍ଷଣ କଲା ନାଲି ରଙ୍ଗର ରେକ୍ସିନ୍ ବନ୍ଧେଇ ଖାତା ଖଣ୍ଡିଏ । ନିଜର କୌତୂହଳ ଦମନ କରି ନପାରି ସେ ଖଣ୍ଡ ଖୋଲି ଦେଖିବାକୁ ତାଙ୍କର ଖୁବ ଇଚ୍ଛା ହେଲା । ଯଦିଚ ତାହା ଶିଷ୍ଟତାବିରୋଧୀ କାମ, ତଥାପି ସେ ଖାତାଟିକୁ ମଝିରୁ ଖୋଲିଦେଲେ । ତା ଭିତରୁ ଚଟ୍ କରି ବାହାରିପଡ଼ିଲା—ଖଣ୍ଡିଏ ଚାରିଭାଙ୍ଗ କରା କାଗଜ ଉପରେ ସେଠ୍ ଗୋବିନ୍ଦ ଦାସଙ୍କ ଠିକଣା ଲେଖା । ହସ୍ତାକ୍ଷରଟା କମିତି ଚିହ୍ନା ଚିହ୍ନା ବୋଧ ହେଲା ତାଙ୍କୁ । ସେ ଚିଠି ଖଣ୍ଡିକ ଫିଟାଇ ପଢ଼ିବସିଲେ । ପଢ଼ିବା ସଙ୍ଗେ ସଙ୍ଗେ ଆଖି ଦୁଇଟା ତାଙ୍କର ଅସମ୍ଭବ ଭାବରେ ବିସ୍ଫାରିତ ହୋଇ ଉଠିଲା । ସେ ଚଟ୍‌କରି ସେ ଖଣ୍ଡକୁ ଯଥାସ୍ଥାନରେ ରଖିଦେଇ ସେଠାରୁ ଫେରିପଡ଼ିଲେ । ଚିଠିରେ କଣ ପଢ଼ିଲେ କେଜାଣି, ତାଙ୍କ କପାଳରେ ବିନ୍ଦୁ ବିନ୍ଦୁ ଝାଳ ଜମିଉଠିଲା ଏବଂ ମୁହଁର ଭାବ ମଧ୍ୟ ସମ୍ପୂର୍ଣ୍ଣ ବଦଳିଯାଇଥିଲା । ଯଥା ସମ୍ଭବ ଶୀଘ୍ର ଶୀଘ୍ର ପାହୁଣ୍ଡ ପକାଇ ସେ ଫାଟକ ନିକଟକୁ ଆସି ଜିପ୍‌ରେ ଷ୍ଟାର୍ଟ ଦେଲେ ।

ତାଙ୍କର ଏପରି ଅତର୍କିତ ଭାବରେ ଆସିବା ଏବଂ ଚାଲିଯିବାକୁ ଦରୱାନ ଦୂରେ ଆଶ୍ଚର୍ଯ୍ୟ ଦୃଷ୍ଟିରେ ଚାହିଁଥିଲେ ।

Digitized by PPRACHIN, SOA

ଦଶ

ସେଦିନ ସନ୍ଧ୍ୟା ହେବା ପୂର୍ବରୁ ତିନିଖଣ୍ଡି ବଡ଼ ଗାଡ଼ିରେ ସଶସ୍ତ୍ର ପୋଲିସ ଦଳ ଆସି ସେଠ୍ ଗୋବିନ୍ଦ ଦାସଙ୍କ ଘର ଫାଟକ ପାଖରେ ରୁଣ୍ଡ ହେଲେ । ପୂର୍ବ ନିର୍ଦ୍ଧାରିତ ପ୍ଲାନ ଅନୁଯାୟୀ ଏସ୍: ପି: ସାହେବ ଓ ଉମାଶଙ୍କରବାବୁ ବିଭିନ୍ନ ସ୍ଥାନରେ ସେମାନଙ୍କୁ ସୁସଜ୍ଜିତ କରି ରଖାଇଦେଲେ । ଆଜି ଦସ୍ୟୁ ଦୀପକର ଟଙ୍କା ନେବାର ଦିନ । ଆଜି ରାତି ଗୋଟାକ ବେଳେ ସେଠ୍ ଗୋବିନ୍ଦ ଦାସ ତାକୁ ସ୍ୱେଚ୍ଛାରେ ଏକଲକ୍ଷ ଟଙ୍କା ଦେବେ, ନଚେତ୍ ଟ୍ରେଜେରୀରୁ ପାଞ୍ଚ ଲକ୍ଷ ଟଙ୍କା ଲୁଟ୍ ହେବ ।

ସମସ୍ତ ବ୍ୟବସ୍ଥା କଲାପରେ ଉମାଶଙ୍କରବାବୁ ଭାବୁଥିଲେ—ଦସ୍ୟୁ ଦୀପକ ତା କଥାରେ ଖିଲାପ୍ କରିନାହିଁ କେବେ । ମାତ୍ର ଆଜି ହୁଏତ ତାକୁ ପରାଜୟ ସ୍ୱୀକାର କରିବାକୁ ହେବ । ଏପରି ସୁଦୃଢ଼ ପୋଲିସ ଘେର ଅତିକ୍ରମ କରିବା ତା ପକ୍ଷରେ କଷ୍ଟକର । ଯଦିବା ତାକୁ ସେ ଅତିକ୍ରମ କରେ, ତେବେ ତାଙ୍କର ଓ ଅନ୍ୟାନ୍ୟ ସୁଦକ୍ଷ ଅଫିସରମାନଙ୍କ ଚକ୍ଷୁରେ ନିଶ୍ଚୟ ଧରା ପଡ଼ିଯିବ । ଯଦି ସେମାନଙ୍କୁ ଅତିକ୍ରମ କରେ, ତେବେ ଟ୍ରେଜେରୀ ଘରେ ନିଶ୍ଚୟ ଧରା ପଡ଼ିଯିବ—ଠିକ୍ ବୁଢ଼ିଆଣୀ ଜାଲରେ ମାଛି ପଡ଼ିଲା ପରି । କାରଣ ସମଗ୍ର ଘର, କବାଟ, ଟ୍ରେଜେରୀ ପ୍ରଭୃତିରେ ବିଦ୍ୟୁତ୍‌ସ୍ରୋତ ପ୍ରବାହିତ । ଯେ କୌଣସି ସ୍ଥାନରେ ହାତ ଦେଲେ ତାର ମୃତ୍ୟୁ ସୁନିଶ୍ଚିତ । ଆଚ୍ଛା ହେଉ, ଦେଖାଯାଉ, ଦସ୍ୟୁ ଦୀପକର ବୁଦ୍ଧି କେତେ !

ସନ୍ଧ୍ୟା ଅନ୍ଧକାର ଘନୀଭୂତ ହେବା ପୂର୍ବରୁ ପ୍ରାସାଦ ଓ ବଗିଚାର ପ୍ରତ୍ୟେକ ଅଂଶ ଉଜ୍ଜ୍ୱଳ ଆଲୋକରେ ଆଲୋକିତ କରିଦିଆଗଲା । ଏପରି କି ସୋରିଷଟିଏ ପଡ଼ିଥିଲେ ସୁଦ୍ଧା ତାହା ଅନାୟାସରେ ଖୋଜି ନେଇହେବ । ରିଭଲ୍‌ଭର୍‌ରେ ସଜ୍ଜିତ ହୋଇ ଏସ୍: ପି: ସାହେବ, ଉମାଶଙ୍କରବାବୁ ଆଉ ଦୁଇ ଜଣ ପୋଲିସ ଅଫିସର ଟ୍ରେଜେରୀକୁ ଜଗିବସିଲେ ସେଠ୍‌ଜୀଙ୍କ ବୈଠକଖାନାରେ । ସେଠ୍‌ଜୀ ମଧ୍ୟ ତାଙ୍କର ଦୁଇନଳିଆ ବନ୍ଧୁକରେ ଗୁଳି ଭର୍ତ୍ତି କରି ତଳୁ ଉପର ଆଉ ଉପରୁ ତଳ ହେଉଥାନ୍ତି ଚାରିଆଡ଼େ ସତର୍କ ଦୃଷ୍ଟି ରଖି । ତାଙ୍କର ଚାକରବାକରମାନେ ମଧ୍ୟ କିଛି ନା କିଛି ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଦସ୍ୟୁ ଦୀପକର ପ୍ରତୀକ୍ଷା କରି ରହିଥାନ୍ତି । ଏହାଛଡ଼ା ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା ପ୍ରତି ଅଧଘଣ୍ଟାରେ ଥରେ ଯାଞ୍ଚ କରୁଥାନ୍ତି ଉମାଶଙ୍କରବାବୁ ।

Digitized by PPRACHIN, SOA

ରାତି କ୍ରମେ ଗମ୍ଭୀର ହେବାକୁ ଆରମ୍ଭ କଲା । ତା ସଙ୍ଗେ ସଙ୍ଗେ ସମସ୍ତଙ୍କର ମନର ଉତ୍କଣ୍ଠା ବି ବଢ଼ିବାକୁ ଲାଗିଲା । ଦସ୍ୟୁ ଦୀପକ, ଯେ କି ସାରା ଭାରତରେ ଗଲା କେଇବର୍ଷ ଧରି ଚହଲ ପକାଇ ଦେଇଛି, ସେ ଆଜି ଏଠି ଉପସ୍ଥିତ । ଦେଖାଯାଉ, କଣ ହେଉଛି !

ରାତି ବାରଟା ବାଜିଲା । ସମସ୍ତଙ୍କର ମନର ଉତ୍କଣ୍ଠା ବଢ଼ିଗଲା ବହୁଗୁଣରେ ଆଉ ଠିକ୍ ଘଣ୍ଟାଏ ସମୟ । ହୁଏତ ଦୀପକ ଆସିଯିବ ଟଙ୍କା ନେବାପାଇଁ । ଉମାଶଙ୍କରବାବୁ ଆଉ ସେଠ୍ ଗୋବିନ୍ଦ ଦାସ ଚଞ୍ଚଳ ହୋଇଉଠିଲେ । ସେଠ୍ଜୀ ଟ୍ରେଜେରୀ ଘର ସାମନାରେ ଠିଆହୋଇ ବଗିଚାର ପୂର୍ବପଟ ପାଚେରୀ ଆଡ଼କୁ ବନ୍ଧୁକକୁ ବାଗେଇ ଧରିଥା'ନ୍ତି । ତାଙ୍କ ହାବଭାବରୁ ଜଣାଯାଉଥାଏ ଯେପରିକି ଯେ କୌଣସି ମୁହୂର୍ତ୍ତରେ ଗୁଳି କରିଦେବା ପାଇଁ ସେ ପ୍ରସ୍ତୁତ ।

କାନ୍ଥ ଘଡ଼ିରେ ଗୋଟାଏ ବାଜିବାର ସୂଚନା ଦେଇ ଘଣ୍ଟା ଚିତ୍କାରକରି ଉଠିଲା ଠନ୍ ।

ଉମାଶଙ୍କରବାବୁ ହ୍ୱିସିଲ୍ ଦେଇ ସମଗ୍ର ପୋଲିସ୍ ବାହିନୀକୁ ଜାଗ୍ରତ ରହିବାକୁ ନିର୍ଦ୍ଦେଶ ଦେଇଦେଲେ । ଚତୁର୍ଦ୍ଦିଗ ନିସ୍ତବ୍ଧ, ଆଲୋକିତ । ବାହାରେ ଜନମାନବ ଶୂନ୍ୟ ପୃଥିବୀ । ସମସ୍ତେ ଅନିଦ୍ରିତ । ସେଠ୍ଜୀଙ୍କ ଦୃଷ୍ଟି ଆହୁରି ପ୍ରଖର ହୋଇଉଠିଲା ପୂର୍ବପାଖ ପାଚେରୀ ଉପରେ । ସେ ଜାଣିପାରିଲେ, ଯେପରି କଳା କଳା ହୋଇ କଣ ଗୋଟାଏ ପାଚେରୀ ଉପରକୁ ଅଳ୍ପ ଅଳ୍ପ ଉଠୁଛି । ତାଙ୍କ ଦୃଷ୍ଟି ଆହୁରି ତୀବ୍ର ହୋଇଉଠିଲା । ସେ ଗୋଟାଏ ବୃକ୍ଷ ଉହାଡ଼ରେ ଆତ୍ମଗୋପନ କଲେ ବନ୍ଧୁକଟାକୁ ସେଇ ଜିନିଷଟା ଆଡ଼େ ଲକ୍ଷ୍ୟ କରି ।

ଖୁବ୍ ଆସ୍ତେ ଆସ୍ତେ ଉଠୁଛି ସେଟା । କ୍ରମେ ବଡ଼ ଦିଶୁଛି । ଅଳ୍ପ ସମୟ ପରେ ଦେଖାଗଲା, ସର୍ବାଙ୍ଗ କଳା ପୋଷାକରେ ଆବୃତ ଗୋଟାଏ ମନୁଷ୍ୟ । ସେଠ୍ଜୀଙ୍କ ମୁଖମଣ୍ଡଳରେ କଠୋର ହସ ଫୁଟିଉଠିଲା । ସେ ବନ୍ଧୁକ ଉଠାଇଲେ । ଲକ୍ଷ୍ୟ ଠିକ୍ ହୋଇଛି । ଏକବାରେ ଅବ୍ୟର୍ଥ । ଦାନ୍ତ ଚିପି ଅଟ୍ଟାଳିଆ ସ୍ୱରରେ ସେ କହିପକାଇଲେ—"ଲକ୍ଷେ ଟଙ୍କା ନେବୁ ନା ।" ପରମୁହୂର୍ତ୍ତରେ ତାଙ୍କର ବନ୍ଧୁକ ଗର୍ଜିଉଠିଲା, ତା ସଙ୍ଗେ ସଙ୍ଗେ କଳା ମୂର୍ତ୍ତିଟା ଗଳିପଡ଼ିଲା ଆରପଟକୁ ।

ସେଠ୍ଜୀ ଚିତ୍କାର କରିଉଠିଲେ—"ଧର ! ଧର ! ଖୋଜ, ଖୋଜ । ଠିକ୍ ମାଡ଼ ହୋଇଛି ।"

Digitized by PPRACHIN, SOA

ପାଟି ଶୁଣି ଉମାଶଙ୍କରବାବୁ ଧାଇଁ ଆସିଲେ । ତାଙ୍କ ପଛେ ପଛେ ଏସ୍: ପି: ସାହେବ ମଧ୍ୟ । ସେଠ୍‌ଜୀଙ୍କ ବନ୍ଧୁକରୁ ସେ ପର୍ଯ୍ୟନ୍ତ ଅବଶିଷ୍ଟ ଧୂଆଁ ବାହାରି ଚାଲିଥାଏ । ସେ ଯଥେଷ୍ଟପରେ ଗୁଳି କରିବା କଥା କହିଦେଇ ଫାଟକ ବାଟେ ପାଚେରୀ ଆରପଟକୁ ଧାଇଁଗଲେ । ତାଙ୍କ ପଛେ ପଛେ ପଛେ କେଇଜଣ ଜଗୁଆଳି ଓ ଉମାଶଙ୍କରବାବୁ ଆଉ ଏସ୍: ପି: ସାହେବ । ପୂର୍ବ ପଟର ପାଚେରୀ ସେ ପାଖଟା ଛୋଟ ଛୋଟ ଗଛର ଜଙ୍ଗଲରେ ପୂର୍ଣ୍ଣ । ସମସ୍ତେ ଯାଇ ଦେଖିଲେ—ସେଠାରେ ଗୁଡ଼ାଏ ତାଜା ରକ୍ତ ପଡ଼ିଛି । ଗଛପତ୍ରରେ ମଧ୍ୟ କିଛି ରକ୍ତ ଲାଗିଛି । ଆଉ କିଛି ଗୋଟାଏ ତାରି ଭିତର ଦେଇ ଘୋଷାରି ହୋଇ ଚାଲିଗଲା ପରି ଚିହ୍ନ ପରିଷ୍କାର ଜଣାଯାଉଛି ।

ସେଠ୍ ଗୋବିନ୍ଦ ଦାସ ଚିତ୍କାର କରିଉଠିଲେ—"ମୁଁ କହୁଛି ପିସ୍ତଲ ଗୁଳି ଠିକ୍ ବାଜିଛି । ତେବେ ସେ ବେଶି ବାଟ ପଳାଇ ଯାଇପାରିବ ନାହିଁ । ପୋଲିସ୍-ମାନଙ୍କୁ ହୁକୁମ ଦିଅନ୍ତୁ ସେମାନେ ଶୀଘ୍ର ଘେରାଉ କରିଦିଅନ୍ତୁ । ଆଉ ଡେରି କଲେ ହୁଏତ ସେ ପଳାଇ ଯାଇପାରେ । ହୁଁ ! ଦସ୍ୟୁ ଦୀପକ ସେଠ୍ ଗୋବିନ୍ଦ ଦାସକୁ ଚିହ୍ନି ନାହିଁ ।"

ଉମାଶଙ୍କରବାବୁ ଘନ ଘନ ହ୍ୱିସିଲ୍ ଦେଇ ପାଚେରୀ ଆରପଟକୁ ପୋଲିସଦଳକୁ ଡକାଇନେଇ ଗୋଟାଏ ଖୁବ୍ ବଡ଼ ଘେରାଉ କରିନେଲେ । ସମସ୍ତଙ୍କ ମନରେ ଧାରଣା ଦୃଢ଼ୀଭୂତ ହୋଇଗଲା—"ଏଥର ଦୀପକର ଉଦ୍ଧାର ଅସମ୍ଭବ ।"

କ୍ରମେ କ୍ରମେ ଘେରାଉକୁ ସଙ୍କୁଚିତ କରି ଦିଆଗଲା । ଉଜ୍ଜ୍ୱଳ ଆଲୋକ ସାହାଯ୍ୟରେ ପ୍ରତ୍ୟେକ ଇଞ୍ଚ ସ୍ଥାନ ତଲାସ କରାଗଲା । ଶେଷକୁ ସମସ୍ତଙ୍କ ମନରେ ବିସ୍ମୟ—କାହିଁ ? କାହିଁ ଦୀପକ ? ଗୋଟାଏ ବୁଦାମୂଳରେ ମନୁଷ୍ୟାକୃତି କଳା-ରଙ୍ଗର ରବର ମୂର୍ତ୍ତିଟାଏ ପଡ଼ିଛି !

ସେଠ୍‌ଜୀ ଚିତ୍କାର କରିଉଠିଲେ । ଉମାଶଙ୍କରବାବୁ ମଧ୍ୟ ଏପରି ପ୍ରତାରଣାରେ ଲଜ୍ଜିତ ହୋଇ ଧାଇଁଗଲେ ପ୍ରାସାଦ ଆଡ଼କୁ । ତାଙ୍କର ଦୃଢ଼ ବିଶ୍ୱାସ ହେଲା—ଏଇ ଅବସରରେ ଦୀପକ ନିଶ୍ଚୟ ତାର ଉଦ୍ଦେଶ୍ୟ ସାଧନ କରିନେଇଛି । ସେ ଧାଇଁ ଆସିଲେ ଟ୍ରେଜେରୀ ଘର ନିକଟକୁ । ଦରଜାରେ ଚାବିଗୁଡ଼ା ଠିକ୍ ଅଛି । ଗୋଟାଏ ଦୀର୍ଘନିଃଶ୍ୱାସ ପକାଇ ସେ କିଛିଏ ଆଶ୍ୱସ୍ତ ହୋଇ କହିଲେ—"ଯାହା ହଉ, ଠିକ୍ ଅଛି ।"

Digitized by PPRACHIN, SOA

ତାଙ୍କ ପଛେ ପଛେ ସେଠ୍‌ଜୀ ଧାଇଁଆସିଲେ । ଦରଜାର ଗ୍ରୀବ ଠିକ୍ ଥିବାର ଦେଖି ସେ ବହୁପରିମାଣରେ ଆଶ୍ୱସ୍ତ ହେଲେ ସୁଦ୍ଧା ମନର ସନ୍ଦେହ ଦୂର କରିବାପାଇଁ ଗ୍ରୀବ ଖୋଲିଲେ । ଦରଜାଟା ମେଲା କରିଦେବା ସାଙ୍ଗେ ସାଙ୍ଗେ ସେ ଚିତ୍କାର କରି ସେଇଠି ପଡ଼ିଗଲେ । ତାଙ୍କର ଜ୍ଞାନ ବୁଡ଼ିଗଲା । ସେଠ୍‌ଜୀଙ୍କ ଅବସ୍ଥା ଦେଖି ଉମାଶଙ୍କରବାବୁ ଘଟଣାଟା କଣ ଜାଣିବା ପାଇଁ ଧାଇଁଆସିଲେ । ଘର ଭିତରକୁ ଚାହିଁ ଦେଖିଲେ ଟ୍ରେଜେରୀ ମେଲା, ଆଇରନ୍ ଚେଷ୍ଟଗୁଡ଼ାକ ଶୂନ୍ୟ । ସେ ହତାଶ ହୋଇ ବସିପଡ଼ିଲେ ସେଇଠି ।

କେତେ ମିନିଟ କଟିଗଲା ବିଷାଦମୟ ନୀରବତା ଭିତରେ । କାହାରି ମୁହଁରେ ଭାଷା ନାହିଁ । ସେଠ୍‌ଜୀଙ୍କର ଚେତା ମଧ୍ୟ ଫେରିନି । ଡାକ୍ତରଙ୍କ ନିକଟକୁ ଫୋନ୍ କରାଯାଇଥିଲେ ସୁଦ୍ଧା ସେ ଆସିନାହାନ୍ତି । ଉମାଶଙ୍କରବାବୁ ଦେଖିଲେ, ଟ୍ରେଜେରୀ ଘରର କାନ୍ଥ ସବୁ ଠିକ୍ ଅଛି । କେବଳ ଉପର ଛାତ ବଡ଼ କୌଶଳରେ ଜଣେ ଲୋକ ଗଳି ଆସିବା ଭଳି କଟାଯାଇଛି । ସେ ଅନୁମାନ କଲେ—ଏତେ ଅଳ୍ପ ସମୟ ଭିତରେ ଶକ୍ତ ଛାତକୁ କାଟିବା ପାଇଁ ଉଗ୍ର ଏସିଡ୍ ବ୍ୟବହାର କରାଯାଇଛି ନିଶ୍ଚୟ ।

ରାତି ସାଢ଼େ ଦଶଟା ବାଜିଲାଣି ସେତେବେଳକୁ । ଡାକ୍ତର ଆସି ପହଞ୍ଚି ସେଠ୍‌ଜୀଙ୍କ ଚେତା ଫେରାଇ ଆଣିବାକୁ ଯତ୍ନ କରୁଛନ୍ତି । ଉମାଶଙ୍କରବାବୁ ନିଜର କ୍ଳାନ୍ତ ଦେହକୁ ଲେଟାଇଦେଲେ ଗୋଟାଏ ଆରାମ ଚୌକି ଉପରେ ।

ଏଗାର

"ଆଜିର ପେପର ଦେଖିଲେଣି ସାର୍ !" କହୁ କହୁ ନବୀନବାବୁ ଦୁଆର ଟପି ଭିତରକୁ ପଶିଆସିଲେ । ହାତରେ ଥିଲା ତାଙ୍କର ଖଣ୍ଡେ ଦୈନିକ କାଗଜ ।

ଉମାଶଙ୍କରବାବୁ ସେତେବେଳେ କୌଣସି କଥା ଶୁଣିବା ଅବସ୍ଥାରେ ନ ଥିଲେ । ଟେବୁଲ ଉପରେ ଦୁଇ କହୁଣୀ ଭରା ଦେଇ ସେ ମୁଣ୍ଡକୁ ହାତ ପାପୁଲିରେ ଚାପି ଧରିଥିଲେ । ଗତ କେତେଦିନ ଧରି କଠିନ ପରିଶ୍ରମ, ଅନିଦ୍ରା ଓ ଅସଫଳତା ତାଙ୍କୁ ଘୋର ଅବସାଦ ସାଗରରେ ନିମଜ୍ଜିତ କରିଦେଇଥିଲା । ନବୀନବାବୁଙ୍କ କଥାପ୍ରତି ତାଙ୍କର ସମ୍ପୂର୍ଣ୍ଣ ଧ୍ୟାନ ନ ଥିଲେ ବି ନିତାନ୍ତ ଅନିଚ୍ଛା ଓ ଅନ୍ୟମନସ୍କତାର ସହିତ ମୁଣ୍ଡ ଟେକି ଟିକିଏ ଚାହିଁଲେ । ନବୀନବାବୁ ସେତେବେଳକୁ ଟେବୁଲ

Digitized by PPRACHIN, SOA

ନକଟକୁ ଆସିଯାଇଥିଲେ । ସେ ଝବର-କାଗଜଟା ଖୋଲି ଧରିଲେ ଟେବୁଲ୍ ଉପରେ ଉମାଶଙ୍କରବାବୁ ଅନଚ୍ଛାସତ୍ତ୍ୱେ ତା ଉପରେ ଟିକଏ ନଜର ପକାଇଦେଲେ । କେତେଗୁଡ଼ାଏ ଫଟୋ ତାଙ୍କର ଦୃଷ୍ଟି ଆକର୍ଷଣ କଲା । ସେ ଫଟୋଗୁଡ଼ିକ ଉପରେ ମୁହୂର୍ତ୍ତେ ମାତ୍ର ଦୃଷ୍ଟି ନବଦ୍ଧ କରି କାଗଜଟାକୁ ଟାଣିନେଲେ ନବୀନବାବୁଙ୍କ ହାତରୁ । ତା'ପରେ ମନୋଯୋଗ ସହକାରେ ଫଟୋଗୁଡ଼ିକୁ ଦେଖି ଆଶ୍ଚର୍ଯ୍ୟ ହୋଇ କହିଲେ, "ନବୀନ ! ଏ ତ ସବୁ ଗତ ରାତ୍ର ଘଟଣାର ଫଟୋ । ଏସବୁ ଝବର-କାଗଜକୁ ଆସିଲା କିପରି ? ସ୍ୱାକୁ ଉଠାଇଲା ବା କିଏ ? ପଠାଇଲା ମଧ୍ୟ କିଏ ? ସେଠି ତ କଡ଼ା ପହରା ଥିଲା । ଫଟୋଗ୍ରାଫର କେହି ନ ଥିଲେ । କିନ୍ତୁ ଏଥିରେ ତ ବେଶ୍ ଗୁରୁତ୍ୱପୂର୍ଣ୍ଣ ଘଟଣାର ଫଟୋଗୁଡ଼ାକ ପରିଷ୍କାର ଉଠିଛି । ତୁମେ କିଛି ବୁଝିଥିଲ ସ୍ୱା ଭିତରେ ?"

—"ବୁଝିଥିଲି ସାର୍ !"

—"କଣ ବୁଝିଥିଲ ? କେହି ଜଣେ ଅପରିଚିତ ଲୋକ ସେଠ୍‌ଜୀଙ୍କ ଘରୁ ଟଙ୍କା ଲୁଟି ହେବାର ବିଶଦ ବିବରଣୀ ଆଉ ଏଇ ଫଟୋଗୁଡ଼ିକ ଅଫିସରେ ଦେଇଗଲେ । ଏତିକି ନା ଆଉ କିଛି ଅଧିକ ?"

"ଠିକ୍ ସେତିକି ସାର୍ ! ଅଧିକ ନୁହେଁ ।"

—"ହୁଁ, ବୁଝିଲି ।" ଗମ୍ଭୀର ସ୍ୱରରେ ପୁଣି କାଗଜ ଉପରେ ଦୃଷ୍ଟି ନବଦ୍ଧ କଲେ ଉମାଶଙ୍କରବାବୁ ।

ସ୍ୱା'ପରେ ଉମାଶଙ୍କରବାବୁ କଣ କହିବେ, ସେସ୍ୱା ଶୁଣିବାକୁ ଅପେକ୍ଷା କରିଥିଲେ ନବୀନବାବୁ । କିଛି ସମୟ ବିତିଗଲା । ଉମାଶଙ୍କରବାବୁ ଚମକିଲା ପରି ହୋଇ କହିଲେ—"ଆଚ୍ଛା ନବୀନ ! ତୁମେ ବର୍ତ୍ତମାନ ସେଠ୍ ଗୋବିନ୍ଦ ଦାସଙ୍କ ଘରକୁ ଯାଇପାରିବ ? ଅବଶ୍ୟ ଛଦ୍ମବେଶରେ । ଭିତରକୁ ପଶିବାର ଦୁଃସାହସ କରିବ ନାହିଁ । ଖାଲି ବାହାରୁ ଘରଟା ଉପରେ ନଜର ରଖିବ ।"

"ଠିକ୍ ବର୍ତ୍ତମାନ ?"—ଉତ୍ସୁକ ହୋଇ ନବୀନବାବୁ ପଚାରିଲେ ।

"ହଁ, ବର୍ତ୍ତମାନ ଯାଅ । ଯେପର୍ଯ୍ୟନ୍ତ ମୋ ନର୍ଦ୍ଦେଶ ନ ପାଇଛ, ସେଇଠି ଥିବ । କିନ୍ତୁ ସାବଧାନ ! ତୁମେ ଧରା ନ ପଡ଼ ଯେପରି । ଆଉ ଗୋଟିଏ କଥା - ବିଶେଷ କିଛି ଦେଖିଲେ ମୋତେ ଯେପରି ତୁରନ୍ତ ଖବର ଦିଅ ।"

Digitized by PPRACHIN, SOA

କଥାରେ କୌଣସି ପ୍ରତିବାଦ ନ କରି ନବୀନବାବୁ ଚାଲିଯାଉଥିଲେ । ଉମାଶଙ୍କରବାବୁ ପଛରୁ ଡାକି କହିଲେ, "ଶୁଣ !"

ନବୀନବାବୁ ଫେରିପଡ଼ିଲେ ।

—"ଭଲ ଭାବରେ ପ୍ରସ୍ତୁତ ହୋଇ ଯାଅ ଏଇଠୁ । ବିପଦ ଆଉ ଚର ପାଖେ ପାଖେ ଅଛନ୍ତି ।"

ନବୀନବାବୁ ପାଖ ଘରକୁ ଚାଲିଗଲେ । ଅଳ୍ପ ସମୟ ପରେ ଜଣେ ସାଧାରଣ ମୂଲିଆ ପହଞ୍ଚିଲା ଉମାଶଙ୍କରବାବୁଙ୍କ ସାମ୍ନାରେ । ଉମାଶଙ୍କରବାବୁ କିଛି ସମୟ ଧରି ତାକୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ କହିଲେ, "ଠିକ୍ ଅଛି ଏଥର ନିଅ"—କହି ଟେବୁଲ ଡ୍ରୟାର ଭିତରୁ ରିଭଲ୍‌ଭର ବାହାର କରି ତାଙ୍କ ହାତକୁ ବଢ଼ାଇଦେଲେ ।

ମୂଲିଅ ବେଶଧାରୀ ନବୀନବାବୁ ରିଭଲ୍‌ଭରଟିକୁ ପରୀକ୍ଷା କରି ନେଇ ଅଣ୍ଟିରେ ଲୁଚାଇ ରଖିଲେ । ତା'ପରେ ଧୀରେଧୀରେ ଆଗେଇଗଲେ ବାହାରକୁ । ଉମାଶଙ୍କର ବାବୁ କିଛି ସମୟ ଧରି ଖବରକାଗଜରେ ବାହାରିଥିବା ଫଟୋଗ୍ରାଫ୍‌ଗୁଡ଼ାକୁ ମନୋଯୋଗ ସହକାରେ ଦେଖିବାକୁ ଲାଗିଲେ ।

ସେଠ୍‌ଜୀଙ୍କ ଘରୁ ଯେଉଁ ଚିଠିଖଣ୍ଡିକ ସେ ପଢ଼ିଥିଲେ, ସେହି ଚିଠିଖଣ୍ଡିକ ହିଁ ତାଙ୍କ ମନରେ ଘୋର ବିସ୍ମୟ ସୃଷ୍ଟି କରିଥିଲା । ସେଠ୍‌ଜୀଙ୍କ ପରି ବଦାନ୍ୟ ଆଉ ଖ୍ୟାତିସମ୍ପନ୍ନ ବ୍ୟକ୍ତି ଯେ ଏପରି ମାରାତ୍ମକ ହୋଇପାରନ୍ତି, ଏହା ଥିଲା ତାଙ୍କର ଧାରଣାର ବାହାରେ । ସେ ଚିଠିକୁ କିମ୍ବା ସେଠ୍ ଗୋବିନ୍ଦ ଦାସଙ୍କୁ କିମ୍ବା ନିଜକୁ ବିଶ୍ୱାସ କରିପାରୁ ନ ଥିଲେ । ସବୁ ବିଷୟଗୁଡ଼ା ତାଙ୍କ ମନରେ ଘୋର ପ୍ରହେଳିକା ସୃଷ୍ଟି କରିଥିଲା । ରହସ୍ୟର ଇନ୍ଦ୍ରଜାଲରେ ସେ ଛନ୍ଦି ହୋଇପଡ଼ିଥିଲେ ।

ସେ ଭାରି ଅଡ଼ୁଆରେ ପଡ଼ିଥିଲେ ଆଜିକାର ଏଇ ଖବରକାଗଜକୁ ନେଇ । ପ୍ରକାଶିତ ସମ୍ବାଦ ଓ ଫଟୋ ସମ୍ପୂର୍ଣ୍ଣ ସତ୍ୟ ହେଲେ ସୁଦ୍ଧା ତାକୁ ଗ୍ରହଣ କରିବା ନିତାନ୍ତ ଅସମ୍ଭବ କଥା । ଅଥଚ ଫଟୋଗୁଡ଼ିକ ପରିଷ୍କାର ଉଠିଛି । ପ୍ରଥମ ଫଟୋରେ ଦେଖାଯାଉଛି—ପୂର୍ବପଟ ପାଚେରୀ ଉପରେ କାଳୀମୂର୍ତ୍ତି; ଦ୍ୱିତୀୟ ଫଟୋରେ ସେଠ୍ ଗୋବିନ୍ଦ ଦାସ ଗୁଳି କରୁଛନ୍ତି, ତୃତୀୟ ଫଟୋ ହେଲା ପୋଲିସ ଘେରା ଭିତରେ

Digitized by PPRACHIN, SOA

ଘରର ମୂର୍ତ୍ତି, ଚତୁର୍ଥ ଫଟୋ ହେଲ—ଲୁଟ୍ ପରେ ଟ୍ରେଜେରୀ ଘର ଅବସ୍ଥା, ଟ୍ରେଜେରୀଗୁଡ଼ା ମୁକୁଳା—ସେଠାରୁ ମୂର୍ଚ୍ଛା ହୋଇ ଦୁଆର ପାଖରେ ପଡ଼ିଚନ୍ତି । ତାଙ୍କ ପାଖରେ ଠିଆ ହୋଇଚନ୍ତି ସ୍ଵୟଂ ଉମାଶଙ୍କରବାବୁ । ସବୁ ଫଟୋଗୁଡ଼ିକ ସତ୍ୟ ଏବଂ ପ୍ରାକୃତିକ । କି ଉପାୟରେ ଯେ ଫଟୋ ଉଠାଯାଇପାରିଲା, ତାହା ବହୁ ଚିନ୍ତା କରି ମଧ୍ୟ ସେ ଧାରଣା କରିପାରିଲେ ନାହିଁ । ବରଂ ସମ୍ବାଦ ଓ ଫଟୋ ସଂଗ୍ରାହକଙ୍କୁ ମନେ ମନେ ଅଶେଷ ପ୍ରଶଂସା କରିବାକୁ ଲାଗିଲେ । ଆଉ କିଛି ସମସ୍ତ ସେ ଏପରି ଭାବରେ ନିବଷ୍ଟ ହୋଇ ଚିନ୍ତା କରିଥାନ୍ତେ କି କଣ, ଟେଲିଫୋନ୍‌ର ରିଂ ଶବ୍ଦରେ ସେ କଳ୍ପନା ରାଜ୍ୟରୁ ଓହ୍ଲରି ଯାଇ ରିସିଭର ଉଠାଇଲେ ।

"...ହାଲୋ...ନବୀନ୍ ।"

"କଣ ହେଲା ? ଗୋବିନ୍ଦ ଦାସ କାର୍‌ରେ ବାହାରୁଚନ୍ତି ?"

"ଡେରି କରନା, ପିଚ୍ଛା ଧର ।"

"ଯେମିତି ହେଉ, ମୁଁ ଏଇ ବାହାରିଲି ।"

"ଆଚ୍ଛା—ଆଉ !" ରିସିଭର ଥୋଇଦେଇ ଉଠି ଠିଆହେଲେ ଉମାଶଙ୍କରବାବୁ ।

ବାହାରେ ପ୍ରସ୍ତୁତ ହୋଇଥିଲା ଜିପ୍ ଖଣ୍ଡିକ । ପ୍ରାୟ ଦଶ ମିନିଟ ଭିତରେ ଜଣେ ବୃଦ୍ଧ ମାର୍ଜିତ ଭଦ୍ରଲୋକ ଉମାଶଙ୍କରବାବୁଙ୍କ ଘରୁ ବାହାରିଆସି ଗାଡ଼ିରେ ବସି ଷ୍ଟାର୍ଟ ଦେଲେ । ପରିଧାନ ଧୋତି, ପଞ୍ଜାବି, ଚଦର । କୌଣସି ଖ୍ୟାତିସମ୍ପନ୍ନ ପରିବାରର ଲୋକ ବୋଲି ତାଙ୍କୁ ଦେଖିଲାମାନେ ଯେ କେହି ଧାରଣା କରିବ । ଫାଟକ ଅତିକ୍ରମ କରି ଜିପ୍ ପ୍ରଧାନ ରାସ୍ତାରେ ପଥଚାରୀମାନେ ଅସମ୍ଭବ ଗତିରେ ଛୁଟି ଚାଲିଲା ଆଗକୁ ।

Digitized by PPRACHIN, SOA

ବାର

ନବୀନବାବୁ ସେଠ୍ ଗୋବିନ୍ଦ ଦାସଙ୍କ ଘର ନିକଟରେ ସାଧାରଣ ମୂଲିଆ-ବେଶରେ ବସି ସତର୍କ ଦୃଷ୍ଟି ରଖିଥାନ୍ତି ତାଙ୍କର ଘର ଉପରେ । ଯେଉଁଠି ସେ ବସିଥାନ୍ତି ସେଠି ପାଖରେ ଗୋଟିଏ ଗୁ’ ଦୋକାନ । ଦୋକାନୀ ବୁଢ଼ା ବିଚରା ସାରା ଦିନ ଗୁ’ ବିକି ବିକି ଟଙ୍କେ ଦେଢ଼ ଟଙ୍କା ରୋଜଗାର କରେ । ସେଇଥିରେ ତା’ର ସବୁ । ନବୀନବାବୁ ସେଇ ଗୁ’ ଦୋକାନକୁ ପ୍ରକୃଷ୍ଟ କ୍ଷେତ୍ର ବାଛିନେଲେ । ଗୁ’ ଦୋକାନରେ ବସି ଗୁ’ ଖାଉ ଖାଉ ଦୋକାନୀ ସାଙ୍ଗରେ ବେଶ୍ ଆଡ୍ଡା ଜମେଇଦେଲେ । ଏଣୁତେଣୁ ଦଶକଥା ହେଉ ହେଉ ନବୀନବାବୁ ପଚାରିଲେ—"ଆଚ୍ଛା ଭାଇ, ଏଇ ଯେଉଁ ସେଠ୍ ମହାଜନଗୁଡ଼ା ଦେଖୁଚୁ, ଯାଙ୍କ ଘରେ ସତରେ କ’ଣ ଅକଳନ୍ତି ସମ୍ପତ୍ତି ଅଛି, ନା ଆମେ ମଲିମୁଣ୍ଡିଆ ବୋଲି ଆମକୁ ସେଇମିତି ମାଲୁମ ହେଉଚି ?"

ଗୁ ଦୋକାନୀ ବୁଢ଼ା ହେଁ ହେଁ ହେଇ ହସିପକେଇ କହିଲେ—"ତୁ ଗୋଟାଏ ମଣିଷ ନା ଓଲୁ ମ ! ଟଙ୍କା ନାହିଁ କ’ଣ ଖାଲି ? ଜରେ ତାଙ୍କର ପରା ଗାଡ଼ି ଗାଡ଼ି ଟଙ୍କା, ସେଥିରେ ତୁ କ’ଣ କଳନା କରିବୁ କର । ଏଇ ଯେଉଁ ସେଠ୍ ଦେଖୁଚୁ ତାର ପରା ନୋଟ ଗାଡ଼ି ଗାଡ଼ି ବୁହାହୋଇ ଆସୁଚି ପୁଣି ଯାଉଚି । ଏଇ ସେଠ୍‌କୁ କମ୍ ଜଣେ ଠଉରେଇନା, ସେ ଗୋଟିଏ କୁବେର । ତା ଦରଓ୍ୱାନ୍ ଗୁଡ଼ାଙ୍କୁ ଦେଖୁନୁ କେମିତି ଟିଙ୍କ ପଶ ହେଇଚନ୍ତି । ଦରମା କେତେ ପାଆନ୍ତି ଜାଣୁ ? ଜଣକେ ପାଞ୍ଚଶ ।" କହୁ କହୁ ହାତ ପାପୁଲିର ପାଞ୍ଚଟା ଆଙ୍ଗୁଳି ମେଲି କରି ଦେଖେଇଦେଲା ନବୀନବାବୁଙ୍କ ଆଗରେ ।

"ପାଞ୍ଚ ଶହ !" ନବୀନବାବୁ ଆଶ୍ଚର୍ଯ୍ୟ ହେଲପରି ଆଖି ଦୁଇଟା କପାଳକୁ ଟେକି କହିଲେ ।

"ଆଉ କଣ କହୁଚୁ ତୁ—ପଚଶି ପଚାଶ ଟଙ୍କା ?"—ଦୋକାନୀ ବୁଢ଼ା ହସିଲା ଟିକିଏ ।

—"ମୁଁ ଭାବୁଥିଲି ସେଇମିତି । ଯାହା ହଉ ଭାଇ, କପାଳିଆ ଲୋକ ସେଇମାନେ । ମୁଁ ଏଇମିତି ଖଣ୍ଡିଏ ଚାକିରି ପାଆନ୍ତି କି ?" ଆପଣାକୁ ନିନ୍ଦା କଲପରି କହିଲେ ଛଦ୍ମବେଶଧାରୀ ନବୀନବାବୁ ।

Digitized by PPRACHIN, SOA

ଦୋକାନୀ ବୁଢ଼ା ଟିକଏ ହସିଲା । କହିଲା—"ସେ ଆଶା ଗୁଡ଼ୁ ଭାଇ, ସେଠି ଆମ ଦେଶିଆ ଲୋକଙ୍କ ପାଇଁ ଜାଗା ନାହିଁ । ଦେଖୁନୁ ଶୁକରବାକରଗୁଡ଼ା କମିତି ଅର୍ଣ୍ଣଓଡ଼ିଆ ଗୁଣ୍ଡାମାର୍କା ଲୋକ !"

ମୂଲ୍ୟବାନ ପୋଷାକଧାରୀ ନବୀନବାବୁ କହିଲେ—"ଆମେ କାମ କରିବା, ଥରେ ଚେଷ୍ଟା କରି ଦେଖିବା, ନ ହେଲେ ଗୁଡ଼ୁଦେବା । କାହାକୁ କହିଲେ ହବ, କହିଲୁ ?"

—"ହଉ, ରହ ବୁଝୁଛି । ସେଠ୍‌ର କାରପଟ୍ଟଦାର ଆସୁ, ସେଇଆକୁ ଛଡେ ଚହ୍ନେଇଦେବ । ଯଦି ପାରିବୁ ତ···" ଦୋକାନୀଟି ଖୁନ ହୋଇ ସେଠ୍‌ଜୀଙ୍କ ଘରଆଡ଼କୁ ଗୁହିଁଲା ।

ଠିକ୍ ଏତିକବେଳେ ପାଖରେ ଗୋଟାଏ ମଟର ଆସିବାର ଶବ୍ଦ ଶୁଣାଗଲା । ତାର କେତେ ସେକେଣ୍ଡ ପରେ କଳାରଙ୍ଗର ପିକପ୍ ଭ୍ୟାନ୍‌ଟାଏ ଆସି ଠିଆ ହେଲା ସେଠ୍‌ଜୀଙ୍କ ଫାଟକ ଆଗରେ । ବିନା ବାକ୍ୟବ୍ୟୟରେ ଦରଓ୍ୱାନ୍ ଦୁଇଟା ଖୁବ୍ ବିନୟର ସହିତ ଫାଟକ ଖୋଲି ଦୁଇ ପାଖକୁ ଆଡ଼େଇଗଲେ । ଭ୍ୟାନ୍‌ଟା ସିଧା ଗୁଲିଗଲା ଭିତରକୁ । ବ୍ରେକ୍ କଲା ଯାଇ ବାରଣ୍ଡାକୁ ଲାଗି ସଦର ଦରଜା ସାମନାରେ ।

ଗାଡ଼ିକୁ ଦେଖି ଦୋକାନୀ ବୁଢ଼ା ଚମକିଲା ପରି ହୋଇ କହିଲା—"ତୋ ଭାଗ୍ୟ ଭଲଥି । କଥା ପଡ଼ୁ ପଡ଼ୁ କାରପଟ୍ଟଦାର ଆସିଗଲା । ହେଇ ଦେଖ୍ ତାଁ ଗାଡ଼ି । ଆଜି ଟଙ୍କା ଗାଡ଼ି ଆସିବ । ଦେଖିବୁ, ଯୋଉଦିନ କାରପଟାଦାର ଆସିବ, ସେଦିନ ଟଙ୍କା ନିଶ୍ଚେ ଆସିବ । ଏଇକ୍ଷିଣା ସେଠ୍ ତା ସାଙ୍ଗରେ ଯିବ । ଟଙ୍କା ଗଣାଗଣି କରି ଆଣିବ । ଏଇମିତି କଥାଅଣା ଗୁଲିଚି, ଆଉ ମୁଁ ଏଠି ବସି ଦେଖୁଚି ଏଇ କେତେ ବର୍ଷ ହେଲା ।"

ନବୀନବାବୁ ମନେ ମନେ ଖୁସି ହୋଇ ଅନେକ କଥା ଭାବୁଥିଲେ ମୁହଁ ଉପରକୁ ମନୋଭାବ ଗୋପନ ରଖି କହିଲେ—"ଯା ହେଉ ଭାଇ ! ବଡ଼ ଉପକାର କଲୁ ମୋର । ସେ ଋଣ ମୁଁ ଶୁଝି ପାରିବି ନାହିଁ । ଟିକେ କାମ ସାରି ଆସେ, କାରପଟାଦାର ସାହେବଙ୍କୁ ଦେଖା କରିବି ।" ସେ ଦୋକାନୀର ପଇସା ଛୁଣ୍ଡାଇ ବାହାରିଆସିଲେ ରାସ୍ତା ଉପରକୁ । ବର୍ତ୍ତମାନ ତାଙ୍କର ପ୍ରଧାନ କର୍ତ୍ତବ୍ୟ ହେଲା, ଆଖପାଖରେ କେଉଁଠି ଫୋନ୍‌ର ସୁବିଧା ଅଛି କି ନାହିଁ । କିନ୍ତୁ ଦୁର୍ଭାଗ୍ୟ । କେବଳ

Digitized by PPRACHIN, SOA

ଜଣେ ଭଦ୍ରଲୋକଙ୍କ ଘର ଛଡ଼ା ସେ ଆଉ କେଉଁଠି ଫୋନ୍ ଥିବାର ଜାଣିପାରିଲେ ନାହିଁ । ସେଠାରେ ବି ଦରଜା ବନ୍ଦ ଥିଲା । କିନ୍ତୁ ଉମାଶଙ୍କରବାବୁଙ୍କୁ ଖବର ଦେବାଟା ନିତାନ୍ତ ଜରୁରି । ତେଣୁ ସେ ସଦର ଦରଜାରେ ଠକ୍ ଠକ୍ କଲେ । ଅଳ୍ପ ସମୟ ପରେ ଜଣେ ଲୋକ, ଖୁବ୍ ସମ୍ଭବ ଚାକର ହେବ କି କ'ଣ, ଘରୁ ବାହାରିଆସି 'କ'ଣ ଦରକାର' ବୁଝିବାକୁ ଚାହିଁଲା । ନବୀନବାବୁ ପ୍ରତି ତାଚ୍ଛଲ୍ୟ ଭାବ ତାର ପରିଷ୍କାର ଫୁଟି ଉଠୁଥିଲା । ସେକଥା ନବୀନବାବୁ ସ୍ପଷ୍ଟ ଜାଣିପାରୁଥିଲେ ସୁଦ୍ଧା ତାଙ୍କର କିଛି ଉପାୟ ନ ଥିଲା । କାରଣ ସେ ଥିଲେ ଅତିନିମ୍ନସ୍ତରର ଲୋକର ଛଦ୍ମ-ବେଶରେ ।

ନବୀନବାବୁ ଅନ୍ୟ ଉପାୟ ନ ଦେଖି ପଚାରିଲେ—"ବାବୁ ଅଛନ୍ତି ?"

"କେହି ନାହାନ୍ତି । ବାବୁ କି ବାବୁଆଣୀ; ଚାରି ଦିନ ହେଲା ଗଲେଣି । ଫେରିବେ ପନ୍ଦର ଦିନ ପରେ । ତୋର କ'ଣ ଦରକାର । ଚାକିରି ରହିବୁ ?" ଚାକରଟି ପଚାରିଲା ।

"ନା, ଭାଇ । ମୁଁ ତ ମୂଲିଆ ଲୋକ । ମୋର ସାଙ୍ଗ ଉପରେ ଏଇ ଛକ ଉପରେ ଗୋଟାଏ ଟ୍ରକ୍ ମାଡ଼ିଗଲା । ଟିକିଏ ଡାକ୍ତରଖାନା ଫୋନ୍ କରିଦେଲେ···"

ନବୀନବାବୁଙ୍କ କଥା ନ ସରୁଣୁ ଚାକରଟା ପିଣ୍ଡାତଳକୁ ଓହ୍ଲାଇ ଆସି କହିଲା—"ସତ ନା କ'ଣ ? ଲୋକଟା ବଞ୍ଚିଚି ନା ପାରି ପାଇଯାଇଚି ? ଆଚ୍ଛା, ତୁ ଟିକିଏ ଏଠି ଠିଆହୋଇ ଥା, ମୁଁ ଦେଖିଆସେ"—ଉତ୍ତରକୁ ଅପେକ୍ଷା ନ କରି ସେ ଚାଲିଗଲା । ଏଇ ସୁଯୋଗକୁ ପ୍ରକୃଷ୍ଟ ସମୟ ଭାବି ନବୀନବାବୁ ନିର୍ବିଚାରରେ ପଶିଗଲେ ଘର ଭିତରକୁ । ଦେଖିଲେ ଦାମି ବଖରାଟି ସୁସଜ୍ଜିତ । ଟେବୁଲ ଉପରେ ଟେଲିଫୋନ୍ । ଯଥାସମ୍ଭବ ଶୀଘ୍ର ସଂଯୋଗ ସ୍ଥାପନ କରି ଖବରଟା ଜଣାଇଦେଲେ ଉମାଶଙ୍କରବାବୁଙ୍କୁ । ତା ପରେ ଖୁବ୍ ସତର୍କ ଭାବରେ ବାହାରି ଆସିଲେ ରାସ୍ତା ଉପରକୁ । ଚାକରଟି ସେତେବେଳକୁ ଫେରି ନ ଥିଲା । ଛକଟା ଥିଲା ସେଠୁଁ ଘରର ବିପରୀତ ଦିଗରେ ଖଣ୍ଡେ ଦୂରରେ ।

ନବୀନବାବୁ ବଡ଼ ବ୍ୟସ୍ତ ହୋଇପଡ଼ିଲେ । ତାଙ୍କ ସ୍ଥାନରେ ଜଗି ରହିବାକୁ ଏପର୍ଯ୍ୟନ୍ତ କେହି ଆସିଲେନି । ମାତ୍ର ଉମାଶଙ୍କରବାବୁଙ୍କ ନିର୍ଦ୍ଦେଶ—ଯେପରି ହେଉ, ଫଲୋ କରିବାକୁ ହେବ । ଏପରି ଭାବୁ ଭାବୁ ପିକପ୍ ଭ୍ୟାନ୍‌ଟା ଷ୍ଟାର୍ଟ ହେବା ଶବ୍ଦ ଶୁଣାଗଲା । ନବୀନବାବୁ ଆହୁରି ବ୍ୟସ୍ତ ହୋଇପଡ଼ିଲେ । ତାଙ୍କ ପାଖରେ କଣ ଏପରି ଅଛି ଯେ, ଭ୍ୟାନକୁ ସେ ଅନୁସରଣ କରିପାରିବେ ? ପ୍ରାପ୍ତ ଅଧଘଣ୍ଟିକ ମଧ୍ୟରେ

Digitized by PPRACHIN, SOA

ଭ୍ୟାନ୍ ଘୁରିକରି ଫାଟକ ଅତିକ୍ରମ କରି ଚାଲିଗଲା । ନବୀନବାବୁ ଉପାୟ ନ ଦେଖି ପଛେ ପଛେ ଦୌଡ଼ିବାକୁ ଲାଗିଥିଲେ । ଏତିକିବେଳେ ତାଙ୍କର ଦୃଷ୍ଟି ପଡ଼ିଲା ରାସ୍ତାର ବିପରୀତ ଦିଗରୁ ହାଲୁକା ବେଗରେ ଗୋଟାଏ ଜିପ୍ ଧାଇଁ ଆସୁଛି । ଚାହୁଁ ଚାହୁଁ ଜିପ୍‌ଟା ପାଖେଇ ଆସିଲା । ଜିପ୍‌ର ଆରୋହୀଙ୍କୁ ଚିହ୍ନିଦେଇ ନବୀନବାବୁଙ୍କ ମୁହଁରେ ହସ ଫୁଟିଉଠିଲା । ସେ ରାସ୍ତାର ଗୋଟାଏ ଧାରରେ ଠିଆ ହୋଇଗଲେ । ଜିପ୍‌ଟା ତାଙ୍କର ଖୁବ୍ ପାଖାପାଖି ବେଗ କମାଇଦେଲା । ଏହି ଅବସରରେ ନବୀନବାବୁ ଅଭ୍ୟସ୍ତ ଏବଂ ପରିଚିତ ପରି ଡେଇଁପଡ଼ିଲେ ତା ଭିତରକୁ । ମୁହୂର୍ତ୍ତକ ମଧ୍ୟରେ ଜିପ୍‌ଟା ବିଜୁଳି ପରି ଉଡ଼ିଚାଲିଲା ଭ୍ୟାନ୍‌କୁ ଅନୁସରଣ କରି ।

ପ୍ରାୟ ଅଶୀ କି: ମି: ସ୍ପିଡ଼ରେ ଗଲାପରେ ଛଦ୍ମବେଶୀ ଉମାଶଙ୍କରବାବୁ ଦେଖିପାରିଲେ, ପିକ୍‌ଅପ୍‌ଟା ଧାଇଁଛି । ସେ ଜିପ୍‌ଟାକୁ ତା'ର ଟିକିଏ ପାଖାପାଖି କରିଦେବାପାଇଁ ଆହୁରି ସ୍ପିଡ୍ ବଢ଼ାଇଦେଲେ । ଜିପ୍‌ଟା-ହୁ, ହୁ, ମାଡ଼ି ଚାଲିଲା । ଏତିକିବେଳେ ଗୋଟାଏ ମୋଟର ସାଇକେଲ ପଛପଟୁ ତୀରବେଗରେ ଆସି ତାଙ୍କ ଜିପ୍ ଅତିକ୍ରମ କଲା । ଓଃ କି ସ୍ପିଡ୍ ଉମାଶଙ୍କରବାବୁ ପ୍ରମାଦ ଗଣିଲେ । ଏ ଆରୋହୀଟା ପାଗଳ ନା କ'ଣ ଏତେ ବେଗରେ ମୋଟର ସାଇକେଲ ଛୁଟାଇ ଯିବାର କାରଣଟା ସେ ଜାଣିପାରିଲେ ନାହିଁ । ଚାହୁଁ ଚାହୁଁ ମୋଟର ସାଇକେଲ ଆରୋହୀ ପିକ୍‌ଅପ୍ ଭ୍ୟାନ୍‌ଟାକୁ ମଧ୍ୟ ଅତିକ୍ରମ କରି ଚାଲିଗଲା । ଉମାଶଙ୍କରବାବୁ ଖୁବ୍ ସତର୍କଭାବରେ ଦୃଷ୍ଟି ଦେଇ ଜିପ୍‌ଟାକୁ କଣ୍ଟ୍ରୋଲରେ ରଖିଥାନ୍ତି; ଆଉ ନବୀନବାବୁଙ୍କୁ କେତେକ କଥା ବୁଝାଉଥାନ୍ତି ।

କ୍ରମେ ଦେବନଗର ଅତିକ୍ରମ କରି ଭ୍ୟାନ୍‌ଟା ଗୋଟାଏ କଚ୍ଚା ରାସ୍ତାରେ ଚାଲିଲା । ଉମାଶଙ୍କରବାବୁ ମଧ୍ୟ ସେଇ ରାସ୍ତାରେ ଜିପ୍ ଛୁଟାଇଦେଲେ । କିନ୍ତୁ ଅସମ୍ଭବ କଥା—କଚ୍ଚା ରାସ୍ତାଟା ଅତି କଦର୍ଯ୍ୟ; ତଥାପି ଡ୍ରାଇଭର ସ୍ପିଡ୍ ଟିକିଏ କମାଇ ଦେଉନାହିଁ । ମାତାଲଙ୍କ ପରି ଗାଡ଼ି ଛୁଟାଇଛି ।

ଉମାଶଙ୍କରବାବୁ ଅନୁମାନ କଲେ—ଆଉ ହୁଏତ ଅଳ୍ପବାଟ ଏଇପରି ଯିବାକୁ ହେବ । କାରଣ ଲକ୍ଷ୍ୟ ସ୍ଥାନଟା ସେ ଧାରଣା କରିନେଇ ସାରିଥିଲେ । ତେଣୁ ନିଜର ନିରାପତ୍ତା ଦିଗରୁ ସେ ଖଣ୍ଡେ ଦୂରରେ ଜିପ୍ ବ୍ରେକ୍ ଦେଇ ଅଟକାଇଲେ । ନବୀନବାବୁଙ୍କୁ ଆବଶ୍ୟକୀୟ ଉପଦେଶ ଦେଇ ସେଇଠୁ ଫେରିଲେ ।

ନବୀନବାବୁ ଚାରିଆଡ଼କୁ ସତର୍କ ଦୃଷ୍ଟି ପକାଇ ଦେଖିଲେ—କେହି କୁଆଡ଼େ ନାହିଁ । ସେ ଆଉ ଅପେକ୍ଷା ନ କରି ବୁଦା ଗହଳରେ ଅଦୃଶ୍ୟ ହୋଇଗଲେ ।

Digitized by PPRACHIN, SOA

ତେର

ଦୀର୍ଘ ସମୟ ପ୍ରତୀକ୍ଷା ପରେ ମଧ୍ୟ ଜମିଦାରସାହେବଙ୍କ ଫାଟକ ଖୋଲୁନାହିଁ । ବାହାରେ ବୃଦ୍ଧ ଉହାଡ଼ରେ ବସି ବସି ନବୀନବାବୁ ଫାଟକ ଉପରେ ସତର୍କ ଦୃଷ୍ଟି ରଖିଛନ୍ତି । ପିକ୍‌ଅପ୍ ଭ୍ୟାନଟା ସେହିପରି ଅଛି । ସେଠ୍‌ଜୀ ମଧ୍ୟ ଜମିଦାର ହତା ଭିତରେ । ସନ୍ଧ୍ୟା ଛଅଟା ହେଲଣି । ଆଉ ଟିକକ ପରେ ରାତି । ପୂର୍ବ ଅନୁଭୂତି ମନେପକାଇ ନବୀନବାବୁ ଶିହରିଉଠିଲେ । ଭିତରକୁ ଯିବେ କି ନାହିଁ, ସେ କଥା ଜାଣିବାପାଇଁ ଅଣ୍ଟିରୁ ପକେଟ ଓ୍ୟାରଲେସ୍‌ଟିକୁ ବାହାର କରି ସଂଯୋଗ ସ୍ଥାପନ କଲେ ଉମାଶଙ୍କରବାବୁଙ୍କ ସହିତ । କିଛି ସମୟ ପରେ ସେଇଟିକୁ ପୁଣି ଅଣ୍ଟିରେ ପୁରାଇ ରଖିଦେଇ ବସିଲେ ପୂର୍ବପରି ।

ରାତି ହୋଇଆସୁଛି । ଫାଟକ ଅତିକ୍ରମ କରିବାର ଉପାୟ ନାହିଁ । ଗୋଟିଏ କାବୁଲୀ ପଠାଣ ସଶସ୍ତ୍ର ଜଗୁଆଳି । ତା ର ଦୃଷ୍ଟି ପୁଣି ସତର୍କ ଭାବରେ ଚାରିଆଡ଼େ ଘୂରୁଛି । ନବୀନବାବୁ ଭାବୁଥିଲେ, ଯଦି କୌଣସି ପ୍ରକାରରେ ଭିତରକୁ ଥରେ ଯାଇହୁଅନ୍ତା, ତେବେ ଅନେକ କିଛି କରିହୁଅନ୍ତା, ମାତ୍ର ଉପାୟ ନାହିଁ । ଭିତରେ କଣ ଘଟୁଥିବ, ସେ କଥା ବିଶେଷ ଭାବରେ ଚିନ୍ତା କରୁଥିଲେ ସେ । ଏପର୍ଯ୍ୟନ୍ତ ମଧ୍ୟ ସେଠ୍ ଗୋବିନ୍ଦ ଦାସ ବାହାରକୁ ଆସିନାହାନ୍ତି । କ'ଣ ଏତେ କାମ ? ଆଉ କ'ଣ ଅନ୍ୟ କେଉଁ ରାସ୍ତାରେ ବାହାରିଗଲେ ନା କଣ ? ଏହିପରି ନାନାପ୍ରକାର ଚିନ୍ତା ତାଙ୍କ ମନକୁ ଅଥୟ କରିଦେଉଥିଲା । ତଥାପି. ଉମାଶଙ୍କରବାବୁଙ୍କ ନିର୍ଦ୍ଦେଶ, ଏଇଠି ରହିବାକୁ ହେବ ।

······ରାତି ସାଢ଼େ ଆଠ । ମଶାଙ୍କ ଦାଉରୁ ଅଥୟ ହୋଇପଡ଼ୁଥିଲେ ନବୀନବାବୁ । କ୍ରମେ ବିରକ୍ତିରେ ତାଙ୍କ ମନ ଭରି ଉଠୁଥିଲା । ଏତିକିବେଳେ କ୍ଷୁଦ୍ର ବେତାର ଯନ୍ତ୍ରଟି ଅସ୍ୱାଭାବିକ ଭାବରେ ଶବ୍ଦ କରି ଉଠିଲା ନବୀନବାବୁଙ୍କ ଅଣ୍ଟି ଭିତରେ । ସେ ସେଇଟିକୁ ବାହାର କରି କାନ ପାଖରେ ଲଗାଇଲେ । ସେପଟରୁ ପରିଷ୍କାର ଶୁଣାଯାଉଥିଲା ଉମାଶଙ୍କରବାବୁଙ୍କ ସ୍ୱର ।

" ···ସାବଧାନ ! ଆଉ କେତେଜଣ ଗଲେ । ମୁଁ ଘଣ୍ଟାକ ମଧ୍ୟରେ ଯାଉଛି । ତୁମେ ସୁଯୋଗ ଦେଖି ଭିତରକୁ ଯାଅ ।···ମୋ ପାଇଁ ଅପେକ୍ଷା କରିବ··· ହଁ, ଆଲୁଅ ପକାଇବ । ସାବଧାନ ଭାରି ମାରାତ୍ମକ···ବନ୍ଦ କର ।"— ନବୀନବାବୁ ଯନ୍ତ୍ରଟିକୁ ରଖିଦେଲେ ପୁଣି ଅଣ୍ଟି ଭିତରେ ।

Digitized by PPRACHIN, SOA

କୌଣସି ମୂହୂର୍ତ୍ତରେ ହେଲେ ବି ହତା ଭିତରେ ପଶିବାର ସୁଯୋଗ ନ ଥିଲା । ମାଡ଼ ଭିତରେ କଣ ଘଟୁଛି ଜାଣିବାପାଇଁ ନବୀନବାବୁ ଏତେ ଉତ୍ସୁକ ହୋଇପଡ଼ିଥିଲେ ଯେ, ସେ ସୁଯୋଗ ଖୋଜିବାକୁ ଲାଗିଗଲେ । ବହୁତ ସମୟ ଧରି ଅପେକ୍ଷା କରି ସେ ସମ୍ପୂର୍ଣ୍ଣ ଅଧୈର୍ଯ୍ୟ ହୋଇପଡ଼ିଥିଲେ ।

ଆଜି ସାରା ଦିନଟି ଏଇଠି ଅପେକ୍ଷା କରିବା ଦ୍ୱାରା ସେ ସ୍ଥାନୀୟ ନିର୍ଜନତା ଏବଂ ପାଚେରି ଅତିକ୍ରମ କରିବାର ଉପାୟ ସମ୍ବନ୍ଧରେ କିଛି ଧାରଣା କରିନେଇଥିଲେ ଏବଂ ଉପାୟ ମଧ୍ୟ ସ୍ଥିର କରିସାରିଥିଲେ । ଖାଲି ଅପେକ୍ଷା ଥିଲା ଉମାଶଙ୍କରବାବୁଙ୍କ ଅନୁମତିର, ତାହା ମଧ୍ୟ ମିଳିଗଲା । ନବୀନବାବୁ ଆଉ ବିଳମ୍ବ ନ କରି ପାଚେରିର ଗୋଟାଏ ସ୍ଥାନକୁ ଯାଇ ଚୁପ୍‌କରି ଠିଆହେଲେ । ତା'ପରେ ଅଣ୍ଟିରୁ ଖୁବ୍ ଶକ୍ତ ଆଉ ସରୁ ରସି ବାହାର କରି ଆରପଟକୁ ଫିଙ୍ଗିଦେଲେ । ରସିର ଯେଉଁ ପଟକି ସେ ଫିଙ୍ଗିଦେଲେ ସେ ପଟରେ ନୌକା ନଙ୍ଗର ପରି ଗୋଟାଏ ଆଙ୍କୁଶୀ ଥିଲା । ସେଟା ବୋଧହୁଏ ପାଚିରି ଆରପଟରେ କୌଣସି ଗଛ ବା ଡାଳରେ ଲାଗିଗଲା । ତାକୁ ସେ ପରୀକ୍ଷାକରି ଦେଖିଲେ, ଖୁବ୍ ଶକ୍ତ ଅଛି । ତା'ପରେ ଆସ୍ତେ ଆସ୍ତେ ସେଇଆକୁ ଅବଲମ୍ବନ କରି ପାଚିରି ଉପରକୁ ଉଠିଗଲେ । ଚତୁର୍ଦ୍ଦିଗ ଥିଲା ଗାଢ଼ କଳା ଅନ୍ଧକାର । ସେ ନିଜର ଖୁବ୍ ପାଖରେ ଥିବା ଜିନିଷକୁ ଚେଷ୍ଟା କରି ମଧ୍ୟ ଦେଖିପାରୁ ନ ଥିଲେ । ତେଣୁ ସେ ଭାବୁଥିଲେ ଯେ, ତାଙ୍କୁ ମଧ୍ୟ କେହି ଦେଖିପାରୁ ନ ଥିବେ । ପାଚିରି ଉପରକୁ ଅନେକ ଡାଳ ଲମ୍ବି ଆସିଥିଲା । ସେଥିମଧ୍ୟରୁ ଗୋଟାଏ ଶକ୍ତ ଡାଳ ଅବଲମ୍ବନ କରି ସେ ନିରାପଦରେ ହତା ଭିତରେ ଓହ୍ଲାଇପଡ଼ିଲେ । ଦଉଡ଼ିଟିକୁ ଉଠାଇ ନ ଆଣି ସେଇ ଅବସ୍ଥାରେ ରଖିଦେଇଗଲେ । ଉମାଶଙ୍କର ବାବୁଙ୍କର ଆବଶ୍ୟକରେ ଲାଗିପାରେ—

ଜମିଦାରଙ୍କ କୋଠି ସେଇ ଅନ୍ଧକାର ଭିତରେ ସ୍ଥିର କରିବା ତାଙ୍କ ପକ୍ଷରେ କଷ୍ଟକର ନ ଥିଲା । କିନ୍ତୁ ହତା ଭିତରେ ମଧ୍ୟମ ଆକୃତିର ଗଛଗୁଡ଼ା ଏପରି ଗହଳ ଭାବରେ ବଢ଼ିଥିଲା ଯେ, ସେ ସବୁକୁ ଅତିକ୍ରମ କରିବା ବିଶେଷତଃ ସେ ଘୋର ଅନ୍ଧାର ଭିତରେ ଅସମ୍ଭବ ଥିଲା । ନିଜକୁ ଯଥେଷ୍ଟ ସାବଧାନ ଆଉ ଗୋପନ ରଖିବାକୁ ଚାହୁଁଥିବାରୁ ସେ ଆଲୁଅ ବ୍ୟବହାର କରୁ ନ ଥିଲେ । ଖାଲି ଅଣ୍ଡାଳି ଅଣ୍ଡାଳି ସେ ଚାଲୁଥିଲେ କୋଠିଆଡ଼କୁ । ଜୋରରେ ପାଦ ପକାଇବାକୁ ବି ଭୟ ।

Digitized by PPRACHIN, SOA

ଶୁଖିଲା ପତ୍ରଗୁଡ଼ାକ ପାଦ ତଳେ କାଲେ ମସ୍ ମସ୍ ଶୁଭିଯିବ । ହତାଟା ବି ଖୁବ୍ ବଡ଼ । ବାଟ ଖୁବ୍ ଅଳ୍ପ ହେଲେ ମୁଦ୍ଧା ସେତକ ଅତିକ୍ରମ କରିବାକୁ ଅନେକ ସମୟ ଲାଗିଗଲା ତାଙ୍କୁ ।

ଆଗରେ ଗୋଟାଏ ଘର । କିନ୍ତୁ ଅଲଗା । ଜମିଦାରଙ୍କ କୋଠିସହିତ ନୁହେଁ । ଏକ ମହଲା ଘର । ଚାରିଆଡ଼େ ଅନ୍ଧକାର । ନବୀନବାବୁ ବାଘ ପରି ସତର୍କ ହୋଇ ଚାଲୁଥାନ୍ତି । ତାଙ୍କର ଲକ୍ଷ୍ୟ ଥାଏ ସେଠ୍‌ଜୀଙ୍କ ଆଡ଼େ । ସେ ଯେତେବେଳେ ଏଇଠିକୁ ଆସିଚନ୍ତି, ନିଶ୍ଚୟ କଥାବାର୍ତ୍ତା ତ ହେଉଥିବେ କେଉଁଠି ହେଲେ ।

ଯେଉଁ ଏକମହଲା ଘର କାନ୍ଥ ପାଖରେ ସେ ପହଞ୍ଚିଲେ; ତାର କାନ୍ଥ ଅଣ୍ଡାଳି ଅଣ୍ଡାଳି ବାରଣ୍ଡାରେ ଯାଇ ପହଞ୍ଚିଗଲେ । କେତେଗୁଡ଼ାଏ ଘର । ବାରଣ୍ଡା ପୂରା ଅନ୍ଧକାର, ସବୁ କୋଠରି ଅନ୍ଧକାରମୟ ଏବଂ ଦରଜା ବନ୍ଦ ବାହାରୁ ! ତଥାପି ହତାଶ ହୋଇ ନ ଥିଲେ ସେ । ଏଠି କେହି ମିଳନ୍ତୁ ନ ମିଳନ୍ତୁ, ଜାଗାଟା ଭଲ କରି ଦେଖିନେବା ହିଁ ତାଙ୍କର ଉଦ୍ଦେଶ୍ୟ ଥିଲା ।

ଗୋଟାଏ ବଖରାର ଦୁଆର ପାଖରେ ପହଞ୍ଚିଲାମାତ୍ରେ ନବୀନବାବୁ ତା ଭିତରୁ ଶବ୍ଦ ପାଇଲେ । ସେ ପୁଣି କଥାବାର୍ତ୍ତାର ଶବ୍ଦ ନୁହେଁ; ସାମାନ୍ୟ ଖୁସ୍ ଖାସ୍,ଖୁଡ଼୍‌ଖାଡ଼୍ ଶବ୍ଦ । ଯାହା ହେଉ,ଏତେ ପରିଶ୍ରମ ପରେ କିଛି ଗୋଟାଏ କ୍ଲୁ ସେ ପାଉଛନ୍ତି ଭାବି ମନଟା ତାଙ୍କର ଖୁବ୍ ଖୁସି ହୋଇଗଲା । ଖୁବ୍ ସାବଧାନରେ ସେ ବାରଣ୍ଡାରେ ଆଇ କବାଟ ଫାଙ୍କରେ କାନ ପାତିଲେ । କବାଟଟା ଭିତରୁ ବନ୍ଦ ଥିଲା । ଭିତରେ ଖୁବ୍ ନିଷ୍ପ୍ରଭ ଆଲୁଅଟିଏ ଜଳୁଥିଲା ବୋଧହୁଏ । କିଏ କିଏ ତା ଭିତରେ ଅଛନ୍ତି, ଦେଖିବା ପାଇଁ ସେ କବାଟ ଫାଙ୍କରେ ମୁହଁ ଲଗାଇ ଦେଖିଲେ । ଯାହା ସେ ଦେଖିଲେ, ସେଥିରେ ତାଙ୍କର ବିସ୍ମୟର ସୀମା ରହିଲା ନାହିଁ । ଆଗରେ ଫଣାଧର ସାପ ଦେଖିଥିଲେ କେହି ଏପରି ଚମକି ପଡ଼ି ନ ଥାନ୍ତା । ପ୍ରଥମେ ସେ ନିଜ ଆଖିକୁ ତ ବିଶ୍ୱାସ କରିପାରିଲେ ନାହିଁ, ଯାହା ଦେଖିଲେ । ତା ପରେ ଆଖିକୁ ଭଲ ଭାବରେ ମଳି ଦେଖିଲେ—ସବୁ ଠିକ୍ । ଏ ବସିଚନ୍ତି ସେଠ୍ ଗୋବିନ୍ଦ ଦାସ, ତାଙ୍କ ଡାହାଣକୁ ସେ କାନକଟା ଲୋକଟି, ତାଙ୍କ ପାଖକୁ ଆଉ ଜଣେ କିଏ ଅପରିଚିତ ବୋଧ ହେଉଚନ୍ତି । ଟେବୁଲ୍ ଉପରେ ଥାକ ଥାକ ହୋଇ ଥୁଆ ହୋଇଚି

Digitized by PPRACHIN, SOA

ଟଙ୍କାର ଛାଡ଼ାଗୁଡ଼ା । ଘାଡ଼ାର ଟଙ୍କା ଗଣାଗଣିରେ ସମସ୍ତେ ବ୍ୟସ୍ତ । ସେଠ୍ ଜୀଙ୍କ ମୁଖମଣ୍ଡଳ ଆଉ କପାଳ ଘର୍ମାକ୍ତ । ଆଜି ସମ୍ଭବ ଖୁବ୍ ପରିଶ୍ରମ ହୋଇଚ । ନବୀନ-ବାବୁ ମନେ ମନେ ନିଜକୁ ବଡ଼ ନିନ୍ଦା କରିବାକୁ ଲାଗିଲେ—ସେ ଯାହା ଆଗରୁ ଆସିପାରିଲେନି ଏଠିକୁ ! ଆସିଥିଲେ ହୁଏତ ଅନେକ କିଛି ଶୁଣି ପାରିଥାନ୍ତେ ।

"ବୁଝିଲ ନା, ସେଠ୍ ଜୀ ! ପାଞ୍ଚ ଲକ୍ଷ ପାଇଁ ତୁମେ ଘାବରେଇ ଯାଇଛ, ନୁହେଁ ? କିନ୍ତୁ ଏଁତ ପଚିଶି ଲକ୍ଷର କାରବାର । ସମାଲ ଏଥର—" କାନକଟା ଲୋକଟି ହେଁ ହେଁ ହୋଇ ହସିହସି କହିଲା । ନବୀନବାବୁ ଏଥର ସ୍ମରଣ କରି ଜାଣିଲେ, ଏଇ ଲୋକଟା ହିଁ ହୋସେନ୍ ଅଲ୍ଲୀକୁ ଟଙ୍କା ଦେଇ ଟେପ୍‌ରେକର୍ଡ଼ର ପାଇଁ ପଠାଇଥିଲା ବୋଧହୁଏ । ହୁଏତ ଏ ମଧ୍ୟ ତାର ହତ୍ୟାକାରୀ ହୋଇପାରେ ।

—"ତା ତ ଠିକ୍ ! କିନ୍ତୁ ଟଙ୍କାଟାକୁ ବଜାରରେ ଖେଳେଇପାରିଲେ ହେବ ତ ! ଦେଖୁଚ, ପଛରେ ଗୋଇନ୍ଦା ଲାଗିଲାଣି । ସେଥିରୁ ଏ ଯେଉଁ ଦସ୍ୟୁ ଧାପକ, ତା କଥା ତ ନିଜେ ଦେଖିଚ, କେମିତି ଫାଙ୍କିମାରି ଚାଲିଗଲା !" ସେଠ୍ ଗୋବିନ୍ଦ ଦାସ କହୁ କହୁ ନୋଟ ଛାଡ଼ାଗୁଡ଼ା ସଜାଡ଼ୁଥାନ୍ତି ।

"କିଛି କଷ୍ଟ ନୁହେଁ ସେଠ୍ ଜୀ ! ତୁମେ ଜାଲ୍ ନୋଟ ଦେଇ ସୁନା କିଣ । ସୁନା ଖୋଜ ଇଚ୍ଛା କରିଦିଅ । ମୁଁ ସୁନାତକ ପଠାଇଦେବି ଚୀନ୍ ଆଉ ପାକିସ୍ତାନକୁ ତୁମେ ଅସଲି ଟଙ୍କା ଆଉ ଭାଙ୍ଗ, ଗଞ୍ଜା, ଅଫିମ ପାଇଯିବ । ବାସ୍, ତୁମର ବି ଲାଭ, ଆଉ ଆମର ବି…" ତୃତୀୟ ଲୋକଟି ଖୁବ୍ ବିଜ୍ଞତାର ସହିତ କହି ସେଠ୍ ଙ୍କ ମୁହଁ ଆଡ଼କୁ ଚାହିଁଲା ।

—"ସେ ତ ସବୁ ହେଲା । କିନ୍ତୁ ଏଇ ଯେଉଁ ଛିନତା ମର୍ଡ଼ର ହେଲା, ସେଥିରେ ପୋଲିସ୍ ଲାଗିଗଲେ । ନ ହେଲେ, ବ୍ୟବସାୟ ତ ସୁରୁଖୁରୁରେ ଚାଲିଥିଲା । ମଝିରେ ଛିନଟା ଲୋକର ଜୀବନ ଗଲା ।"—ସେଠ୍ କହିଲେ ।

କାନକଟା ଲୋକଟି କହିଲା—"ରାମଲାଲ୍ ମଲା ତା ଦୋଷରୁ । ସେ ତ ସେଦିନ ରାତିରେ ଆମକୁ ଦେଖି ଭୂତ ବୋଲି ଭାବିଲା । ସେକଥା ଯାଇ କହିଲା ଉମାଶଙ୍କରବାବୁ ପାଖରେ । ଉମାଶଙ୍କରବାବୁ ତା କଥାକୁ ରେକର୍ଡ଼ କଲେ । ମୁଁ ରେକର୍ଡ଼ ନଷ୍ଟ କରିବା ଉଦ୍ଦେଶ୍ୟ ରଖି ରାମଲାଲକୁ ଖତମ କରିଦେଲି । ପରେ

Digitized by PPRACHIN, SOA

ରେକର୍ଡ଼ ଆଣିବାକୁ ଯାଇ ହୋସେନ୍ ଅଲ୍ଲୀ ବି ମଲା । ସେ ଜାଣିଥିଲେ ଅନେକ କଥା ଜଣାପଡ଼ି ଯାଇଥାନ୍ତା । କିନ୍ତୁ ରେକର୍ଡ଼ ତ ମିଳିନି । ଉମାଶଙ୍କରବାବୁ ପାଖରେ ବି ସେଟା ନାହିଁ । ସେଟା ଖୁବ୍ ସମ୍ଭବ ଆଗରୁ କିଏ ହରଣଚାଳ କରିନେଇଛି କି କଣ ! ତା'ପରେ ରଘୁ । ସେ ସବୁକଥା ଜାଣିବାପାଇଁ ଗାଡିରେ ଲୁଚି ରହିଲା । ଫଳରେ ମଲା । ଓଃ, ଲୋକଟାର କି ବଳ ! ଗୋଟାଏ ପୋଢ଼ର ବଳ ତା'ଠେଇଁ । ଆମ କାବୁଲି ଖାଁ ତାକୁ ବଡ଼ କଷ୍ଟରେ ଜବତ କରିଚି । ତେବେ ପୋଲିସ ତା ପତ୍ତା ପାଇନି ।

ସେଠ୍‌ଜୀ ଚୁପ୍‌ଚାପ୍ ବସିଥିଲେ । ସେ ଚଟ୍‌କରି କହିପକାଇଲେ "ଦୀପକ ଛଡ଼ା ସେ ଟେପ୍ କେହି ନେଇନି । ସେ ତାରି କାମ । ତେବେ ସେଥିରୁ ସେ ବିଶେଷ କିଛି ଜାଣିପାରିବ ନାହିଁ । ଆଉ ମାସକ ପରେ ଜମିଦାର ଆସିଯିବ ବୋଧହୁଏ । ତାର ଆଗରୁ ଆମ କେନ୍ଦ୍ର ଉଠାଇନେବା । ତେଣିକି ସବୁ ସାଫ୍ ।"

କଥାକଥାକେ ନବୀନବାବୁଙ୍କ ଆଗରୁ ରହସ୍ୟ ପରଦାଗୁଡ଼ାକ ଗୋଟି ଗୋଟି ହୋଇ ଖୋଲି ଯାଉଥିଲା ଯେମିତି । ତାଙ୍କର ଇଚ୍ଛା ହୋଇଥିଲା, ଏଇ ମୁହୂର୍ତ୍ତରେ ଗୁଳିକରି ତିନିଟାଙ୍କର ମୁଣ୍ଡ ଉଡ଼ାଇ ଦିଅନ୍ତେ । ସେ ଭାବୁଥିଲେ— ଏଇଥିପାଇଁ ସେଠ୍‌ଜୀ ତାଙ୍କ ଦରଓ୍ୱାନ୍‌କୁ ପାଞ୍ଚ ଶହ ଲେଖାଏଁ ଦରମା ଦିଅନ୍ତି ତାହାହେଲେ ।

—"ହଁ, ଫିରୋଜ ଖାଁ ସାହେବ । ତୁମେ ଗୋଦାମ ଖାଲି କର ଏବେ । ଆମେ ଆଉ କେତେ ଜଗିବସିଥିବୁ ?" ସେଠ୍‌ଜୀ କହିଲେ ତୃତୀୟ ଲୋକଟି ଆଡ଼କୁ ଚାହିଁ ।

—"କାଲି, କାଲି, ଆଉ ଡେରି ନୁହେଁ । ମୁଁ ସେଆଡ଼େ ମାଲ ଖଲାସର ଯୋଗାଡ଼ କଲେଣି ପୁଣି । ତୁମ ହିନ୍ଦୁସ୍ଥାନ ସୀମାନ୍ତରେ ତ ଆଜିକାଲି କଡ଼ା ପହରା । ମାଲ ନେବା ଆଣିବା ତ ଆଉ ଆଗପରି ସହଜ ନୁହେଁ । କାଲି ରାତିରେ ସବୁ ଖଲାସ କରିନେବି ।"—ଲୋକଟି କହିଲା ।

ଏତିକିବେଳେ ଖୁବ୍ ପାଖରେ କେହି ଜଣେ ଆସିବାର ଶବ୍ଦ ଶୁଣାଗଲା । ନବୀନବାବୁ ଖୁବ୍ ସତର୍କ ହୋଇ ବାରଣ୍ଡା ଆରପଟକୁ ଚାଲିଗଲେ । ସେ ଠିକ୍ ଘରର ଶେଷରେ ବାରଣ୍ଡାରୁ ଓହ୍ଲାଇବାକୁ ପାଦ ବଢ଼ାଉଥିଲେ—ଶବ୍ଦ ଶୁଭିଲା

Digitized by PPRACHIN, SOA

ପଛରୁ—"କୋଉ୍ ହେ ?" ଓଃ, ଶବ୍ଦଟା ମେଘର ଗର୍ଜନ ଯେମିତ । ତା ସାଙ୍ଗେ ସାଙ୍ଗେ ଟର୍ଚ୍ଚ ଲାଇଟ୍‌ର ଉଜ୍ଜ୍ୱଳ ଆଲୋକ ବିସ୍ତୃତ ହୋଇପଡ଼ିଲା ବାରଣ୍ଡା ସାରା । ତା'ର ଠିକ୍ ପୂର୍ବ ମୁହୂର୍ତ୍ତରେ ନବୀନବାବୁ ଘରର ବାହାର ପଟ କ'ଣ ଦେଇ ଆତ୍ମଗୋପନ କରିସାରିଥିଲେ । ଲୋକଟା କିନ୍ତୁ ନଛୋଡ଼ବନ୍ଦା । ତା ମନରେ କିଛି ସନ୍ଦେହ ହୋଇଥିଲା କି କ'ଣ, ସେ ବାରଣ୍ଡା ଶେଷ ପର୍ଯ୍ୟନ୍ତ ଆସିଲା । ଇତି ମଧ୍ୟରେ ନବୀନବାବୁ ଘରର ପଛପଟକୁ ଯାଇ ଗଛ ଉହାଡ଼ରେ ଛପିଗଲେ । ପାଟି ଶୁଣି ଘରଭିତରରୁ ସେଠ୍‌ଜୀ ପ୍ରଭୃତି ମଧ୍ୟ ବାହାରିଆସିଲେ । ଆଲୁଅ ଧରି ଆଖପାଖଟା ଖୁବ୍ ଖୋଜାଖୋଜି ପରେ ଫେରିଗଲେ ପୁଣି ଆପଣା ସ୍ଥାନକୁ । ସେଠାରେ ଆଉ ରହିବା ଅର୍ଥ ବିପଦକୁ ବରଣ କରିବା ଭାବି ନବୀନବାବୁ ଖୁବ୍ ସତର୍କତାର ସହିତ ପାଦ ଚପି ଚପି ଚାଲି ଆସିଲେ ପାଚିରି କଡ଼କୁ, ଯେଉଁଠି ସେ ଗଛରୁ ଦଉଡ଼ି ଲମ୍ବାଇ ଦେଇଥିଲେ ତଳକୁ ।

ଓହ୍ଲାଇବା ପାଇଁ ବିଶେଷ କଷ୍ଟ ହେଲା ନାହିଁ ତାଙ୍କୁ । ବାହାରକୁ ଆସି ସେ ସ୍ୱସ୍ତିର ନିଃଶ୍ୱାସ ମାରି ଦୁଇ ତିନି ମିନିଟ୍ ବସିଗଲେ । ତା'ପରେ ଅଣ୍ଟିରୁ ବେତାର ଯନ୍ତ୍ରଟି ବାହାର କରି ସଂଯୋଗ ସ୍ଥାପନ କଲେ ଉମାଶଙ୍କରବାବୁଙ୍କ ସହିତ । ତାଙ୍କ ସହିତ କିଛି କଥାବାର୍ତ୍ତା କଲେ କେଜାଣି, ଊର୍ଦ୍ଧ୍ୱଶ୍ୱାସରେ ଛୁଟିବାକୁ ଲାଗିଲେ ଦେବନଗର ବଜାର ଆଡ଼େ ।

ସେଇଠି ଅପେକ୍ଷା କରିଥିଲେ ଉମାଶଙ୍କରବାବୁ । ସଙ୍କେତ ଦେଲାମାତ୍ରେ ନବୀନବାବୁ ଅଟକିଗଲେ । ଉମାଶଙ୍କରବାବୁ ତାଙ୍କୁ ଏକାବାରେ କୁଣ୍ଢାଇ ପକାଇଲେ ଏ ସଫଳତା ଯୋଗୁଁ ।

ପ୍ରାୟ ଅଧମିନିଟ୍‌କ ମଧ୍ୟରେ ଦୁଇ ଜଣ ଆରୋହୀଙ୍କୁ ନେଇ ମୋଟର ସାଇକେଲଟି ଛୁଟି ଚାଲିଲା ପୋଲିସ ହେଡ୍‌କ୍ୱାର୍ଟର୍ସ ଅଭିମୁଖେ ।

ରାତି ବାରଟା ହେବ ସେତେବେଳକୁ ।

ଚଉଦ

ପୋଲିସ ହେଡ୍‌କ୍ୱାର୍ଟରରେ ପହଞ୍ଚି ଆସନ ଗ୍ରହଣ କଲାମାତ୍ରେ ଜଣେ କନେଷ୍ଟବଲ ଖଣ୍ଡିଏ ଚିଠି ଦେଇ କହିଲା—"ଜଣେ ଲୋକ ଦେଇଯାଇଚନ୍ତି··· ଭଣ ଜରୁରୀ ଚିଠି ।" ଉମାଶଙ୍କରବାବୁ ମୁଣ୍ଡରୁ ଟୋପିଟା କାଢ଼ି ଟେବୁଲ୍ ଉପରେ

Digitized by PPRACHIN, SOA

ରଖିଦେଇ ଚିଠିଟା ଖୋଲିଦେଲେ । ଭିତରେ ବଡ଼ ସାଦା କାଗଜ ଖଣ୍ଡେ । ତଳକୁ ଗୋଟିଏ ନକ୍ସା । ଚିଠିଟା ପଢ଼ିଲେ—

"ନମସ୍ତେ ଉମାଶଙ୍କରବାବୁ !

ସେଠ୍ ଗୋବିନ୍ଦ ଦାସର ପ୍ରକୃତ ପରିଚୟ ହେଉଚି ରାଜସ୍ଥାନର ବିଖ୍ୟାତ ଦସ୍ୟୁ ଗୁରୁଦାସ ରାଠୋର ସାବଧାନ ! ତା' ଘରେ ପଶିବା ପୂର୍ବରୁ ଯେପରି ବିଜୁଳି ସଂଯୋଗ କାଟିଦିଅନ୍ତୁ । ନଚେତ୍ କାହାରି ପତ୍ତା ରହିବ ନାହିଁ । ତଳେ ଘରର ନକ୍ସା । ସେଇ ଅନୁସାରେ ଖୋଜିଲେ ଭୂଗର୍ଭ କୋଠରୀରୁ ବହୁ ରହସ୍ୟ ଜାଣିପାରିବେ । ଇତି ।

"ଦୀପକ୍—"

"ଅଶେଷ ଧନ୍ୟବାଦ"—କହି ଚିଠିଖଣ୍ଡି ନବୀନବାବୁଙ୍କ ହାତକୁ ବଢ଼ାଇଦେଲେ ଉମାଶଙ୍କରବାବୁ । ଚିଠିଟା ପଢ଼ୁ ପଢ଼ୁ ଉମାଶଙ୍କରବାବୁ ଟେଲିଫୋନ ଉଠାଇଲେ ଏସ୍: ପି: ସାହେବଙ୍କ ଉଦ୍ଦେଶ୍ୟରେ ।

···ହ୍ୟାଲୋ···

···ନମସ୍କାର···

···ଜରୁରୀ···

ଆଚ୍ଛା

ଇତିମଧ୍ୟରେ ନବୀନବାବୁ ଚିଠିଟି ପଢ଼ିନେଇଥିଲେ । ସେ ହସି ହସି କହିଲେ—"ସାବାସ । ଖୁବ୍ ସାହସୀ ତ ଦସ୍ୟୁର । ବହୁତ ଖବର ରଖିପାରୁଚି । ଆମକୁ ମଧ୍ୟ ସାହାଯ୍ୟ କରୁଚି । ତେବେ ଆତ୍ମପ୍ରକାଶ କରୁନାହିଁ କାହିଁକି ।"

ଉମାଶଙ୍କରବାବୁ ଅନ୍ୟମନସ୍କ ଭାବରେ କହିଲେ—"ସେ ସବୁଦିନେ ସେଇପରି ।"

ଅଳ୍ପ ସମୟ ପରେ ଏସ: ପି: ସାହେବଙ୍କ ଗାଡ଼ିର ହର୍ଣ୍ଣ ଶୁଭିଲା ଫାଟକ ପାଖରେ ।

ରାତି ପାହିବାକୁ ଆଉ ଦୁଇ ଘଣ୍ଟା ବାକି । କିନ୍ତୁ ଏହି ଅଳ୍ପ ସମୟ ମଧ୍ୟରେ ଉମାଶଙ୍କରବାବୁ ଆଉ ଏ: ପି: ସାହେବଙ୍କ ଉଦ୍ୟମରେ ସମସ୍ତ ପ୍ରକାର

Digitized by PPRACHIN, SOA

ସୁବ୍ୟବସ୍ଥା କରାଯାଇପାରିଥିଲା । ପ୍ରାୟ ପଚାଶ ଜଣ ସୁଶିକ୍ଷିତ ଆଉ ସଶସ୍ତ୍ର ପୋଲିସ ସେଠ୍ ଗୋବିନ୍ଦ ଦାସଙ୍କ କୋଠିକୁ ଅତି ଗୋପନରେ ଘେରାଉ କରିନେଇଥିଲେ । ଏପରି କି ସଦର ଫାଟକ ପାଖରେ ସଦା ଜାଗ୍ରତ ଦରଓ୍ୱାନ ଦୁଇଟା ମଧ୍ୟ ସ୍ୱାର ପତ୍ତା ପାଇପାରିଲେ ନାହିଁ ।

ଖାଲି ସେତିକି ନୁହେଁ; ସେଆଡ଼େ ଜମିଦାର ଧୀରେନ୍ଦ୍ର ନାରାୟଣ ଭଞ୍ଜଦେଓଙ୍କ ବଗିଚା ଘର ମଧ୍ୟ ଅନୁରୂପ ଘେରାଇ ହୋଇଥିଲା । ସେଠି ପୋଲିସ-ବାହିନୀର ଅଧିନାୟକତ୍ୱ ନେଇଥିଲେ ସ୍ୱୟଂ ଏସ: ପି: ସାହେବ । ତାଙ୍କର ସହାୟକ ଭାବରେ ଥିଲେ ନବୀନବାବୁ ।

ଘଣ୍ଟାରେ ବାଜିଲା ଠିକ୍ ସାଢ଼େ ଚାରି । ପୂର୍ବ ନିର୍ଦ୍ଧାରିତ ବ୍ୟବସ୍ଥା ଅନୁଯାୟୀ ତତ୍‌କ୍ଷଣାତ୍ ସେଠ୍‌ଜୀଙ୍କ ଘରର ବିଜୁଳି ସଂଯୋଗ କାଟିଦିଆଗଲା । ତାହାରେ ଯେଉଁ କେତୋଟି ଆଲୁଅ ଜଳୁଥିଲା; ଦପ୍ କରି ଲିଭିଗଲା । ଏପରି ଅସ୍ୱାଭାବିକ ପରିସ୍ଥିତିରେ ଫାଟକ ପାଖର ଦରଓ୍ୱାନ୍ ଦୁଇଟା କିଛି ବୁଝି ପ୍ରତିକାର କରିବା ପୂର୍ବରୁ କେଇଜଣ ପୋଲିସ ସଙ୍ଗୀନ ମୁନ ଦେଖାଇ ସେମାନଙ୍କୁ ସଙ୍ଗେ ସଙ୍ଗେ ନିରସ୍ତ୍ର ଏବଂ ବନ୍ଦୀ କଲେ ।

ଠିକ୍ ତା ପରେ ଉମାଶଙ୍କରବାବୁ ଆଉ ତାଙ୍କ ପଛେ ପଛେ ସମଗ୍ର ପୋଲିସବାହିନୀ ପଶିଗଲେ ଘର ଭିତରେ । ପ୍ରତିବନ୍ଧକ ସାମାନ୍ୟ ଦରଜା ମାତ୍ର । ଦୁଇ ଚାରିଟା ବନ୍ଧୁକ ଚିଅରେ ସେ ବି ଖଲପଡ଼ିଲା । ସେଠ୍‌ଜୀଙ୍କୁ ଅଧିକଗୁଡ଼ାଏ କଷ୍ଟ ସ୍ୱୀକାର କରିବାକୁ ପଡ଼ିଲା ନାହିଁ । ସୁସୁପ୍ତି ଭାଙ୍ଗିବା ବା ପୂର୍ବରୁ ତାଙ୍କର ହାତ ଦୁଇଟି ଏକାଠି ହୋଇ ଯାଇଥିଲା—ହାତକଡ଼ି ଭିତରେ । ତାଙ୍କର ପ୍ରତ୍ୟେକ କର୍ମଚାରୀ ମଧ୍ୟ ବିନା ବାଧାରେ ସେଇ ଅବସ୍ଥା ବରଣ କଲେ ।

ଏସ: ପି: ସାହେବ ମଧ୍ୟ ଠିକ୍ ସେତିକିବେଳେ ରେଶମ ବ୍ୟବସାୟୀ ଆଉ ଅନ୍ତର୍ଘାତୀ ଦଳର ସର୍ଦ୍ଦାର ଫିରୋଜ ଖାଁ ଏବଂ ତାର ସହକର୍ମୀ ଧୀରେନ୍ଦ୍ର ନାରାୟଣ ଭଞ୍ଜଦେଓଙ୍କ ମ୍ୟାନେଜରଙ୍କୁ ହାତକଡ଼ି ପିନ୍ଧାଇ ଦେଇଥିଲେ । ଉଭୟେ ପରସ୍ପର ମଧ୍ୟରେ ଓ୍ୱାୟାରଲେସ ସଂଯୋଗ ରଖି କାମ କରୁଥିଲେ । କୌଣସି ପ୍ରକାର ବ୍ୟତିକ୍ରମ ଘଟି ନ ଥିଲା ନିର୍ଦ୍ଧାରିତ ବ୍ୟବସ୍ଥାରେ ।

ସକାଳ ହେଲାମାତ୍ରେ ନକ୍‌ସା ଅନୁଯାୟୀ ଖାନତଲାସ ଆରମ୍ଭ ହେଲା । ଓଃ ! ଏତେ ଜିନିଷ ପୁଣି ବାହାରିପାରେ ! ଜାଲ ଟଙ୍କା, ନୋଟ୍, ସୁନା, ସୁନା ଇଟା

Digitized by PPRACHIN, SOA

ସୁନା ଛଡ଼, ଦେଶୀବିଦେଶୀ ମୋହର, ସବୁ ମିଶି ପ୍ରାୟ ଏକ କୁଇଣ୍ଟାଲ ହେବ । ଭୂଗର୍ଭ କୋଠରୀରୁ ଗୋଟାଏ ଟଙ୍କା ଜାଲ ନୋଟ କାରଖାନା ମଧ୍ୟ ବାହାରିଲା । ବାହାରେ ହଜାର ହଜାର ଲୋକଙ୍କ ଭିଡ଼ । ସମସ୍ତଙ୍କ ମୁହଁରେ ଏ ତୁଳସୀମାଳଧାରୀ ସୈତାନଙ୍କ ସମାଲୋଚନା ।

ଏସ୍: ପି: ସେଆଡ଼ୁ ସମସ୍ତଙ୍କୁ ବାନ୍ଧି ଆସିଲେ ସେଠ୍‌ଜୀଙ୍କ ଘରପାଖକୁ । ସମସ୍ତଙ୍କୁ ଗୋଟିଏ ଚେନ୍‌ରେ ଛନ୍ଦି ଭ୍ୟାନରେ ଭର୍ତ୍ତି କରିଦିଆଗଲା । ତାକୁ ଗାର୍ଡ଼କରି ଦୁଇଟା ପୋଲିସ ଭ୍ୟାନ ଆଗପଛ ହୋଇ ଚାଲିବାକୁ ପ୍ରସ୍ତୁତ ହୋଇ ରହିଲା । ଠିକ୍ ଏତିକିବେଳେ ନବୀନବାବୁ ଆସି ଉମାଶଙ୍କରବାବୁ ଆଉ ଏସ୍: ପି: ସାହେବଙ୍କୁ ନମସ୍କାର କଲେ । ନବୀନବାବୁଙ୍କ ଦେହରେ ନ ଥିଲା ପୋଲିସର ପୋଷାକ । ଜଣେ ସାଧାରଣ ଭଦ୍ରଲୋକର ବେଶରେ ନିଜକୁ ସଜ୍ଜିତ କରିଥିଲେ ସେ । ଉମାଶଙ୍କର ବାବୁଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେ ଆଶ୍ଚର୍ଯ୍ୟ ହୋଇ କହିଲେ—ଏ କଣ ନବୀନ ? ତୁମର ଡ୍ରେସ୍-ବଦଳରେ ଏ କଣ ?"

ନବୀନବାବୁ ହସି ହସି କହିଲେ—"ମୋର କାମ ସରିନାହିଁ ଆଜ୍ଞା ! ଏ ତ ମାତ୍ର ଦୃଶ୍ୟର ଆରମ୍ଭ ! ଏଇଥିରେ ସବୁ ଅଛି —ଗୋଟି ଗୋଟି ଅକାଟ୍ୟ ପ୍ରମାଣ ଦଲିଲ, ଫଟୋଗ୍ରାଫ୍ ଆଉ ଆପଣଙ୍କର ଟେପ୍‌ରେକର୍ଡ଼, ଯାହା ଚୋରି ହୋଇଯାଇଛି ସବୁ ଅଛି ଏଇ ପ୍ୟାକେଟରେ ।"—କହିବା ସଙ୍ଗେ ସଙ୍ଗେ ବଡ଼ ପ୍ୟାକେଟ୍‌ଟିଏ ବଢ଼ାଇଦେଲେ ତାଙ୍କ ହାତକୁ ।

ଉମାଶଙ୍କରବାବୁ ପ୍ୟାକେଟ୍ ଉପରେ ଲେଖାଥିବା କେତୋଟି ଧାଡ଼ିପ୍ରତି ଆକୃଷ୍ଟ ହୋଇ ପଢ଼ି ବସିଲେ । ଲେଖାଅଛି—

—"ମୁଁ ଆପଣଙ୍କୁ ବହୁତ ଭ୍ରାନ୍ତିରେ ପକାଇଛି । ଅବଶ୍ୟ ହିତଦୃଷ୍ଟିରୁ । କ୍ଷମା ଦେବେ । ବିଦାୟ !

"ଆରେ !"—ଉମାଶଙ୍କରବାବୁ ଚମକିପଡ଼ିଲେ । କାହିଁ, ନବୀନ୍ କାହିଁ ନା ଦୀପକ କାହିଁ ? ଲୋକଗହଳରେ କୁଆଡ଼େ ଲୁଚିଗଲାଣି ।

ଏସ୍: ପି: ସାହେବ ଉମାଶଙ୍କରବାବୁଙ୍କର ଏପ୍ରକାର ଢଙ୍ଗ ଦେଖି ତାଙ୍କ ପାଖକୁ ଆସି ପଚାରିଲେ —"କଣ ହେଲେ ନବୀନବାବୁ ?"

"ନବୀନ ସେ ନୁହେଁ – ଦୀପକ । ଦସ୍ୟୁ ଦୀପକ !"

———

Digitized by PPRACHIN, SOA

ପାଥୀ ପକେଟ୍‌-ବୁକ୍‌-

୧୦।୫ ••• ଫର୍ମ

ତାରଜନ୍ ସିରିଜ—

୧ମ ଜଙ୍ଗଲ ସମ୍ରାଟ ତାରଜନ
୨ୟ ରତ୍ନଦ୍ୱୀପରେ ତାରଜନ
୩ୟ ମହାନଗରରେ ତାରଜନ
୪ର୍ଥ ପାତାଳପୁରରେ ତାରଜନ
୫ମ ସାଗରବୁକୁରେ ତାରଜନ
୬ଷ୍ଠ ଆକାଶପଥେ ତାରଜନ
୭ମ ଆଫ୍ରିକା ଜଙ୍ଗଲରେ ତାରଜନ
୮ମ ଓଡ଼ିଶା ରାଜ୍ୟରେ ତାରଜନ
୯ମ ସାହାରାପଥେ ତାରଜନ
୧୦ମ ଜାମ୍ବେଜିକୂଳେ ତାରଜନ

ସଇତାନ ମଣ୍ଡଳ ସିରିଜ—

୧ମ ସଇତାନ ମଣ୍ଡଳ
୨ୟ ଉଡ଼ନ୍ତା ଖୁଣୀ
୩ୟ ରକ୍ତ କମଳ
୪ର୍ଥ ମୃତ୍ୟୁ ମନ୍ତ୍ର
୫ମ ଅଣଦେଖା ଲିପି
୬ଷ୍ଠ [illegible] କଙ୍କାଳ
୭ମ [illegible]ାଗିନୀ
୮ମ କାଳ କଙ୍କଣ
୯ମ ଅଗ୍ନି ରଥ
୧୦ମ ଅଦେଖା ହାତ

ଦୀପକ ସିରିଜ

୧ମ ଦସ୍ୟୁ ଘାତକ
୨ୟ ଦସ୍ୟୁ ଘାତକ ସାଥୀ ରୂପକ
୩ୟ ଦସ୍ତୁଷ ଘାତକ
୪ର୍ଥ ନାଗାଲାଣ୍ଡରେ ଘାତକ
୫ମ ସୀମାନ୍ତରେ ଘାତକ
୬ଷ୍ଠ ମେଜରଙ୍କ ଅଗ୍ନିମୁଖେ ରୂପକ
୭ମ ସାଗରପଥେ ଘାତକ
୮ମ ବୈଜ୍ଞାନିକ ଘାତକ
୯ମ ଆଫ୍ରିକା ଜଙ୍ଗଲରେ ରୂପକ
୧୦ମ ମଙ୍ଗଳ ଅଭିଯାନରେ ଘାତକ

Digitized by PPRACHIN, SOA